


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-161 ◆SUNDAY ◆7 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୬୧ ◆ରବିବାର ◆୭ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଲାଗି ରହିଛି ଇଣ୍ଡିଗୋ ଅଚଳାବସ୍ଥା

# ବିମାନ ଭଡ଼ା ଧାର୍ଯ୍ୟ କଲେ ସରକାର

### ୨୪ ଘଣ୍ଟାରେ ଟିକଟ ଅର୍ଥ, ୪୮ ଘଣ୍ଟାରେ ଯାତ୍ରୀଙ୍କୁ ଲଗେଜ୍ ଫେରାଇବାକୁ ନିର୍ଦ୍ଦେଶ

**୫୦୦ କିମି ପର୍ଯ୍ୟନ୍ତ ୭,୫୦୦ ଟଙ୍କା**

**୧୮ ହଜାରରୁ ଅଧିକ ଭଡ଼ା ନେଇପାରିବେ ନାହିଁ**

■ ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ଆଜି ମଧ୍ୟ ଜାରି ରହିଛି ଇଣ୍ଡିଗୋ ବିମାନ ସେବା ସଙ୍କଟ । ପାଇଲଟ ଓ ଅନ୍ୟ କ୍ରୁ-ସଦସ୍ୟଙ୍କ ଅଭାବ ଯୋଗୁଁ ପ୍ରତିଦିନ ଶହ ଶହ ବିମାନ ବାତିଲ କରୁଥିବା ଏହି କଂପାନୀ ଏବେ ଯାତ୍ରୀମାନଙ୍କୁ ଅଧିକ ନିର୍ଯାତନା ଦେବା ଆରମ୍ଭ କରିଛି । ବିମାନ ବାତିଲ ସତ୍ତ୍ୱେ ଯାତ୍ରୀଭଡ଼ା ଫେରାଉ ନାହିଁ କି ଯାତ୍ରୀମାନଙ୍କୁ ଲଗେଜ୍ ମଧ ଫେରାଉ ନାହିଁ। ଏହାକୁ ନେଇ ଆଜି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର । ୨୪ ଘଣ୍ଟା ମଧ୍ୟରେ ଟିକଟ ଅର୍ଥ ଏବଂ ୪୮ ଘଣ୍ଟା ମଧ୍ୟରେ ଯାତ୍ରୀଙ୍କୁ ସେମାନଙ୍କ ଲଗେଜ୍ ଫେରାଇବା ଲାଗି କେନ୍ଦ୍ର ସରକାର ଇଣ୍ଡିଗୋ କଂପାନୀକୁ ନିର୍ଦ୍ଦେଶ ଦେଇଛନ୍ତି । କେବଳ ଏତିକି ନୁହେଁ; ଇଣ୍ଡିଗୋ ବିଭ୍ରାଟରୁ ଫାଇଦା ଉଠାଇବାକୁ ଯାଇ ଅନ୍ୟ ବିମାନ ସେବା ପ୍ରଦାନକାରୀ କଂପାନୀ ଟିକଟ ଦର ଅହେତୁକ ବୃଦ୍ଧି କରିଥିବାରୁ କେନ୍ଦ୍ର ସରକାର ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଯାଇ ବିମାନ ଭଡ଼ା ଧାର୍ଯ୍ୟ କରିଛନ୍ତି ।

ଇଣ୍ଡିଗୋ ସଙ୍କଟର ପଞ୍ଚମ ଦିନରେ ଚଢ଼ା ଟିକଟ ମୂଲ୍ୟ ଉପରେ ଲଗାମ ଲଗାଇବାକୁ ସରକାର ସବୁ ଏୟାର ଲାଇନ୍ସ ନିମନ୍ତେ ଘରୋଇ ଉଡ଼ାଣ ପାଇଁ ବିମାନ ଭଡ଼ା ଧାର୍ଯ୍ୟ କରିଛନ୍ତି । ଭଡ଼ାର ସର୍ବାଧିକ ସୀମା ୧୮ ହଜାର ଟଙ୍କା ରଖାଯାଇଛି । ଧାର୍ଯ୍ୟ ଭଡ଼ାଠାରୁ ଅଧିକ ମୂଲ୍ୟ ନ ନେବା ପାଇଁ ଏୟାରଲାଇନ ଗୁଡ଼ିକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସରକାର ▶ପୃଷ୍ଠା-୭

### କାହିଁକି ସଙ୍କଟ

ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ) ଝଡ଼ର ସମ୍ମୁଖୀନ ହୋଇଛି ଇଣ୍ଡିଗୋ ଏୟାରଲାଇନ୍ସ। ଗତ ୧ ତାରିଖରୁ ଲାଗୁ ଏଫଡିଟିଏଲ ନିୟମରେ ପାଇଲଟଙ୍କ ସାପ୍ତାହିକ ବିଶ୍ରାମ ଅବଧିକୁ ୩୬ ଘଣ୍ଟାରୁ ବଢ଼ାଇ ୪୮ ଘଣ୍ଟା କରିଦିଆଯାଇଛି। ରାତିରେ ଅବତରଣ ସଂଖ୍ୟା ୬ରୁ ହ୍ରାସ କରି ଦୁଇ କରି ଦିଆଯାଇଥିଲା। ଏହାଦ୍ୱାରା 'କ୍ରୁ ରୋଷ୍ଟରିଂ'ରେ ଅଧିକ ସୁବିଧା ମିଳୁଥିଲା। ତେବେ ଭାରତର ସବୁଠାରୁ ବଡ଼ ବିମାନ କମ୍ପାନୀ ଇଣ୍ଡିଗୋ ପାଇଁ ଭୟଙ୍କର ସମସ୍ୟା ସୃଷ୍ଟି ହୋଇଛି। ଦେଢ଼ ବର୍ଷରୁ ଅଧିକ ସମୟ ହେଲା ଏହି ନିୟମ କାର୍ଯ୍ୟକାରୀ ପାଇଁ ଏୟାରଲାଇନ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲେ ବି କୌଣସି ସ୍ଥିତିରେ ସୁଧାର ଆସି ନ ଥିଲା। ନିୟମ ଲାଗୁ ହେବା ପରେ ବିଫଳତା ▶ପୃଷ୍ଠା-୭

### ପଞ୍ଚମ ଦିନରେ ୮୦୦ରୁ ଅଧିକ ବାତିଲ



■ ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ପାଇଲଟ ଏବଂ କ୍ରୁ ସଦସ୍ୟଙ୍କ ପାଇଁ ଧାର୍ଯ୍ୟ ନିୟମରୁ ଆଶ୍ୱସ୍ତି ପରେ ବି ଭାରତର ବୃହତ ଏୟାରଲାଇନ ଇଣ୍ଡିଗୋରେ ଅଚଳାବସ୍ଥା ଜାରି ରହିଛି। କ୍ରମାଗତ ପଞ୍ଚମ ଦିନରେ ଶନିବାର ଏହି ଏୟାରଲାଇନ ପ୍ରାୟ ୮୦୦ ବିମାନ ଉଡ଼ାଣକୁ ବାତିଲ କରିଦେଇଛି। ନିୟମ କୋହଳର କୌଣସି ଲାଭ ଯାତ୍ରୀଙ୍କୁ ମିଳିପାରି ନାହିଁ। ବିମାନ ଠିକ୍ ସମୟରେ ଛାଡ଼ିବ କହି ଯାତ୍ରୀଙ୍କୁ ବିମାନବନ୍ଦରକୁ ଡକାଇ ଦିଆଯାଉଛି। ସେଠାରେ ପହଞ୍ଚିବା ପରେ ବିମାନ ବିଳମ୍ବିତ ଥିବା କୁହାଯାଉଛି। ଦୁଇ ଚାରି ଘଣ୍ଟା ଯାତ୍ରୀ ଅପେକ୍ଷା କରିବା ପରେ ବିମାନକୁ ବାତିଲ କରିଦିଆଯାଉଛି। ଶେଷରେ ଯାତ୍ରୀ କାନ୍ଦି ▶ପୃଷ୍ଠା-୭

**ହଟିବେ ଇଣ୍ଡିଗୋ ସିଇଓ ପିଟର ଏଲ୍‌ବର୍ସ**

## ଏଏନ୍‌ଏମ୍ ପରୀକ୍ଷା ବାତିଲ ନେଇ ନବୀନଙ୍କ କ୍ଷୋଭ

# ବାରମ୍ବାର ପରୀକ୍ଷା ବାତିଲ ପିଲାଙ୍କ ସ୍ୱପ୍ନକୁ ଧୂଳିସାତ୍ କରୁଛି



**"ସମସ୍ତ ପରୀକ୍ଷା ନିୟମିତ ଏବଂ ସ୍ୱଚ୍ଛତାର ସହ ହେବାକୁ ସୁନିଶ୍ଚିତ କରାନ୍ତୁ ସରକାର"**

■ ଭୁବନେଶ୍ୱର, ୬।୧୨ (ସମିସ): ଏଏନ୍‌ଏମ୍ ପରୀକ୍ଷା ବାତିଲକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବାରମ୍ବାର ପରୀକ୍ଷା ବାତିଲ ହେବା ଲକ୍ଷ ଲକ୍ଷ ପିଲାଙ୍କ ସ୍ୱପ୍ନକୁ ଧୂଳିସାତ୍ କରୁଛି । ଏଏନ୍‌ଏମ୍ ପରୀକ୍ଷା ବାତିଲ କରି ରାଜ୍ୟ ବିଜେପି ସରକାର ପୁଣି ହଜାର ହଜାର ଆଶାୟୀଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଇଛନ୍ତି ବୋଲି ନବୀନ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ପ୍ରକାଶଯୋଗ୍ୟ, ନିକଟରେ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପୂର୍ବରୁ ଆଶାୟୀଙ୍କଠାରୁ ମୋଟା ଅଙ୍କର ଟଙ୍କା ନିଆଯାଇ ପ୍ରଶ୍ନୋତ୍ତରୀ ଅଭ୍ୟାସ କରାଇବା ଭଳି ଅଭିଯୋଗ ହେବା ପରେ ଏହି ଘଟଣାର ସିବିଆଇ ତଦନ୍ତ ଚାଲିଛି । ଫଳରେ ଲକ୍ଷ ଲକ୍ଷ ଆଶାୟୀ ହତାସ ହୋଇପଡ଼ିଛନ୍ତି । ସେହିପରି ଆର୍‌ଆଇ, ଅମିନ ପରୀକ୍ଷାରେ ଅନିୟମିତତା ଅଭିଯୋଗ ପରେ ଓଡ଼ିଶା ହାଇକୋର୍ଟ ପରୀକ୍ଷାକୁ ରଦ୍ଦ କରିଦେଇଛନ୍ତି । ଶିକ୍ଷକମାନଙ୍କ ପାଇଁ ହୋଇଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହେବା ପରେ ଏହାକୁ ବାତିଲ୍ ପରେ ପୁଣିଥରେ କରାଯାଇଛି । ସେହିପରି ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାକୁ ବାତିଲ କରାଯାଇଥିବାବେଳେ ପରୀକ୍ଷା ପରିଚାଳନା ସଂସ୍ଥାର ବିଶ୍ୱସନୀୟତା ଉପରେ ସନ୍ଦେହ ପ୍ରକଟ କରି ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପଦବୀ ପାଇଁ ହୋଇଥିବା ପରୀକ୍ଷାକୁ ମଧ୍ୟ ▶ପୃଷ୍ଠା-୭

## ଭାରତର ଦିନିକିଆ ସିରିଜ୍ ବିଜୟ




**ଜୟସ୍ୱାଲଙ୍କ ପ୍ରଥମ ଶତକ ୧୧୬***

■ ବିଶାଖାପାଟଣା, ୬।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ହରାଇ ଭାରତ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆରେ ବିଜୟୀ ହୋଇଛି । ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତିନେଇଛି । ପୂର୍ବରୁ ରାଞ୍ଚିରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଭାରତ ୧୭ ରନ୍‌ରେ ଓ ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆକୁ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ଜିତିଥିଲା । ଫଳରେ ଭାରତ ଟେଷ୍ଟ ସିରିଜ୍‌ରେ ୦-୨ ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଛି । ଟେଷ୍ଟ ଓ ଦିନିକିଆ ସିରିଜ୍ ପରେ କଟକର ବାରବାଟୀ ଷ୍ଟାଡିୟମ୍‌ରୁ ଆସନ୍ତା ୯ରୁ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅରମ୍ଭ ହେବ ।

ତୃତୀୟ ଦିନିକିଆ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୭୦ ରନ୍‌ରେ ଅଲ୍‌ଆଉଟ ହୋଇଥିଲା । ଜବାବରେ ଭାରତ କେବଳ ରୋହିତ ଶର୍ମା (୭୫)ଙ୍କ ୱିକେଟ ହରାଇ ବିଜୟୀ ହୋଇଥିଲା । ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୧୧୬ ଓ ବିରାଟ କୋହଲି ୬୫ ରନ୍‌ରେ ଅପରାଜିତ ରହିଥିଲେ । ଦିନିକିଆ କ୍ରିକେଟ୍‌ରେ ପ୍ରଥମ ଶତକ ହାସଲ କରିଥିବା ଭାରତୀୟ ଓପନର ଜୟସ୍ୱାଲ 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଓ ୨ଟି ଶତକ, ଗୋଟିଏ ଅର୍ଦ୍ଧଶତକ ସହ ୩୦୨ ରନ୍ କରିଥିବା ବିରାଟ କୋହଲି ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।

## ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ ଉଦ୍‌ଘାଟିତ

# ଓଡ଼ିଶା ହେବ ଗ୍ରୀନ୍ ଏନର୍ଜି ହବ୍: ମୁଖ୍ୟମନ୍ତ୍ରୀ

■ ପୁରୀ, ୬।୧୨ (ସମିସ): ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି। ଏହା ସଦାସର୍ବଦା ଆମକୁ ଆତ୍ମନିର୍ଭର କରିବା ଦିଗରେ ସହାୟକ ହୋଇଥାଏ। ପ୍ରତ୍ୟେକ ରାଜ୍ୟ ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ରାଜ୍ୟର ବିକାଶରେ ଶକ୍ତିଯୋଗାଣ ଶୃଙ୍ଖଳକୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି। ଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ବ୍ୟୟ କମାଇ ଓଡ଼ିଶା ଗ୍ରୀନ୍-ଏନର୍ଜି ରାଜ୍ୟ ଭାବେ ଉଭା ହେବ। ଶନିବାର ପୁରୀଠାରେ ଦୁଇଦିନିଆ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ (ଜିଇଏଲ୍‌ଏସ୍)କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଇଏଲ୍‌ଏସ୍ ହେଉଛି କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞମାନଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ଓ ସ୍ଥାୟିତ୍ୱ ହାସଲ କରିବା ପାଇଁ ଏକ ଅଭିନବ ପ୍ରୟାସ। ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ୱଷ୍ଟ ରୋଡ୍-ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ। ୨୦୧୪ ମସିହା ପୂର୍ବରୁ

**ଓଡିଶା ପାଇଁ ଦେଢ ଲକ୍ଷ ସୂର୍ଯ୍ୟ ଘର ଅନୁମୋଦିତ: କେନ୍ଦ୍ରମନ୍ତ୍ରୀ**

ଦେଶରେ ଘରୋଇ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା। ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ୍ ଉତ୍ପାଦନ ଯଥେଷ୍ଟ ନଥିଲା। ଗ୍ରାମାଞ୍ଚଳରେ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସାଧାରଣ ଘଟଣା ଥିଲା। ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ ପ୍ରଭାବିତ କରୁଥିଲା। କିନ୍ତୁ, ଗତ ଦଶନ୍ଧିରେ ଏ ସବୁରେ ଉନ୍ନତି ଆସିଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଶକ୍ତି ମନ୍ତ୍ରଣାଳୟର ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ବର୍ତ୍ତମାନ ତାପଜ ଉତ୍ସରୁ ଭାରତର ବିଦ୍ୟୁତ୍ ଉତ୍ପାଦନ ମାତ୍ର ୫୧ପ୍ରତିଶତ ରହିଛି। ଆଗାମୀ କିଛି ଦିନ ମଧ୍ୟରେ ଏହା ଆହୁରି ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସ୍ଥାୟୀ ଭାବରେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ରାଜ୍ୟ ସରକାର ୨୦୭୦ ସୁଦ୍ଧା 'ନେଟ୍ ଜିରୋ କାର୍ବନ ଏମିସନ' ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଓଡ଼ିଶାର ଶିଳ୍ପନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ନବୀକରଣୀୟ ▶ପୃଷ୍ଠା-୭

## ଲାଞ୍ଜିବେର୍ଣ୍ଣାରେ ଅଭାବନୀୟ ଘଟଣା

# ନିଜକୁ ଜାଳିଦେଲେ ନାବାଳିକା ଛାତ୍ରୀ

**ସଂକଟାପନ୍ନ ଅବସ୍ଥାରେ ଆଇଜିଏଚ୍‌ରେ ଭର୍ତ୍ତି**

**ଶରୀରର ୯୦ ଭାଗ ପୋଡ଼ି ଯାଇଛି**

**ପ୍ରେମିକ ଅଟକ**

■ ରାଉରକେଲା, ୬।୧୨ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଥାନା ଅଧୀନ ଲାଞ୍ଜିବେର୍ଣ୍ଣା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଜଣେ ନାବାଳିକା ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ନାବାଳିକାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଛି। ତାଙ୍କୁ ଅତି ଗୁରୁତର ଅବସ୍ଥାରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ବର୍ଣ୍ଣ ୟୁନିଟ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଛି।

ଅପରପକ୍ଷେ, ପରିବାରବର୍ଗ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ପୁଲିସକୁ ଅନୁରୋଧ କରିଛନ୍ତି। ରାଜଗାଙ୍ଗପୁର ଥାନା ପୁଲିସ ଏହି ଘଟଣାରେ ସନ୍ଦେହ କରି ଜଣେ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଏହି ଘଟଣା ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଲାଞ୍ଜିବେର୍ଣ୍ଣା ଗାଁର ସମ୍ପୃକ୍ତ ନାବାଳିକାଜଣଙ୍କ ରାଜଗାଙ୍ଗପୁରରେ ଏକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅନର୍ସ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ। ▶ପୃଷ୍ଠା-୭

## ୬ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା

■ ଭୁବନେଶ୍ୱର, ୬।୧୨ (ସମିସ): ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା ଓ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା ନାମରେ ଦୁଇଟି ନୂତନ ଯୋଜନା ଉପରେ ରାଜ୍ୟ କ୍ୟାବିନେଟ୍ ମୋହର ବାଜିଛି। ମୁଖ୍ୟମନ୍ତ୍ରୀ ରେସମ ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ୨୭୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା ପାଇଁ ୪୯୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ଏହି ଦୁଇ ନୂତନ ଯୋଜନା ସମେତ ମୋଟ୍ ୬ ଟି ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ବାଜିଥିବା ନେଇ ଶନିବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ରାଜ୍ୟ ବିଧାନସଭାରେ ଅବଗତ କରାଇଛନ୍ତି। ସେହିପରି କ୍ୟାବିନେଟ୍‌ରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ସ୍ୱାସ୍ଥ୍ୟ, ଆଇନ ଓ ଉଚ୍ଚଶିକ୍ଷା ବିଭାଗରେ ମଧ ଗୋଟିଏ ଲେଖାଏଁ ନିଷ୍ପତ୍ତିକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନିଷ୍ପତ୍ତି ଅନୁଯାୟୀ ରେଶମ ବିକାଶ ଯୋଜନା ମାଧ୍ୟମରେ ରେଶମ ଶିଳ୍ପକୁ ଅଧିକ ସଶକ୍ତ, ସମ୍ପ୍ରସାରିତ କରିବା, ଭିତ୍ତିଭୂମି ସଂରଚନା ଆଦି କରାଯିବ। ଏହି ଯୋଜନାରେ ଜରିଆରେ ରେଶମ କୀଟର ବିହନ ପ୍ରସ୍ତୁତ, ରେଶମ ପ୍ରଜାତିର ସଂରକ୍ଷଣ ସହ ନୈତିକ ଉପାୟରେ କରୁଣା ରେଶମର ଉତ୍ପାଦନ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ। ସେହିପରି ରେଶମ ଚାଷୀଙ୍କୁ ଆବଶ୍ୟକୀୟ ପ୍ରୋତ୍ସାହନ, ମୂଳଧନ ସହାୟତା ପ୍ରଦାନ ଏବଂ ସମବାୟ ସମିତି ଜରିଆରେ ରେଶମ ଉତ୍ପାଦର ବଜାରୀକରଣ କରି ସେମାନଙ୍କୁ ଉଚିତ ମୂଲ୍ୟ ଯୋଗାଇବା ପାଇଁ ସଠିକ୍ ବାତାବରଣ ସୃଷ୍ଟି କରିବା ସହ ଅଭାବୀ ବିକ୍ରିରୁ ଚାଷୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଏହି ଯୋଜନା ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନାକୁ ଅନୁମୋଦନ ଦେଇ ନୂତନ ନିବେଶକୁ ଆକର୍ଷିତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଉତ୍ପାଦକତାକୁ ବୃଦ୍ଧି କରିବା,

**ଓଡ଼ିଶା ଜୁଡିସିଆଲ୍ ସର୍ଭିସ ନିୟମରେ ପରିବର୍ତ୍ତନ**

**ଗଠନ ହେବ ଓଡ଼ିଶା ଔଷଧ ବିକାଶ ସେଲ୍**

ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ସଶକ୍ତ କରିବା ଓ ରାଜ୍ୟରେ ଏକ ପ୍ରତିଯୋଗିତାମୂଳକ ବୟନ ମୂଲ୍ୟ ଶୃଙ୍ଖଳା ଗଠନ କରିବା ପାଇଁ ସରକାର ଆଶା ରଖିଛନ୍ତି। ଓଡ଼ିଶା ପୋଷାକ ଓ ବୈଷୟିକବସ୍ତ୍ରନୀତି -୨୦୨୨ ଓ ଶିଳ୍ପନୀତିସଂକଳ୍ପ-୨୦୧୫ ଅନୁଯାୟୀ ନୂତନବସ୍ତ୍ର ଉତ୍ପାଦନସଂସ୍ଥାଗୁଡ଼ିକୁ ମିଳୁଥିବା ସୁବିଧା ସହିତ, ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା କୌଶଳ ଉନ୍ନତି ଓ ଉଦ୍ୟୋଗୀ ସହାୟତାରେ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବ ବୋଲି ସରକାର ଆଶା ରଖିଛନ୍ତି।

ସେହିପରି ସୁପ୍ରିମକୋର୍ଟଙ୍କ ୨୦ ମେ'ର ରାୟକୁ ଆଧାର କରି ରାଜ୍ୟ ▶ପୃଷ୍ଠା-୭

# ବେକରେ ରଶି ଲଗାଇ ଗାଁ ଦାଣ୍ଡରେ ଘୋଷାଡ଼ିଲେ

**ଅଚେତ ଯୁବକଙ୍କୁ ଫାଣ୍ଡି ଆଗରେ ଫିଙ୍ଗିଦେଲେ**

**ଭିଡିଓ ଭାଇରାଲ, ଥାନାରେ ମାମଲା**



■ ବାଲେଶ୍ୱର, ୬।୧୨ (ସମିସ): ଯୁବକଙ୍କ ବେକରେ ରଶି ଲଗାଇ ଗାଁ ଦାଣ୍ଡରେ ଘୋଷାଡ଼ିଲେ। ୧୦୦ କି ୨୦୦ ମିଟର ନୁହେଁ, ଦୀର୍ଘ ୨କିମିରୁ ଊର୍ଦ୍ଧ୍ୱ ବାଟ ସେମିତି ଘୋଷାଡ଼ି ଘୋଷାଡ଼ି ନେଲେ। ମଝିମଝିରେ ତାଙ୍କୁ ରାସ୍ତାରୁ ଉଠାଇ ମିଳିମିଶି ଗୋଇଠା, ବିଧା, ଚାପୁଡ଼ା ବି ମାରିଲେ। ସେତିକିରେ ମନ ଶାନ୍ତି ହେଲାନି ଯେ ଏପରି ଅକଥନୀୟ ନିର୍ଯାତନା ସହି ନପାରି ଚେତାଶୂନ୍ୟ ହୋଇଯିବା ପରେ ଯୁବକଙ୍କୁ ଫାଣ୍ଡି ଆଗରେ ଫିଙ୍ଗି ଦେଇ ଚାଲିଆସିଲେ। ବାଲେଶ୍ୱର ଜିଲ୍ଲା ସଦର ଥାନା ଅନ୍ତର୍ଗତ ପରିଖି ଫାଣ୍ଡି ଅଧୀନରେ ଘଟିଥିବା ଏଭଳି ଏକ ବର୍ବରୋଚିତ ଘଟଣା ବାଲେଶ୍ୱର ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହାର ଏକ ଭିଡିଓ ଏବେ ଜୋରସୋର୍‌ରେ ଭାଇରାଲ ହେବାରେ ଲାଗିଛି। ଏପରି ଅମାନୁଷିକ ନିର୍ଯାତନାର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ପରିଖି ଅଞ୍ଚଳର ଦେବାଶିଷ ହାତୀ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଛି। ହସ୍ପିଟାଲ ବେଡ୍‌ରେ ସେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

**ମରିଗଲାଣି ମାନବିକତା**

ଏ ସଂପର୍କରେ ଦେବାଶିଷଙ୍କ ପତ୍ନୀ ସଦର ଥାନାରେ ଅଭିଯୋଗ କରିବାରୁ ପୁଲିସ ନମ୍ବର ୫୭୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିନ୍ତୁ ଏହି ଘଟଣାକୁ ୪ଦିନ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ।

ସୂଚନାନୁଯାୟୀ, ଗତ ୩ ତାରିଖ ଅପରାହ୍ଣ ସାଢ଼େ ୩ଟାରେ ପରିଖି ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ଯେ କିଛି ଗ୍ରାମବାସୀ ଦେବାଶିଷଙ୍କ ବେକ ଓ ଦେହରେ ରଶି ବାନ୍ଧି ତାଙ୍କୁ ଗାଁ ଦାଣ୍ଡରେ ଘୋଷାଡ଼ି ଘୋଷାଡ଼ି ନେଉଛନ୍ତି। ମଝି ରାସ୍ତାରେ ତାଙ୍କୁ ବିଧା ଗୋଇଠା ମାରିବା ସହ ପୁଣି ତାଙ୍କୁ ବାଇକ୍‌ରେ ବସାଇ ନେଇ ଯାଉଛନ୍ତି। ଏହି ଘଟଣାର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଜମିଜମା ବିବାଦରୁ ଘଟିଥିବା କୁହାଯାଉଛି। କମ୍ ଦାମରେ ଜମି କିଣିବା ପାଇଁ ଗାଁର କିଛି ଲୋକ ଦେବାଶିଷଙ୍କୁ ବାଧ୍ୟ କରୁଥିଲେ। ସେ ରାଜି ନ ହେବାରୁ ତାଙ୍କ ଜମିକୁ ନଷ୍ଟ କରିବା ପରେ ତାଙ୍କୁ ▶ପୃଷ୍ଠା-୭

## ଖସୁଛି ପାରଦ

## ସାରା ରାଜ୍ୟ କାଲୁଆ

■ ଭୁବନେଶ୍ୱର, ୬।୧୨ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତ ଜାରି ରହିଛି। ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଅଞ୍ଚଳ, ସବୁଠି ପାରଦ ଖସିବା ଯୋଗୁଁ ଶୀତର ପ୍ରଭାବ ବୃଦ୍ଧି ପାଇଛି। ଆଗାମୀ ୭ ଦିନ ଯାଏଁ ରାଜ୍ୟରେ ପାଗରେ କୌଣସି ପରିବର୍ତ୍ତନ ସମ୍ଭାବନା ନଥିବା ବେଳେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିପାଇଁ ଆଗକୁ ମଧ ଶୀତ ପ୍ରାୟ ଜାରି ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଜି ଉଦୟ ଗିରିରେ ସବୁଠୁ ଥଣ୍ଡା ରେକର୍ଡ ହୋଇଛି। ଏଠାରେ ତାପମାତ୍ରା ୫.୬ ଡିଗ୍ରୀକୁ ଖସିଛି। ସେହିପରି କିରେଇରେ ତାପମାତ୍ରା ୯.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ▶ପୃଷ୍ଠା-୭

# ଭାରତ-ଆମେରିକା ସଂପର୍କକୁ ତିକ୍ତ କରିବ କି ପୁତିନଙ୍କ ଗସ୍ତ ?

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଥମିବାର ନାମ ଧରୁନି । ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ଉପରେ କ୍ଷୁବ୍ଧ ଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁତିନଙ୍କୁ ଏକଘରିକିଆ କରିବାକୁ ଯୋଜନା ଚଳାଇଛନ୍ତି । ଏଭଳି ସ୍ଥିତିରେ ପୁତିନଙ୍କ ଭାରତ ଗସ୍ତକୁ ସେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ତେଣୁ ଭାରତ-ଆମେରିକା ସଂପର୍କ ବିଗିଡ଼ିବ ବୋଲି କୁହାଯାଉଛି । ତେବେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏଭଳି ଆଶଙ୍କାକୁ ଏଡ଼ାଇଛନ୍ତି । ସେ କହିଛନ୍ତି ଯେ ପୁତିନଙ୍କ ଗସ୍ତ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ପ୍ରଭାବିତ କରିବ ନାହିଁ ।



ପ୍ରଭାବିତ ହେବନାହିଁ ଭାରତ-ଆମେରିକା ସମ୍ପର୍କ: ଜୟଶଙ୍କର

ଆଜି ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍ ସମିଟ୍‌ରେ ସେ କହିଛନ୍ତି ।।ଯେ ପୁତିନଙ୍କ ଗସ୍ତ ଭାରତ- ଆମେରିକା ବାଣିଜ୍ୟ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ଗୁଜବ ପ୍ରଚାର କରାଯାଉଛି । ଏହାକୁ ଖଣ୍ଡନ କରି ସେ କହିଛନ୍ତି ।।ଯେ ଭାରତ କାହା ସହିତ ବନ୍ଧୁତ୍ୱ କରିବ ସେ ନେଇ କେବଳ ଭାରତ ହିଁ ନିଷ୍ପତ୍ତି ନେବ ଓ ଏଥିରେ ଅନ୍ୟ କାହାର ପ୍ରଭାବ ରହିବ ନାହିଁ । ବିଶ୍ୱର ସବୁ ବଡ଼ ଦେଶ ସହ ଭାରତର ସମ୍ପର୍କ ରହିଛି । ଭାରତର ସମ୍ପର୍କ ଅନ୍ୟ ଦେଶର ମତ ଉପରେ ନିର୍ଭର କରେ ନାହିଁ । ଆମେରିକା ସହ ବାଣିଜ୍ୟ ସମ୍ପର୍କ ଉପରେ ମଧ୍ୟ ସେ ମତ ଦେଇଥିଲେ । ଭାରତ ନିଜର କୃଷକ, ଶ୍ରମିକ ଓ ଛୋଟ ବ୍ୟବସାୟୀଙ୍କ ସ୍ୱାର୍ଥ ସହ କୌଣସି ସାଲିସ କରି କାହା ସହ ବାଣିଜ୍ୟ ସମ୍ପର୍କ ରଖିବ ନାହିଁ । ସେହିପରି ଭାରତ ଓ ରୁଷିଆ ମଧ୍ୟରେ ଥିବା ସମ୍ପର୍କ ସବୁଠାରୁ ଦୃଢ଼ ସମ୍ପର୍କ ମଧ୍ୟରେ ଅନ୍ୟତମ । ଏହି ସମ୍ପର୍କ ବିଶ୍ୱରେ ସବୁଠାରୁ ସ୍ଥିର, ମଜଭୁତ । ଦୁଇ ଦେଶ ମଧ୍ୟରେ ଥିବା ଅସନ୍ତୁଳନତାକୁ ଦୂର କରିବା ପୁତିନଙ୍କ ଗସ୍ତର ମୁଖ୍ୟ ଲକ୍ଷ୍ୟ ଥିଲା ବୋଲି ସେ କହିଛନ୍ତି । ଡିସେମ୍ବର ୧୦ରୁ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ବନ୍ଧୀୟ କଥାବାର୍ତ୍ତା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବର୍ଷକୁ ୧୯୧ ବିଲିଅନ ଡଲାରର ବାଣିଜ୍ୟ ହେଉଛି । ୨୦୩୦ ବେଳକୁ ଏହାକୁ ୫୦୦ ବିଲିଅନ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ।



# ଯେପର୍ଯ୍ୟନ୍ତ ଚାହିଁବେ ହସିନା ଭାରତରେ ରହିପାରିବେ



ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭାରତ ରହଣିକୁ ନେଇ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସ୍ପଷ୍ଟ ଭାବେ ନିଜର ମତ ଦେଇଛନ୍ତି । ଯେପର୍ଯ୍ୟନ୍ତ ଚାହିଁବେ ହସିନା ଭାରତରେ ରହିପାରିବେ । ଭାରତରେ ରହିବା ତାଙ୍କ ପସନ୍ଦ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି ।

୭୮ ବର୍ଷୀୟା ହସିନା ଗତବର୍ଷ ଅଗଷ୍ଟରେ ଭାରତ ଆସିଥିଲେ । ବାଂଲାଦେଶରେ ତାଙ୍କର ୧୫ ବର୍ଷର ଶାସନକୁ ଏକ ହିଂସାତ୍ମକ ଆନ୍ଦୋଳନ ସହ ଶେଷ କରାଯାଇଥିଲା । ଏହି ହିଂସାରେ ଶତାଧିକ ଲୋକ ମୃତ୍ୟୁବରଣ କରିଥିଲେ ଓ ହଜାର ହଜାର ଲୋକ ଆହତ ହୋଇଥିଲେ ।ଗତମାସରେଢ଼ାକାରଏକସ୍ୱତନ୍ତ୍ର କୋର୍ଟ ହାସିନାଙ୍କୁ ଏଥିପାଇଁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ ।

ଭାରତରେ ରହିବା ହସିନାଙ୍କ ବ୍ୟକ୍ତିଗତ ମାମଲା । କିନ୍ତୁ ଯେଉଁ ପରିସ୍ଥିତିରେ ସେ ବାଂଲାଦେଶ ଛାଡି ଭାରତ ଆସିଥିଲେ ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ଭାରତରେ ରହିବା ନେଇ ହସିନା ହିଁ ଅନ୍ତିମ ନିଷ୍ପତ୍ତି ନେବେ । ମାନବିକତାକୁ ଦୃଷ୍ଟିରେ ରଖି ଭାରତ ତାଙ୍କୁ ଶରଣ ଦେଇଛି । ତେଣୁ ତାଙ୍କ ସୁରକ୍ଷା ଓ ସୁବିଧା ନେଇ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି । ବାଂଲାଦେଶରେ ଗଣତନ୍ତ୍ରକୁ ଦୃଢ଼ କରିବାର ଆବଶ୍ୟକତା ରହିଛି । ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ହେବା ନେଇ ସେ ଆଶାବାଦୀ ଅଛନ୍ତି । ବାଂଲାଦେଶ ଉନ୍ନତି କରୁ ବୋଲି ଭାରତ ସବୁବେଳେ ଚାହିଁ ଆସିଛି । କିନ୍ତୁ ବାଂଲାଦେଶରେ ଯେତେଶୀଘ୍ର ନିର୍ବାଚନ ହେବ ତାହା ଶୁଭଙ୍କର । ଗଣତନ୍ତ୍ର ପ୍ରକ୍ରିୟାରେ ଯାହା ଫଳାଫଳ ଆସିବ ଭାରତ ତାହାକୁ ସ୍ୱାଗତ କରିବ ଓ ଏହା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କର ଉନ୍ନତି ହେବ ବୋଲି ସେ କହିଛନ୍ତି ।




ଇଣ୍ଡିଗୋ ବିମାନ ସେବାରେ ଅଚଳାବସ୍ଥା ପରେ ବେଙ୍ଗାଲୁରୁ, ଦିଲ୍ଲୀ, କୋଲକାତା ବିମାନ ବନ୍ଦରର ଦୃଶ୍ୟ

## ଖଲିସ୍ତାନୀ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଲଣ୍ଡନ, ୬ ।୧୨(ଏଜେନ୍ସି): ବ୍ରିଟେନରେ ଜଣେ ଖଲିସ୍ତାନ ସମର୍ଥକ ବ୍ୟବସାୟୀ ଗୁରପ୍ରୀତ ସିଂହ ରେହେଲଙ୍କ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆତଙ୍କବାଦ ନିରୋଧ ଆଇନ୍ ଅନୁସାରେ ସରକାର ଗୁରପ୍ରୀତଙ୍କ ସବୁ ବ୍ୟାଙ୍କ ଖାତାକୁ ଫ୍ରିଜ ଅର୍ଥାତ ଅକାମୀ କରିଛନ୍ତି । ଭାରତରେ ସକ୍ରିୟ ଥିବା ଖଲିସ୍ତାନ ଆତଙ୍କବାଦୀ ସଂଗଠନ ବାବର ଖାଲସାକୁ ସେ ଆର୍ଥିକ ସହାୟତା ପ୍ରଦାନ କରିଥିବା ସନ୍ଦେହ କରାଯାଇଥିଲା । ଏଥିସହ ସରକାର 'ବାବର ଅକାଳୀ ଲହର' ନାମକ ଗୋଷ୍ଠୀକୁ ନିଷିଦ୍ଧ କରିଛନ୍ତି । ଏହି ଗୋଷ୍ଠୀ ବାବର ଖାଲସା ପାଇଁ ପ୍ରଚାର ଓ ପ୍ରସାର କରୁଛି ଓ ଲୋକଙ୍କୁ ଏଥିରେ ସାମିଲ କରିବା ପାଇଁ ପାଣ୍ଠି ସଂଗ୍ରହ କରୁଛି ବୋଲି ବ୍ରିଟେନର ଟ୍ରେଜେରୀ ଡିପାର୍ଟମେଣ୍ଟ କହିଛି । ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ପରେ ଗୁରପ୍ରୀତ କିମ୍ବା ତାଙ୍କ ସହ ଜଡିତ ସଂଗଠନକୁ କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଅର୍ଥ ଦେଇପାରିବେ ନାହିଁ । ଯଦି ଆର୍ଥିକ ଭାବେ କେହି ସାହଯ୍ୟ କରନ୍ତି, ତେବେ ତାଙ୍କୁ ୭ ବର୍ଷ ଜେଲ ହୋଇପାରେ ବୋଲି କୁହାଯାଇଛି ।

## ମୁର୍ସିଦାବାଦ୍‌ରେ 'ବାବରୀ ମସଜିଦ୍'ର ଭିତ୍ତିପ୍ରସ୍ତର

■ ନିଲମ୍ବିତ ଟିଏମ୍‌ସି ସାଂସଦ ନିଅଁ ରଖିଲେ
■ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଇଟା ନେଇ ପହଞ୍ଚିଲେ

କୋଲକାତା/ମୁର୍ସିଦାବାଦ୍, ୬ ।୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲାର ବେଲଡାଙ୍ଗାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ନିଲମ୍ବିତ ବିଧାୟକ ହୁମାୟୁନ କବିର ଶନିବାର ଅଯୋଧ୍ୟାର ବିବାଦୀୟ ବାବରୀ ମସଜିଦ୍‌କୁ ଅନୁକରଣ କରି ଏକ ମସଜିଦ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । କଡ଼ା ସୁରକ୍ଷା ବଳୟ ମଧ୍ୟରେ ମଞ୍ଚ ଉପରେ ମୌଲବୀମାନଙ୍କ ସହ ଫିତା କାଟିଛନ୍ତି । ଏହି ଅବସରରେ 'ନାରାଏ ତକବୀର, ଆଲ୍ଲା ହୁ ଆକବର' ସ୍ଲୋଗାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇଥିଲେ । ପଶ୍ଚିମବଙ୍ଗର ଭିନ୍ନ ଭିନ୍ନ ଜିଲ୍ଲାରୁ ଆସିଥିବା ଏହି ଲୋକମାନେ ସାଥୀରେ ଇଟା ଆଣିଥିଲେ । ଏହି କାର୍ଯ୍ୟକ୍ରମକୁ ନେଇ ସମ୍ପୂର୍ଣ୍ଣ ବେଲଡାଙ୍ଗା ଅଞ୍ଚଳରେ ଶନିବାର ସକାଳୁ ହାଇଆଲର୍ଟ ଜାରି କରାଯାଇଥିଲା । ଏହାର ଆଖାପାଖ ଅଞ୍ଚଳରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀର ୧୯ଟି ଦଳ, ରାପିଡ ଆକ୍ସନ ଫୋର୍ସ, ସୀମା ସୁରକ୍ଷା ବଳ ଏବଂ ଅନେକ ସ୍ଥାନୀୟ ପୁଲିସ ଟିମ୍ ସହିତ ୩,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ମୁତୟନ ହୋଇଥିଲେ । ହୁମାୟୁନ କବିର ନଭେମ୍ବର ୨୫ରେ କହିଥିଲେ ଯେ, ଡିସେମ୍ବର ୬ରେ ବାବରୀ ମସଜିଦର ବିବାଦୀୟ ଢାଞ୍ଚାର ବିଧ୍ୱଂସର ୩୩ ବର୍ଷ ପୂରଣ ହେବା ଅବସରରେ ଏହି ମସଜିଦର ଶିଳାନ୍ୟାସ କରିବେ । ଏଥିରୁ ଦୂରେଇ ରହିବା ଲାଗି ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ବାରଣ କରିଥିଲେ ମଧ୍ୟ ହୁମାୟୁନ ଶୁଣିନଥିଲେ । ଏଥିପାଇଁ ତାଙ୍କୁ ଟିଏମ୍‌ସିରୁ ନିଲମ୍ବିତ କରାଯାଇଥିଲା ।

ତେବେ ଏହି ମସଜିଦ ନିର୍ମାଣ କାର୍ଯ୍ୟ ରୋକିବାକୁ ଷଡ଼ଯନ୍ତ୍ର କରାଯାଇଥିଲା ବୋଲି କବିର ଅଭିଯୋଗ କରିଛନ୍ତି । ଏହି ମସଜିଦ ନିର୍ମାଣ ଉପରେ ରୋକ ଲଗାଇବାକୁ ହୋଇଥିବା ଆବେଦନକୁ କୋଲକାତା ହାଇକୋର୍ଟ ଖାରଜ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମ ଅବସରରେ ଶାନ୍ତି ବଜାୟ ରଖିବାର ଦାୟିତ୍ୱ ରାଜ୍ୟ ସରକାରଙ୍କର ବୋଲି କୋର୍ଟ କହିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ହିଁ କବିର ମସଜିଦର ନିଅଁ ରଖିଥିଲେ । ଆମେ ହାଇକୋର୍ଟଙ୍କ ଆଦେଶ ପାଳନ କରିବୁ ବୋଲି ସେ କହିଛନ୍ତି । ୨୫ ବିଘା ଜମିରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସାଉଦି ଆରବର ଧାର୍ମିକ ନେତା ଆସିଥିଲେ । ଆସନ୍ତା ବର୍ଷ ରାଜ୍ୟରେ ନିର୍ବାଚନ ହେବାକୁ ଯାଉଥିବା ବେଳେ କବିରଙ୍କର ଏଭଳି କାର୍ଯ୍ୟ ବିବାଦ ସୃଷ୍ଟି କରିଛି ।

## ପାକ-ଆଫ୍‌ଗାନ୍ ସୀମାରେ ଗୁଳି ବିନିମୟ; ୪ ମୃତ

ଇସଲାମାବାଦ, ୬ ।୧୨(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନର ଚମନ-ସ୍ପିନ୍ ବୋଲଡାକ ସୀମାରେ ପୁଣି ଥରେ ଗୁଳି ବିନିମୟ ହୋଇଛି । ଗତ ରାତି ୧୦ଟାରେ ଗୁଳିବିନିମୟ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ଚାଲିଥିଲା । ଦୁଇ ଦେଶ ପ୍ରଥମେ ଆକ୍ରମଣ କରିଛନ୍ତି ପରସ୍ପର ବିରୋଧରେ ଅଭିଯୋଗ ଆଣିଛନ୍ତି । ଏଥିରେ ୪ ଜଣ ଆଫଗାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ଆଫଗାନ ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି ଯେ, ପାକିସ୍ତାନ ହିଁ ସ୍ପିନ ବୋଲଡାକ ଓ କାନ୍ଦାହାର ରାଜ୍ୟରେ ପ୍ରଥମେ ଆକ୍ରମଣ କରିଥିଲା । ଫଳରେ ଆଫଗାନିସ୍ତାନକୁ ଏହାର ଜବାବ ଦେବାକୁ ହୋଇଥିଲା ବୋଲି ସେ କହିଛନ୍ତି । ଅପରପକ୍ଷରେ ଆଫଗାନିସ୍ତାନ ଚମନ ସୀମାରେ ପ୍ରଥମେ ଗୁଳି ଚଳାଇଥିଲା ବୋଲି ପାକିସ୍ତାନ ଅଧିକାରୀମାନେ କହିଛନ୍ତି । ପାକିସ୍ତାନ ନିଜର ସୀମା ରକ୍ଷା କରିବାକୁ ବଦ୍ଧ ପରିକର ଓ ଏହାର ଜବାବରେ ପାକିସ୍ତାନ ଦୃଢ଼ ଜବାବ ଦେଇଥିଲା ବୋଲି ପ୍ରଧାନମନ୍ତ୍ରୀଙ୍କ ମୁଖପାତ୍ର ମୋଶରାଫ ଜାଇଦି କହିଛନ୍ତି । ଦୁଇ ଦେଶ ମଧ୍ୟରେ ହୋଇଥିବା ଶାନ୍ତି କଥାବାର୍ତ୍ତର ୪୮ ଘଣ୍ଟା ପରେ ହିଁ ଗୁଳିବିନିମୟ ହୋଇଥିଲା । ଡିସେମ୍ବର ୨ରୁ ୪ ମଧ୍ୟରେ ସାଉଦି ଆରବରେ ଦୁଇ ଦେଶ ମଧ୍ୟରେ ଏହି ଶାନ୍ତି ଆଲୋଚନା ହୋଇଥିଲା ।

## ଦିଲ୍ଲୀ ଦୋକାନରେ ଲାଗିଲା ନିଆଁ: ଶ୍ୱାସରୁଦ୍ଧ ହୋଇ ଦମ୍ପତି ମୃତ

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ଦିଲ୍ଲୀର ଟିକ୍ରି କଲାନ ଅଞ୍ଚଳରେ ଏକ ଦୋକାନରେ ନିଆଁ ଲାଗିବା ଫଳରେ ଶ୍ୱାସରୁଦ୍ଧ ହୋଇ ଏକ ଦମ୍ପତି ମୃତ୍ୟୁବରଣ କରିଛନ୍ତି । ଉତ୍ତରପ୍ରଦେଶର ଶାହାଜାନପୁର ୩୧ ବର୍ଷୀୟ ବିନିତ ଓ ତାଙ୍କ ୨୯ ବର୍ଷୀୟ ପତ୍ନୀ ରୀନା ନିଆଁରୁ ବର୍ତ୍ତିବା ପାଇଁ ଶଟରକୁ ପକାଇ ଦେଇଥିଲେ । କିନ୍ତୁ ବିଜୁଳି କରେଣ୍ଟ ଦ୍ୱାରା ଫସି ଯାଇଥିଲେ । ପ୍ରବଳ ଧୂଆଁ ଯୋଗୁଁ ଶ୍ୱାସରୁଦ୍ଧ ହେବା କାରଣରୁ ଦୁହେଁ ମୃତ୍ୟୁବରଣ କରିଛନ୍ତି ।

# ବିଶ୍ୱରେ ବ୍ୟାପୁଛି କର୍କଟ; ତୃତୀୟ ସ୍ଥାନରେ ଭାରତ

## ତମାଖୁ, ପ୍ରଦୂଷଣ, ଜୀବନଶୈଳୀ ହିଁ ମୁଖ୍ୟ କାରଣ

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଭାରତ ଏହି କ୍ରମରେ ବିଶ୍ୱରେ ତୃତୀୟ ସ୍ଥାନରେ ରହିବା ଚିନ୍ତା ସୃଷ୍ଟି କରିଛି । ଗତବର୍ଷ ତୁଳନାରେ କର୍କଟ ରୋଗ ମାମଲାରେ ଯଥେଷ୍ଟ ବୃଦ୍ଧି ଘଟିଛି । ଭାରତରେ ଦ୍ରୁତଗତିରେ କର୍କଟ ବୃଦ୍ଧିପାଇବାରେ ଲାଗିଛି । ଲୋକସଭାରେ ସରକାର ଏନେଇ ଏକ ଚିନ୍ତାଜନକ ପରିସଂଖ୍ୟାନ ଉପସ୍ଥାପନ କରିଛନ୍ତି । ଅନ୍ତର୍ଜାତୀୟ କର୍କଟ ଗବେଷଣା ସଂସ୍ଥା ଗ୍ଲୋବାଲ କ୍ୟାନସର ଆଡଭାଇଜରୀ (ଆଇଏଆର୍‌ସି) ଦେଇଥିବା ସୂଚନା ଅନୁସାରେ ଭାରତରେ ୧୪, ୧୩, ୩୧୬ (ପ୍ରତି ଏକ ଲକ୍ଷ ଲୋକସଂଖ୍ୟାରେ ୯୮.୫) କର୍କଟ ମାମଲା ରହିଛି । କର୍କଟ ମାମଲା ସଂଖ୍ୟାରେ ଚୀନ ପ୍ରଥମ ସ୍ଥାନରେ ରହିଥିବା ବେଳେ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଛି । ଚୀନ୍‌ରେ ୪୮, ୨୪, ୭୦୩ (ପ୍ରତି ଏକ ଲକ୍ଷରେ ୨୦୧.୬) ଓ ଆମେରିକାରେ ୨୩, ୮୦, ୧୮୯ (ପ୍ରତି ଏକ ଲକ୍ଷରେ ୩୬୭) କର୍କଟ ମାମଲା ଦେଖିବାକୁ ମିଳିଛି । ୨୦୨୦ରେ ଭାରତରେ ଆନୁମାନିକ ୧୩.୯୨ ଲକ୍ଷ କର୍କଟ ମାମଲା ଚିହ୍ନଟ ହୋଇଛି । ୨୦୨୪ରେ ଏହା ବୃଦ୍ଧି ପାଇ ୧୫.୩୩ ଲକ୍ଷରେ ପହଞ୍ଚିଛି । ଅର୍ଥାତ ମାତ୍ର ୫ ବର୍ଷ ମଧ୍ୟରେ ଏହି ମାମଲରେ ୧୦ ପ୍ରତିଶତ ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇଛି ।

ରାଜ୍ୟଗୁଡିକୁ ବିଚାର କଲେ ଛୋଟ ଛୋଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ମାମଲା ଦ୍ରୁତଗତିରେ ବୃଦ୍ଧି ପାଇଛି । ତେବେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ବିହାର ଭଳି ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ସବୁଠାରୁ ଅଧିକ ରହିଛି । କର୍କଟ ରୋଗୀ ସଂଖ୍ୟା ଉତ୍ତରପ୍ରଦେଶରେ ୨.୨୧, ମହାରାଷ୍ଟ୍ରରେ ୧.୨୭, ପଶ୍ଚିମବଙ୍ଗରେ ୧.୧୮ ଓ ବିହାରରେ ୧.୧୫ ଲକ୍ଷ ବୋଲି କୁହାଯାଇଛି । ସରକାରୀ ପରିସଂଖ୍ୟାନ ଅନୁଯାୟୀ ଡାମନରେ କର୍କଟ ମାମଲା ୩୯.୫୧ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଏହା ଦାଦ୍ରା ଓ ନଗର ହାବେଳୀରେ ଏହା ୩୦.୦୯, ସିକ୍କିମରେ ୨୬.୦୬, ଲକ୍ଷାଦୀପରେ ୧୮.୫୨ ଓ ମଣିପୁରରେ ୧୮.୪୮ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଦିଲ୍ଲୀ, ହାରିୟାଣା, ଝାଡଖଣ୍ଡ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକରେ ଏହି ମାମଲାରେ ୧୦ ପ୍ରତିଶତ ବୃଦ୍ଧି ହୋଇଛି ।

ତମାଖୁ ସେବନ, ପ୍ରଦୂଷଣ, ଦୈନନ୍ଦିନ ଜୀବନ ଶୈଳୀ କାରଣରୁ କର୍କଟ ବୃଦ୍ଧି ପାଇଛି ବୋଲି କୁହାଯାଇଛି । ୨୦୨୦ରୁ ୨୦୨୪ ମଧ୍ୟରେ ଏହି ମାମଲର ହାରରେ ବୃଦ୍ଧି ଦେଖିବାକୁ ମିଳିଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ନୂଆ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି । ଏବେ ଏହା ଦେଶ ପାଇଁ ଏକ ବଡ଼ ତଥା ସ୍ଥାୟୀ ବିପଦ ଓ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ଆଗାମୀ କିଛି ବର୍ଷ ମଧ୍ୟରେ ଏଥିରେ ଆହୁରି ବୃଦ୍ଧି ଘଟିବ ବୋଲି ଆଶଙ୍କା କରାଯାଉଛି । କର୍କଟର ନିରାକରଣ ପାଇଁ ସ୍କାନିଂ, ଚିକିତ୍ସା ତଥା ଉପଚାର ଏବ ବ୍ୟାପକ ରଣନୀତିର ଆବଶ୍ୟକତା ରହିଛି ।




## ଟ୍ରମ୍ପଙ୍କୁ ପ୍ରଥମ ଫିଫା ଶାନ୍ତି ପୁରସ୍କାର

ୱାସିଂଟନ, ୬ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶେଷରେ ଏକ ଶାନ୍ତି ପୁରସ୍କାର ମିଳିଛି । ତାଙ୍କୁ ଶୁକ୍ରବାର ପ୍ରଥମ ଫିଫା ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୬ ବିଶ୍ୱକପ୍ ଡ୍ରରେ ତାଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରାଯାଇଛି । ୱାସିଂଟନ ଡିସିରେ ୨୦୨୬ ଫିଫା ବିଶ୍ୱକପ୍ ପାଇଁ ଗ୍ରୁପର ଡ୍ର'ର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମର ଆରମ୍ଭରେ ଟ୍ରମ୍ପଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ପୂର୍ବରୁ ଟ୍ରମ୍ପ ନୋବେଲ ଶାନ୍ତିପାଇଁ ନିଜକୁ ହକଦାର ବୋଲି ଏକାଧିକ ବାର କହିଥିଲେ ଓ ଏଥିପାଇଁ ଅଭିଯାନ ମଧ୍ୟ ଚଳାଇଥିଲେ । ବିଶ୍ୱ ଫୁଟବଲ ପ୍ରଶାସନର ସର୍ବୋଚ୍ଚ ସଂସ୍ଥା ଫିଫା



ଯେବେଠାରୁ ଶାନ୍ତି ପୁରସ୍କାର ଦେବାକୁ ଘୋଷଣା କରିଥିଲା, ସେବେଠାରୁ ଟ୍ରମ୍ପ ଏହି ପୁରସ୍କାର ପାଇବେ ବୋଲି ଅନୁମାନ କରାଯାଉଥିଲା । ଫିଫା ଅଧ୍ୟକ୍ଷ ଜିଆନି ଇନଫାନଣ୍ଟିନୋ ଟ୍ରମ୍ପଙ୍କ ନିକଟତର ବୋଲି ଭଲଭାବେ ଜଣାଶୁଣା । ଗାଜାରେ ଯୁଦ୍ଧ ବିରତି ଲାଗୁ କରିବାରେ ଟ୍ରମ୍ପ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । ତେଣୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ ବୋଲି ଇନ୍‌ଫାଣ୍ଟିନୋ କହିଛନ୍ତି । ଉଲ୍ଲେଖଥାଉ କି, ଫିଫା ଗତ ନଭେମ୍ବରରେ ଫିଫା ଶାନ୍ତି ପୁରସ୍କାର ଦେବାକୁ ଘୋଷଣା କରିଥିଲା । ଟ୍ରମ୍ପଙ୍କୁ ଏହି ପୁରସ୍କାରର ପ୍ରଥମ ସଂସ୍କରଣ ସମ୍ମାନୀତ କରାଯାଇଛି । ପୁରସ୍କାର ପାଇବା ପରେ ଟ୍ରମ୍ପ ଖୁସି ଜାହିର କରିଛନ୍ତି । ଏହା ମୋ ଜୀବନର ଏକ ବଡ଼ ସମ୍ମାନ ବୋଲି ସେ କହିଛନ୍ତି । ପୁରସ୍କାର ବାବଦରେ ଇନଫାଣ୍ଟିନୋ ଟ୍ରମ୍ପଙ୍କୁ ଏକ ସୁନାର ଟ୍ରଫି ପ୍ରଦାନ କରିଥିଲେ । ଏଥିରେ ଟ୍ରମ୍ପଙ୍କ ନାମ ଖୋଦିତ ହୋଇଥିଲା । କେତୋଟି ହାତ ପୃଥିବୀକୁ ଧରି ରଖିଥିବାର ଏହି ଟ୍ରଫିରେ ଦେଖାଯାଇଛି ।

## ସୁଦାନ ସ୍କୁଲ୍‌ରେ ଡ୍ରୋନ୍ ଆକ୍ରମଣ, ୫୦ ମୃତ

ଖାର୍ତୁମ, ୬ ।୧୨(ଏଜେନ୍ସି): ଉତ୍ତରପୂର୍ବ ଆଫ୍ରିକୀୟ ଦେଶ ସୁଦାନର କାଲୋଗୀ ସହରରେ ଏକ ସ୍କୁଲ ଉପରେ ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି । ଏଥିରେ ୫୦ଜଣ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ୩୩ଜଣ ଛୋଟପିଲା ସାମିଲ ରହିଛନ୍ତି । ସୁଦାନର ସିକ୍ୟୁରିଟି ଫୋର୍ସ ଆର୍‌ଏସ୍‌ଏଫ୍ ଏହି ଆକ୍ରମଣ କରିଛି ବୋଲି ଡାକ୍ତରଙ୍କ ଏକ ଦଳ କହିଛି । ଆହତଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଲୋକଙ୍କ ଉପରେ ମଧ୍ୟ ଦ୍ୱିତୀୟଥର ପାଇଁ ଆକ୍ରମଣ କରାଯାଇଥିଲା । ଏହି ଅଞ୍ଚଳରେ ନେଟ୍‌ୱର୍କ ଓ ଫୋନ ସର୍ଭିସ ବନ୍ଦ ହେବା କାରଣରୁ ମୃତକଙ୍କ ସଂଖ୍ୟା ସମ୍ପର୍କରେ ସଠିକ ସୂଚନା ମିଳି ପାରିନାହିଁ । ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ଗତ ଦୁଇବର୍ଷ ହେବ ଆରଏସ୍‌ଏଫ୍ ଓ ସୁଦାନ ସେନା ମଧ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ଦେଶରେ ଗୃହଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି ଓ ଏଥିରେ ଜନ ସାଧାରଣଙ୍କୁ ମୂଲ୍ୟ ଦେବାକୁ ପଡୁଛି । ୟୁନିସେଫ୍ ଏହି ଘଟଣାକୁ କଡ଼ା ନିନ୍ଦା କରିଛି । ସ୍କୁଲ୍‌ରେ ପିଲାଙ୍କ ମାରିବା ମାନବତାର ଉଲ୍ଲଂଘନ ବୋଲି ୟୁନିସେଫର ଅଧିକାରୀ ସେଲଡନ ୟେଟ୍ କହିଛନ୍ତି । କିଛିଦିନ ତଳେ ସୁଦାନ ସେନା ଆକ୍ରମଣରେ ପାଖାପାଖି ୪୮ ଲୋକ ମୃତ୍ୟୁବରଣ କରିଥିଲେ ଓ ଏନେଇ ସାରା ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

## ଦକ୍ଷିଣ ଆଫ୍ରିକା ହଷ୍ଟେଲରେ ଗୁଳିକାଣ୍ଡ; ୧୧ ମୃତ, ୧୪ ଆହତ

ଜୋହାନ୍ସବର୍ଗ, ୬ ।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ଏକ ହଷ୍ଟେଲରେ ଶନିବାର ଗୁଳିକାଣ୍ଡ ହୋଇଛି । ଏଥିରେ ୧୧ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି । ଏଥିରେ ୨୫ଜଣ ଲୋକଙ୍କୁ ଗୁଳି ମରାଯାଇଥିଲା ବୋଲି ପୁଲିସ କହିଛି । ସକାଳେ ହଷ୍ଟେଲ ଭିତରେ କିଛି ଲୋକ ମଦ୍ୟପାନ କରୁଥିବାବେଳେ ଏହି କାଣ୍ଡ ଘଟିଥିଲା । ମୃତକଙ୍କ ମଧ୍ୟରେ ୧୨, ୧୬ ଓ ୩ ବର୍ଷର ଛୋଟପିଲା ସାମିଲ ରହିଛନ୍ତି । ୩ ବର୍ଷର ପିଲାଟି ଏହି ଅବୈଧ ମଦ ବାରର ମାଲିକଙ୍କ ପୁଅ ବୋଲି କୁହାଯାଇଛି । ଏହି ମାମଲାରେ ଏପର୍ଯ୍ୟନ୍ତ କାହକୁ ଗିରଫ କରାଯାଇନାହିଁ ବୋଲି କୁହାଯାଇଛି । ଘଟଣାସ୍ଥଳରେ ୧୦ ଜଣ ମୃତ୍ୟୁବରଣ କରିଥିଲେ ଓ ଆଉଜଣେ ହସ୍ପିଟାଲରେ ପ୍ରାଣ ହରାଇଥିଲେ । ଏବେ ୧୪ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏବେ ଦକ୍ଷିଣ ଆଫ୍ରିକାରେ ଅବୈଧ ମଦବାର ସରକାରଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଗତ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ୧୧, ୯୭୫ଟି ଅବୈଧ ମଦବାରକୁ ବନ୍ଦ କରାଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି ।

## ଇମ୍ରାନ ମାନସିକ ଅସୁସ୍ଥ: ପାକ୍ ସେନା

ଇସ୍‌ଲାମାବାଦ୍, ୬ ।୧୨(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ମାନସିକ ରୁଗ୍ଣ ଅଛନ୍ତି ବୋଲି ପାକିସ୍ତାନ ସେନା କହିଛି । ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେସନ (ଆଇଏସ୍‌ପିଆର୍) ନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ କହିଛନ୍ତି ଯେ, ଇମ୍ରାନ ଏବେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ । ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ ଇମ୍ରାନକୁ ସମାଲୋଚନା କରିଥିଲେ । ସେ ଜାଣିଶୁଣି ସେନା ବିପକ୍ଷରେ ମିଛ ଗୁଜବ ପ୍ରଚାର କରିବାକୁ ପ୍ରୟାସ କରୁଛନ୍ତି । ସେ ଇମ୍ରାନଙ୍କ ଟୁଇଟ୍ ଦେଖାଇ ଏହି କଥା କହିଛନ୍ତି । ସେନାକୁ ରାଜନୀତି ଭିତରକୁ ନ ନେବାକୁ ଚୌଧୁରୀ ପରାମର୍ଶ ଦେଇଛନ୍ତି । ଇମ୍ରାନ ସମ୍ବିଧାନଠାରୁ ନିଜର ବ୍ୟକ୍ତିଗତ ଲାଭକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସେ ନିଜକୁ ବହୁତ ବଡ଼ ଭାବୁଛନ୍ତି । ଯଦି ମୁଁ ନାହିଁ ତ, କିଛି ନାହିଁ ବୋଲି ଇମ୍ରାନ ଭାବୁଛନ୍ତି । ସେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଏବେ ବିପଦ ସୃଷ୍ଟି କରିଛନ୍ତି ବୋଲି ଚୌଧୁରୀ କହିଛନ୍ତି ।

## ରାଜ୍ୟରେ ମାନବ ଚାଲାଣ ପ୍ରସଙ୍ଗକୁ ନେଇ ଉଦ୍‌ବେଗ

# ଗୃହରେ ଉପ-ମୁଖ୍ୟମନ୍ତ୍ରୀ ବିବୃତି ରଖିବାକୁ ବାଚସ୍ପତି ଦେଲେ ରୁଲିଂ

ଭୁବନେଶ୍ୱର,୬।୧୨(ସମିସ): ମାନବଚାଲାଣ ଓ ଶିଶୁ ନିର୍ଯାତନାକୁ ନେଇ ଶନିବାର ଶୂନ୍ୟକାଳରେ ଗୃହରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ବିଜେଡି ବିଧାୟକ। ରାଜ୍ୟରେ ଏଭଳି ମାନବଚାଲାଣ ଚାଲିଛି ଯାହା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଉଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି।

ପ୍ରମିଳା କହିଲେ, ରାଉରକେଲାର ସେକ୍ଟର୍-୩ ଓ ୪ରୁ ନାବାଳିକାଙ୍କୁ ରାଜସ୍ଥାନରେ ବିକ୍ରି କରାଯାଇଛି। ସେଠାରେ ସେମାନଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଛି। ଏହାକୁ ରୋକିବା ପାଇଁ କ'ଣ ନିୟମ ରହିଛି। ସରକାର ଏଥିପାଇଁ କିଛି ନିୟମ କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଏ ରାଜ୍ୟରେ ଶିଶୁମାନେ ବି ସୁରକ୍ଷିତ ନୁହେଁ। ନୀଳଗିରିର ଏକ ହଷ୍ଟେଲରେ ଜଣେ ଛାତ୍ରକୁ ଶିକୁଳିରେ ବାନ୍ଧି ଶିକ୍ଷକ ବାହାରକୁ ଚାଲିଗଲେ। ଏଯାଏ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଶିଶୁ ଉପରେ ଅତ୍ୟାଚାର ଯୋଗୁଁ ଭବିଷ୍ୟତପିଢ଼ି ସୁରକ୍ଷିତ ନୁହନ୍ତି। ୨୦୦୮-୦୯ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଝିଅମାନେ ବାହାରକୁ ଯିବା ପାଇଁ ଏକ ସ୍ୱତନ୍ତ୍ର ନିୟମ ଆଣିଥିଲେ। ବାହାରକୁ ଯିବାକୁ ହେଲେ ତହସିଲଦାର, ସିଡିପିଓଙ୍କ ଅନୁମତି ଆଣିବାକୁ ସେତେବେଳେ ନିୟମ କରାଯାଇଥିଲା। ଏହି ନିୟମ ଏବେ ପାଳନ ହେଉଛି କି ନାହିଁ, ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଥିଲେ। ମାନବଚାଲାଣ, ମହିଳା-ଶିଶୁ ଚାଲାଣ ଓ ଅତ୍ୟାଚାର କିପରି ରୋକାଯାଇପାରିବ, ସେନେଇ ଗୃହରେ ଉପମୁଖ୍ୟମନ୍ତ୍ରୀ ବିବୃତି ରଖନ୍ତୁ। ଏନେଇ ବାଚସ୍ପତି ରୁଲିଂ ଦେବାକୁ ସେ ଦାବି କରିଥିଲେ।

ଏହାକୁ ଆଧାର କରି ବାଚସ୍ପତି ସୁରମା ପାଢ଼ୀ ଚଳିତ ଅଧିବେଶନ ଭିତରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ସମ୍ବନ୍ଧରେ ତର୍ଜମା କରି ଗୃହରେ ବିବୃତି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି, ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଉପରେ ବଢୁଥିବା ନିର୍ଯାତନାକୁ ନେଇ ଗୃହରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଥିଲେ, ନିକଟରେ କ୍ରମାଗତ ଭାବେ ଏ ସମ୍ପର୍କିତ ୩ଟି ଘଟଣା ସାମ୍ନାକୁ ଆସିଲାଣି। ଦଶପଲ୍ଲାରେ ଏକ ଘରୋଇ ସ୍କୁଲରେ ଜଣେ ଅଷ୍ଟମ ଛାତ୍ରଙ୍କୁ ଦଶମ ଛାତ୍ର ରାଗିଂ କରିଛନ୍ତି। ସ୍କୁଲକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳ କହୁଥିବା ବେଳେ ଏହାକୁ ସୁନିଶ୍ଚିତ କରାଯାଉ ବୋଲି ସେ ଦାବି କରିଥିଲେ।

# ଗାନ୍ଧୀ ମାର୍ଗରେ ଗର୍ଜିଲେ ଏସ୍‌ଏସ୍‌ବି ଅଧ୍ୟାପକ

ଭୁବନେଶ୍ୱର, ୬।୧୨(ସମିସ): ସମାନ କାମକୁ ସମାନ ଦରମା ଦେଉନାହାନ୍ତି ସରକାର। ବାରମ୍ବାର ଦାବି କରୁଥିଲେ ମଧ୍ୟ କର୍ଣ୍ଣପାତ କରୁ ନାହାନ୍ତି। ସରକାରଙ୍କ ବୈମାତୃକ ମନୋଭବକୁ ଆଉ ସହିବୁ ନାହିଁ, ନିର୍ଣ୍ଣାୟକ ଲଢ଼େଇ ଲଢ଼ିବୁ। ରାଜ୍ୟର ୪୮୮ ବର୍ଗ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ କାର୍ଯ୍ୟରତ ଏସ୍‌ଏସ୍‌ବି ଅଧ୍ୟାପକମାନେ ଏପରି ଭାବେ ଶନିବାର ବିଧାନସଭା ସମ୍ମୁଖରେ ନିଜର କ୍ଷୋଭ ବ୍ୟକ୍ତ କରିଛନ୍ତି।

■ 'ସମାନ କାମକୁ ସମାନ ଦରମା ଦିଅ'
■ ତ୍ୱରିତ ଦାବି ପୂରଣ ନ କଲେ +୨ ପରୀକ୍ଷା ବର୍ଜନ ଚେତାବନୀ

ରାଜ୍ୟ ଏସ୍‌ଏସ୍‌ବି ସଂଘ "ଓସଲା' ପକ୍ଷରୁ କୁହାଯାଇଛି ଯେ, କଲେଜରେ ଅଧ୍ୟାପନା କରୁଥିଲେ ମଧ୍ୟ ହାଇସ୍କୁଲ୍ ଶିକ୍ଷକଙ୍କ ପରି ଦରମା ପାଉଛନ୍ତି। ସରକାରୀ ମହାବିଦ୍ୟାଳୟର ଅଧ୍ୟାପକଙ୍କ ପରି ସମାନ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କୁ ପ୍ରାଧ୍ୟାପକର ମାନ୍ୟତା କିମ୍ବା ସେହି ଆଧାରରେ ଦରମା ପ୍ରଦାନ କରାଯାଉ ନାହିଁ। ଏହା ସେମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ବୋଲି ଅଭିଯୋଗ କରିବା ସହ ତୁରନ୍ତ ସେମାନଙ୍କୁ ୬ହଜାର ଗ୍ରେଡ ପେ' ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହାସହ ଘରଭଡା, ଅବସରକାଳୀନ ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ସରକାରୀ ସୁବିଧା, ପ୍ରାଧ୍ୟାପକ ମାନ୍ୟତା, ଅଧ୍ୟାପିକାଙ୍କୁ ସ୍ୱତନ୍ତ୍ର ଛୁଟି ଏବଂ ତୁରନ୍ତ ପଦୋନ୍ନତି ଦେବା ପାଇଁ ସଂଘ ପକ୍ଷରୁ ମୋଟ୍ ୭ ଦଫା ଦାବିରେ ଆନ୍ଦୋଳନ କରାଯାଇଛି। ସଂଘର




କାର୍ଯ୍ୟକାରୀ ସଭାପତି ମାନସ କୁମାର ସାହୁ କହିଛନ୍ତି ଯେ ୧୯୮୯ରେ ନିଯୁକ୍ତ ଏସ୍‌ଏସ୍‌ବି ଅଧ୍ୟାପକଙ୍କୁ ସରକାରୀ କଲେଜ ଅଧ୍ୟାପକଙ୍କ ପରି ସମାନ ଦରମା ମିଳୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କ ଗ୍ରେଡ ପେ'କୁ କମାଇ ଦିଆଯାଇଛି। ଏଣୁ ସେମାନଙ୍କୁ ୬ହଜାର ଗ୍ରେଡ୍-ପେ' ପ୍ରଦାନ କରିବାକୁ ଦାବି କରିଛନ୍ତି। ସେମାନଙ୍କ ଦାବିକୁ ତୁରନ୍ତ ସମାଧାନ କରା ନ ଗଲେ ସେମାନେ ଯୁକ୍ତ ଦୁଇ ପରୀକ୍ଷା ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ସଂଘର ସମ୍ପାଦକ ଗୌରବ ଶର୍ମାଙ୍କ ସମେତ ଯୁଗ୍ମ ସମ୍ପାଦକ ତୁଳସୀ ରାଉତ, କୋଷାଧ୍ୟକ୍ଷ ଡ. ଗୟାଧର ମଲ୍ଲିକ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ତଥାଗତ ରାଉତ ପ୍ରମୁଖ ବିକ୍ଷୋଭର ପରିଚାଳନା କରିଥିବାବେଳେ ବହୁ ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇଛନ୍ତି।

# କାଦୁଅ ଜମିରେ ନିସ୍ତେଜ ପଡ଼ିଛି ମାଖନା



ତେଲକୋଇ, ୬।୧୨ (ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଦନ୍ତାହାତୀ ଆକ୍ରମଣରେ ଗୁରୁତର ହୋଇଥିବା ମାଖନା ହାତୀର ସ୍ୱାସ୍ଥ୍ୟାବସ୍ଥା ଦ୍ରୁତ ଗତିରେ ବିଗିଡ଼ିବାରେ ଲାଗିଛି। ତା'ଅବସ୍ଥା ଅତି ସଙ୍କଟାପନ୍ନ ଥିବା ବେଳେ ଏକ ବିଲ ମଝିରେ ସେ ନିସ୍ତେଜ ଅବସ୍ଥାରେ ପଡ଼ି ରହିଛି। ବନ ବିଭାଗ ତାକୁ ଜଗି ରହିଥିଲେ ହେଁ ଉପଯୁକ୍ତ ଚିକିତ୍ସା ଅଭାବରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି।

**ଦନ୍ତା ଆକ୍ରମଣରେ ଗୁରୁତର ହୋଇଥିଲା**

୩ ମାସ ତଳେ ଦନ୍ତା ହାତୀଙ୍କ ଆକ୍ରମଣରେ ଏହି ମାଖନାଟି ଆହତ ହୋଇଥିଲା। ତା' ବାମ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହେବା ସହ ଶରୀରର ବିଭିନ୍ନ ସ୍ଥାନରେ ଦାନ୍ତ ପଶି କ୍ଷତ ସୃଷ୍ଟି ହୋଇଥିଲା। ବନ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଦଳ ତା' ଚିକିତ୍ସା ଆରମ୍ଭ କରିଥିଲେ। ତାକୁ ନିଶ୍ଚେତକ ଦେଇ କ୍ଷତ ସ୍ଥାନରେ ଜମି ରହିଥିବା ପୂଜା ବାହାର କରିବା ସହ ଉକ୍ତ ସ୍ଥାନକୁ ଡ୍ରେସିଂ କରିଥିଲେ। ମଝିମଝିରେ ଆବଶ୍ୟକ ଆଣ୍ଟିବାୟୋଟିକ୍ ଦିଆଯାଉଥିଲା ବୋଲି ବନ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଥିଲା। ସେତେବେଳେ ମାଖନାର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଥିବା କୁହାଯାଉଥିଲା। କିନ୍ତୁ ଦୁଇ ଦିନ ହେବ, ହାତୀର ଗତିବିଧି ଧିମା ରହିଛି। କନ୍ତଲେଇ ଗ୍ରାମ ଦାଡ଼ିଆସାହି ନିକଟ ବାଙ୍କ ମୁଣ୍ଡା ଜମି ମାଳରେ ଥିବା ଏକ କାଦୁଅ ଜମିରେ ହାତୀଟି ପଶିଯାଇଛଥିବା ବେଳେ ସେଠାରୁ ଆଉ ବାହାରିପାରୁନି। ସେଠାରେ ନିସ୍ତେଜ ଅବସ୍ଥାରେ ପଡ଼ିରହିଛି। ହାତୀଟି ଅତି ଦୁର୍ବଳ ହୋଇଯାଇଥିବା ଦେଖାଯାଇଛି।

# ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିକାଣ୍ଡ

ବାଲେଶ୍ୱର, ୬।୧୨ (ସମିସ): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ସକାଳେ ଅଗ୍ନିକାଣ୍ଡ ଘଟିଛି। ମେଡିକାଲର ହାଉସ୍ କିପିଂ ରୁମ୍‌ରେ ନିଆଁ ଲାଗି ବିଭିନ୍ନ ସମାଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

ସୂଚନା ମୁତାବକ, ଆଜି ସକାଳେ ମେଡିକାଲ ପରିସରରେ ଥିବା ହାଉସ୍ କିପିଂ ରୁମ୍‌ରୁ ଧୂଆଁ ବାହାରୁଥିବା ଦେଖି କିଛି ରୋଗୀ ସମ୍ପର୍କୀୟ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଏହି ରୁମ୍‌ରେ ବିଶେଷକରି ଫିନାଇଲଠାରୁ ଆରମ୍ଭ କରି କପଡ଼ା, ସ୍ପିରିଟ୍, ବେଡସିଟ୍ ଆଦି ବିଭିନ୍ନ ସମାଗ୍ରୀ ଗଚ୍ଛିତ ହୋଇ ରହିଥାଏ। ପ୍ରତିଦିନ ମେଡିକାଲରେ ସଫେଇ କର୍ମଚାରୀ ବିଭିନ୍ନ ୱାର୍ଡ ବୁଲି ସଫା କରିବା ସହ ବେଡସିଟ୍ ବଦଳାଇଥା'ନ୍ତି। ସକାଳେ କର୍ମଚାରୀ ଆସିବା ପୂର୍ବରୁ ରୁମ୍‌ରୁ ଧୂଆଁ ବାହାରୁଥିଲା।

■ ହାଉସ୍‌କିପିଂ ରୁମ୍‌ରେ ଲାଗିଲା ନିଆଁ
■ ବିଭିନ୍ନ ସାମଗ୍ରୀ ପୋଡି ପାଉଁଶ

ମେଡିକାଲ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ରୁମ୍‌ରେ ଥିବା ୫୦ହଜାର ଟଙ୍କା ମୂଲ୍ୟର ଏକ ବକେଟ ସାଙ୍ଗକୁ କପଡ଼ା, ଫିନାଇଲ ଓ ଅନ୍ୟାନ୍ୟ ସମାଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା।

ହସ୍‌ପିଟାଲ ମ୍ୟାନେଜର ସଚିଦାନନ୍ଦ ପଣ୍ଡା କହିଛନ୍ତି, ସଫାସଫି କରିବା ପାଇଁ ଏହି ରୁମ୍‌ରେ ସବୁବେଳେ ର' ସ୍ପିରିଟ୍ ରହିଥାଏ। କୌଣସି କାରଣରୁ ତାହା କପଡ଼ା ଉପରେ ପଡ଼ିଗଲେ ଧୀରେଧୀରେ ନିଆଁ ଲାଗି ଯାଇଥାଏ। ଏହି କାରଣ କିମ୍ବା ବିଦ୍ୟୁତ୍ ସଟ୍‌ସର୍କିଟ୍ ଯୋଗୁଁ ନିଆଁ ଲିଗିଥିବା ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡରେ ପାଖାପଖି ୭୦ ହଜାରରୁ ଅଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି ବୋଲି ସେ କହିଛନ୍ତି। ଅଗ୍ନିଶମ ବିଭାଗର ଅଧିକାରୀ ସମୀର ବିଶ୍ୱାଳ କହିଛନ୍ତି, ମେଡିକାଲରେ ନିଆଁ ଲାଗିଥିବା ଖବର ପାଇ ତୁରନ୍ତ ନିଆଁକୁ ଆୟତ୍ତ କରାଯାଇଛି। ତେବେ କୌଣସି ବଡ଼ଧରଣର କ୍ଷତି ହୋଇ ନଥିବା ସେ କହିଛନ୍ତି।

## ଓପିଏସ ଗ୍ରୁପ-ଏରୁ ଓଆର୍‌ଏସ୍ ଗ୍ରୁପ-ବିକୁ ଅବନତି ମାମଲା

# ମୁଖ୍ୟ ଶାସନ ସଚିବଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ତାଗିଦ

ଫୁଲବାଣୀ,୬।୧୨(ସମିସ): ବିଭାଗୀୟ ଭୁଲ୍ ପାଇଁ ଜଣେ ଆବେଦନକାରୀଙ୍କୁ ଦୀର୍ଘ ୮ ବର୍ଷ ଧରି ଅନ୍ୟାୟ ସହିବାକୁ ପଡୁଥିବାରୁ ଏକ ଅଦାଲତ ଅବମାନନା ମାମାଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ଶାସନ ସଚିବଙ୍କୁ ତାଗିଦ କରିଛନ୍ତି।

ସୂଚନାଯୋଗ୍ୟ ଓଡ଼ିଶା ପୁଲିସ ସେବା ଅଧିକାରୀ ନିବେଦିତା ସୋରେନଙ୍କୁ ସାଧାରଣ ପ୍ରଶାସନ ବିଭାଗର ସାମାନ୍ୟ ତ୍ରୁଟି ଯୋଗୁଁ ଓପିଏସ ଗ୍ରୁପ-ଏ ରୁ ଓଆରଏସ ଗ୍ରୁପ-ବିକୁ ଅବନତି ଦେଇ ୨୦୧୮ ମସିହାରୁ ଗୃହ ବିଭାଗରୁ ତାଙ୍କର ଚାକିରୀ ସମାପ୍ତ କରାଯାଇଥିଲା। ଏ ନେଇ ନିବେଦିତା ୨୦୧୮ ମସିହାରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ଶୁଣାଣି

**ଆଦେଶ କାର୍ଯ୍ୟକାରୀ ନହେଲେ ଲାଗିବ 'ଅଦାଲତ ଅବମାନନା'**

କରି ହାଇକୋର୍ଟ ୨୦୨୪ ଡିସେମ୍ବର ଦୁଇ ତାରିଖରେ ତାଙ୍କର ଅବନତି ଆଦେଶକୁ ନାକଚ କରି ଏବଂ ପୁଣି ଓପିଏସ ରେ ଚାକିରୀ ଜାରି ରଖିବାକୁ ନିର୍ଦ୍ଦେଶ ଦେଇ ଆବେଦନକରୀବଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲେ। ଇତି ମଧ୍ୟରେ ବର୍ଷେ ବିତି ଯାଇଥିଲେ ମଧ୍ୟ ହାଇକୋର୍ଟଙ୍କ ଆଦେଶର ଅନୁପାଳନ ହୋଇ ନଥିବା ଦର୍ଶାଇବା ସହ ଏହାକୁ ଅଦାଲତ ଅବମାନନା ଭାବେ ଗ୍ରହଣ କରିବା ପାଇଁ ନିବେଦିତା ପୁନଶ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାକୁ ବିଚାରପତି ବିରଜା ପ୍ରସନ୍ନ ଶତପଥି ଚଳିତ ୩ ତାରିଖରେ ଶୁଣାଣି କରି ହାଇକୋର୍ଟଙ୍କ ଆଦେଶ ଅନୁପାଳନ ହୋଇ ନଥିବା ନେଇ ମୁଖ୍ୟ ଶାସନ ସଚିବଙ୍କୁ ତାଗିଦ କରିବା ସହ ଏକ ମାସ ମଧ୍ୟରେ ଆଦେଶର ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂର୍ବରୁ ଆଦେଶ କାର୍ଯ୍ୟକାରୀ ନହେଲେ ଏହାକୁ ଏକ ଉଦ୍ଦେଶ୍ୟମୂଳକ ନ୍ୟାୟିକ ଅବମାନନା ରୂପେ ଧରାଯିବ ବୋଲି ହାଇକୋର୍ଟ କହିଛନ୍ତି।

## ପୋଷା ନେଉଳ ହତ୍ୟାର ପ୍ରତିଶୋଧ

# ବୃଦ୍ଧଙ୍କୁ ଖଣ୍ଡାରେ ହାଣି ମାରିଦେଲା

କବିସୂର୍ଯ୍ୟନଗର,୬।୧୨(ସମିସ): ନେଉଳ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ବୃଦ୍ଧଙ୍କୁ ଖଣ୍ଡାରେ ହାଣି ମାରିଦେଲା ନାବାଳକ। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗାଁରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, କୃଷ୍ଣଚନ୍ଦ୍ର ମହାନ୍ତି(୭୨)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ନାବାଳକକୁ ଅଟକ ରଖିଛି।

ସୂଚନାନୁଯାୟୀ, କୃଷ୍ଣଚନ୍ଦ୍ର ଶୁକ୍ରବାର ଦୋକାନରୁ ଚିକେନ୍ କିଣି ଆଣି ରୋଷଇ ପାଇଁ ଘରେ ରଖିଥିଲେ। ଏହି ସମୟରେ ପଡ଼ିଶା ଘରର ଏକ ପୋଷା ନେଉଳ ଆସି ଉକ୍ତ ଚିକେନ୍ ଖାଇ ଦେଇଥିଲା। ଏ ସଂପର୍କରେ କୃଷ୍ଣଚନ୍ଦ୍ର ପଡ଼ୋଶୀଙ୍କୁ ତାଗିଦ୍ କରିଥିଲେ। କିନ୍ତୁ ଶନିବାର ସକାଳେ ପୁଣି ନେଉଳଟି ବୃଦ୍ଧଙ୍କ ଘରେ ପଶିଥିଲା। କୃଷ୍ଣଚନ୍ଦ୍ର ତା' ଉପରକୁ ଏକ ଠେଙ୍ଗା ପକାଇଥିଲେ। ଏଥିରେ ନେଉଳଟିର ମୃତ୍ୟୁ ଘଟିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନେଉଳ ପୋଷିଥିବା ୧୫ବର୍ଷୀୟ ନାବାଳକ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଘରେ ଥିବା ଏକ ଖଣ୍ଡା ଆଣି କୃଷ୍ଣଚନ୍ଦ୍ରଙ୍କ ମୁଣ୍ଡକୁ ହାଣି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ରଙ୍କ ବୋହୂ ନିବାସିନୀ ମହାନ୍ତିଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁକରି ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ହାତୀ ଆକ୍ରମଣରେ ଯୁବକ ମୃତ



କରଞ୍ଜିଆ/ଶୁକ୍ରୁଳି, ୬।୧୨(ସମିସ): ଶନିବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଜାମଦାପାଳ ଗ୍ରାମର ଜୁନା ନାଏକ(୨୩)। କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣରେ ହାତୀମାନଙ୍କ ଚଳପ୍ରଚଳ ଜାରି ରହିଛି। ଶୁକ୍ରବାର ରାତିରେ ପାର୍ବତୀପୁର ଗ୍ରାମର ଆମ୍ବ ବଗିଚାକୁ ଜୁନା ଯାଇଥିବା ବେଳେ ହଠାତ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଖବର ପାଇ ବନବିଭାଗ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଶୁକ୍ରୁଳି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ କେନ୍ଦୁଝର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

DSPL-398



**ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ବାର୍ତ୍ତା**

ସଶସ୍ତ୍ର ବାହିନୀ ପତାକା ଦିବସ ୨୦୨୫ ଡିସେମ୍ବର ୭ ତାରିଖରେ ପାଳନ ଅବସରରେ ମୁଁ ସଶସ୍ତ୍ର ବାହିନୀର ସମସ୍ତ ପଦାଧିକାରୀ ଏବଂ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି ।

ସଶସ୍ତ୍ର ବାହିନୀ ସର୍ବଦା ଆମ ମାତୃଭୂମିର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବାରେ ସାହସ, ବୀରତ୍ୱ ଏବଂ ଦେଶପ୍ରେମ ପ୍ରଦର୍ଶନ କରିଛି । ଅନେକ ସାହସୀ ଏବଂ ବୀର ସୈନିକ ଆମ ଜାତିର ସେବାରେ ସେମାନଙ୍କର ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଅପରେସନ୍ ସିନ୍ଦୁର ସମୟରେ ଆମର ସଶସ୍ତ୍ର ବାହିନୀ ପୁଣି ଥରେ ଅତୁଳନୀୟ ସମର୍ପଣ, ବୀରତ୍ୱ ଓ ନିଃସ୍ୱାର୍ଥପର ସେବା ପ୍ରଦର୍ଶନ କରିଛି, ଯାହା ଆମ ଲୋକଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଦାଖଲ କରିଛି । ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ପତାକା ଦିବସ ପାଣ୍ଠିରେ ଦାନ କରି ସାହସୀ କର୍ମଚାରୀମାନଙ୍କ ସହିତ ଆମର ଏକତାକୁ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରେ, ଯାହା ଯୁଦ୍ଧ ବିଧବା, ସହିଦଙ୍କ ସନ୍ତାନ, କର୍ତ୍ତବ୍ୟ ପାଳନ ସମୟରେ ଆହତ ହୋଇଥିବା ସାହସୀ ସୈନିକ ଏବଂ ପୂର୍ବତନ ସୈନିକଙ୍କ କଲ୍ୟାଣ ଏବଂ ପୁନର୍ବାସକୁ ସହାୟତା କରିବ ।

ଏହି ପବିତ୍ର ଅବସରରେ ମୁଁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରୁଛି ଯେ ସେମାନେ ଏହି ମହାନ କାର୍ଯ୍ୟରେ ଉଦାରତାର ସହିତ ଯୋଗଦାନ କରିବାକୁ ଆଗେଇ ଆସନ୍ତୁ, ଯାହା ଆମର ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଜୀବନକୁ ବଳିଦାନ ଦେଇଥିବା ବୀର ସୈନିକଙ୍କ ପ୍ରତି ଆମର ସାମୂହିକ କୃତଜ୍ଞତା ଏବଂ ସମ୍ମାନର ଏକ ନିଦର୍ଶନ ହେବ ।

ଜୟ ହିନ୍ଦ୍ ।

(ହରି ବାବୁ କମ୍ଭମ୍ପାଟି)



**ବାର୍ତ୍ତା**

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୫ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଅମର ସୈନିକମାନଙ୍କ ପତ୍ନୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।

ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ବୀର ସୈନିକମାନଙ୍କର ବଳିଦାନ ଓ ତ୍ୟାଗ ଅବିସ୍ମରଣୀୟ । ନିକଟରେ ହୋଇଥିବା ଅପରେସନ୍ ସିନ୍ଦୁର, ସେମାନଙ୍କର ସାହସ ଏବଂ ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ପ୍ରମାଣ । ସେମାନେ କେବଳ ଆମକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରନ୍ତି ନାହିଁ ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ରୋକିବା ପାଇଁ ମଧ୍ୟ ଅମୂଲ୍ୟ ସେବା ପ୍ରଦାନ କରନ୍ତି । ମାତୃଭୂମିର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦ ମାନଙ୍କୁ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା, ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କ ପ୍ରତି ଆନ୍ତରିକ ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଏବଂ ପୁନଃ ଥଇଥାନ ନିମନ୍ତେ ସହାୟତା ଓ ସହଯୋଗ ପ୍ରଦାନ କରିବା ଏହି ଦିବସ ପାଳନର ମହତ ଉଦ୍ଦେଶ୍ୟ ।

ଏହି ଶୁଭ ଅବସରରେ ସମଗ୍ର ରାଜ୍ୟବାସୀଙ୍କୁ "ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠି"କୁ ମୁକ୍ତ ହସ୍ତରେ ଦାନ କରିବାକୁ ମୁଁ ଆହ୍ୱାନ କରୁଛି । ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ସେମାନଙ୍କ ବଳିଦାନକୁ ସମ୍ମାନ ଦେବା ଏବଂ ସେମାନେ ପ୍ରତିନିଧିତ୍ୱ କରୁଥିବା ସେବା ଏବଂ ଏକତାର ଭାବନାକୁ ବଜାଇ ରଖିବା ।

ଜୟ ହିନ୍ଦ୍ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0006/2526

# ସୁବର୍ଣ୍ଣରେଖା ମାକିଡ଼ିଆରେ ପୋଲ ନିର୍ମାଣ ଦାବି

ଜଳେଶ୍ୱର, ୬।୧୨(ସମିସ)




ସୁବର୍ଣ୍ଣରେଖା ନଦୀ ଜଳେଶ୍ୱର ବ୍ଲକର ବିସ୍ତୃତ ଅଞ୍ଚଳ ଦେଇ ପ୍ରବାହିତ ହେଉଛି। ଏହା ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ପ୍ରାୟତଃ ସୀମାରେଖା ପାଲଟିଛି। ସଂପୃକ୍ତ ଅଞ୍ଚଳରେ ନଦୀର ଦୁଇ ପାଖରେ ବସବାସ କରୁଥିବା ଦୁଇ ରାଜ୍ୟର ଲୋକଙ୍କ ମଧ୍ୟରେ ସାଂସ୍କୃତିକ, ସାମାଜିକ, ପାରମ୍ପରିକ ସମ୍ପର୍କ ରହିଛି। ତେବେ ଜଳେଶ୍ୱର ବ୍ଲକ୍ ରାଇବଣିଆ ସୀମାନ୍ତ ଅଞ୍ଚଳରେ ନଦୀର ପୋଲ ନ ଥିବାରୁ ଦୁଇ ରାଜ୍ୟର ଲୋକେ ଯାତାୟାତରେ ସମସ୍ୟା ଭୋଗଛନ୍ତି। ତେଣୁ ମାକିଡିଆରେ ପୋଲ ନିର୍ମାଣ କରାଯିବାକୁ ଦାବି ହେଉଛି।

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ମାକିଡିଆ, ଓଲମରା, ସର୍ଦ୍ଦାରବନ୍ଧ, ଶ୍ୟାମନଗର, ରାଇବଣିଆ, କାଳିକ, ଖୁଦିଆମାଝିସାହି, ଖୁଆଡ, କଳମା, ବରଡିହା ପଞ୍ଚାୟତରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଅଧିକ ମିଳିଥାଏ। ତେବେ ବିଭିନ୍ନ ଖାଦ୍ୟଶସ୍ୟ ଓ ପରିବା ଅଧିକ ଦରରେ ବିକିବାର ସୁଯୋଗ ମିଳିପାରେନାହିଁ। ଯାତାୟାତ ପାଇଁ ଓଲମରା ହାଟ ଓ ପଶ୍ଚିମବଙ୍ଗର ବାଲଡାଙ୍ଗିରି ମଧ୍ୟରେ ସଂଯୋଗ ପାଇଁ ଖରାଦିନେ ନଦୀ ଉପରେ ଅସ୍ଥାୟୀ ପୋଲି ନିର୍ମାଣ ହୋଇଥାଏ। ବର୍ଷା ୪ ମାସ ଡଙ୍ଗା ଭରସା ହୋଇଥିବାବେଳେ ଖରାଦିନେ ୮ ମାସ ଅସ୍ଥାୟୀ ରାସ୍ତା ଓ କାଠପୋଲ ଲୋକଙ୍କ ଜୀବନରେଖା ପାଲଟିଥାଏ। ନଦୀ ପାରି ହେବା ପରେ ମାତ୍ର ୨ କିମି ଦୂରରେ ଦାନ୍ତୁନ ସହର ଅବସ୍ଥିତ। ରାଇବଣିଆ ଅଞ୍ଚଳର ଲୋକେ ଦାନ୍ତୁନ ସହରରୁ ଲୁଗାପଟା, ବାସନକୁସନ, ମସଲା, ହାତ ତିଆରି ସାମଗ୍ରୀ, ଘରୋଇ ଉପକରଣ, ବିଭିନ୍ନ ଫସଲର ବିହନ ଆଦି କ୍ରୟ କରିଥା'ନ୍ତି। ଏଥିସହିତ ଉଭୟ ରାଜ୍ୟରେ ହେଉଥିବା ଉତ୍ସବ, ମେଳା ଆଦିରେ ନଦୀ ଦୁଇ ପାର୍ଶ୍ୱର ଲୋକ ଯୋଗଦେଇଥା'ନ୍ତି। ଓଲମରାଠାରେ ନଦୀର ଓସାର ପ୍ରାୟ ୨ କିମିରୁ ଅଧିକ ହୋଇଥିବାବେଳେ ଏଠାରେ ସ୍ଥାନୀୟ ଲୋକ ଅସ୍ଥାୟୀ ପୋଲ ତିଆରି କରି ବ୍ୟବହାର କରିଥା'ନ୍ତି। ନଦୀଗର୍ଭର ଦୁଇ ତୃତୀୟାଂଶ ଓଡ଼ିଶାର ଓ ଏକ ତୃତୀୟାଂଶ ପଶ୍ଚିମବଙ୍ଗ ପଟେ ଖରାଦିନେ ପାଣି ସ୍ରୋତ ରହିଥିବାରୁ ସେଠାରେ ସ୍ଥାନୀୟ ଲୋକେ କାଠ ପୋଲ ନିର୍ମାଣ କରିଥା'ନ୍ତି। ଖରାଦିନେ ଏହି ଅସ୍ଥାୟୀ ରାସ୍ତା ଦେଇ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର କେସିୟାଡି ଅଞ୍ଚଳର ଲୋକେ ଯାତାୟାତ କରିବା ସହିତ ଖଡ଼ଗପୁର, କୋଲକାତା ଓ ଦିଘା ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟାତ କରନ୍ତି। ଦୁଇବର୍ଷ ପୂର୍ବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଦାନ୍ତୁନ ବିଧାୟକ ବିକ୍ରମ ପ୍ରଧାନଙ୍କ ନେତୃତ୍ୱରେ ସେଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ ଲାଗି ଆଲୋଚନା ହୋଇଥିଲା । ଦାନ୍ତୁନଠାରେ ଅନୁଷ୍ଠିତ ଆଲୋଚନାରେ ଯୋଗଦେଇଥିଲେ ମଧ୍ୟ ସେପରି କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ପଶ୍ଚିମବଙ୍ଗ ସରକାର ଏଥିପ୍ରତି ବିଶେଷ ଗୁରୁତ୍ୱ ଦେଉ ନ ଥିବା ଜଣାଯାଇଛି।

ଓଡ଼ିଶା ଲୋକଙ୍କ ପ୍ରାୟ ୫ ଶହ ଏକର ଚାଷଜମି ନଦୀ ଆରପାର୍ଶ୍ୱର୍ ପଶ୍ଚିମବଙ୍ଗ ଅଞ୍ଚଳରେ ରହିଛି। ସୀମା ନିର୍ଦ୍ଧାରଣ ଲାଗି ଏନଜିଟି ପକ୍ଷରୁ ମାପଚୁପ ପରେ ଏହି ଚାଷଜମି ଓଡ଼ିଶାର ଥିବା ଜଣାପଡିଛି। ଓଡ଼ିଶା ଲୋକଙ୍କ ଶସ୍ୟ ବୋହିବା କଷ୍ଟସାଧ୍ୟ ହୋଇପଡିଛି। ସହରକୁ ଆସିବା ପାଇଁ ସେମାନଙ୍କୁ ପ୍ରାୟ ୨୨ କିମି ରାସ୍ତା ଅତିକ୍ରମ କରି ଶିଖରପୁର କିମ୍ବା ଗୁରୁଦାସପୁର ସେତୁ ପାରିହେବାକୁ ପଡ଼ିଥାଏ। ତେଣୁ ସେମାନେ ଖାଦ୍ୟଶସ୍ୟ ତଥା ବିଭିନ୍ନ ଜିନିଷର କିଣାବିକା ପାଇଁ ନଦୀ ସେପାଖ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲ୍ଲା ଦାନ୍ତୁନ ସହର ଉପରେ ନିର୍ଭର କରିଥା'ନ୍ତି। ଦାନ୍ତୁନରେ ଶସ୍ତାରେ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରିଥା'ନ୍ତି। ସେହିପରି ରାଇବଣିଆ ଅଞ୍ଚଳରୁ ପନିପରିବା, ଖାଦ୍ୟଶସ୍ୟ, ଆଖୁ, କାଠ ତିଆରି ଜିନିଷ ସେଠାରେ ବିକ୍ରି ହୋଇଥାଏ। ତେଣୁ ଓଡ଼ିଶା ସରକାରଙ୍କ ଦ୍ୱାରା ମାକିଡିଆଠାରେ ଏକ ସ୍ଥାୟୀ ପକ୍କା ପୋଲ ନିର୍ମାଣ ହେଲେ ରାଇବଣିଆ ଅଞ୍ଚଳ ଲୋକଙ୍କ ଯାତାୟାତରେ ସୁବିଧା ହେବା ସହ ପଥର, ବାଲି, ମାଟି ଚୋରିକୁ ରୋକାଯାଇପାରନ୍ତା ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି।

## ଗାଁ ମଜଲିସ୍ ସାହିତ୍ୟ ସଂସଦର ବୈଠକ

ସୋର, ୬।୧୨(ସମିସ): ସୋର ଗାଁ ମଜଲିସ ସାହିତ୍ୟ ସଂସଦର ବୈଠକ ଉପସଭାପତି ଚେମେଇ ଦାସଙ୍କ ସଭାପତିତ୍ୱରେ ଆର୍.କେ. ଷ୍ଟୁଡିଓରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ ତାରିଖରେ ହେବାକୁ ଥିବା ସଂସଦର ୩୬ତମ ବାର୍ଷିକ ଉତ୍ସବ ସଂପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ଉତ୍ସବରେ "ଗାଁ ମଜଲିସ୍ ସାହିତ୍ୟ ସମ୍ମାନ' ଗାଳ୍ପିକ ସଦାନନ୍ଦ ପାତ୍ର ଓ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି ଖଗେଶ୍ୱର ମହତାବ, କବି ରମାକାନ୍ତ ଜେନା, ନାଟ୍ୟକାର ଭାବଗ୍ରାହୀ ଦାସଙ୍କୁ ଗାଳ୍ପିକ ଉଦୟ ନାରାୟଣ ଦାସ, କବି ତ୍ରିଲୋଚନା ଦାସ, ଯୁବ କବି ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, କବି ବିଦ୍ୟୁତଲତା ଦାସ, କବି ଦେବାଶିଷ ଚକ୍ରବର୍ତ୍ତୀ, ଗୁରୁ କୃପାସିନ୍ଧୁ ପାଣିଗ୍ରାହୀ, କବି ରଜିତ ଦାସ, ଅଭିନେତ୍ରୀ ଅନ୍ନପୂର୍ଣ୍ଣା ଲେଙ୍କା, ଆଦର୍ଶ ଜନନୀ ରଜନୀ ବାରିକ ଓ ଲିପ୍‌ସିତା ସାହୁଙ୍କ ପ୍ରଦାନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଦାମୋଦର ଦାଶମହାପାତ୍ର, ମହେଶ୍ୱର ପଣ୍ଡା, ଡ. ରବୀନ୍ଦ୍ର ବିହାରୀ, ରବୀନ୍ଦ୍ର ଦାସ, ସୁରଞ୍ଜନ ପାତ୍ର ଉପସ୍ଥିତ ଥିବାବେଳେ ଚନ୍ଦ୍ରମୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

ନୀଳଗିରି, ୬।୧୨ (ସମିସ): ଘର ଲୋକେ ଯାତ୍ରା ଦେଖିବାକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ ଲୁଟେରା ତାଲା ଭାଙ୍ଗି ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର। ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଭଳି ଏକ ଅଭାବନୀୟ ଘଟଣା ନୀଳଗିରି ବ୍ଲକର କାଂଶ ପଞ୍ଚାୟତର କୁଲାପାଳ ଗ୍ରାମର ଶୁଭ୍ରାଂସୁ ଶେଖର ମହାନ୍ତିଙ୍କ ଘରେ ଦେଖିବାକୁ ମିଳିଛି। ଘରଲୋକେ ତାଲା ପକାଇ ପାଖରେ ହେଉଥିବା ଯାତ୍ରା କଳିଙ୍ଗ ଗଣନାଟ୍ୟ ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ପରିବାର ଲୋକେ ଫେରି ଦେଖନ୍ତେ ଘରର ତାଲା ଭଙ୍ଗାଯାଇଥିବାବେଳେ ଲୁଟେରା ଗଡରେଜ୍ ତାଲା ଭାଙ୍ଗି ୪ଟି ସୁନା ହାର, ୩ଟି ସୁନା ମୁଦି, ୮ ଶହ ଗ୍ରାମର ରୂପା ଅଳଙ୍କାର ସହ ନଗଦ ୯ ହଜାର ଟଙ୍କା ଚୋରି ନେଇଛନ୍ତି। ଏ ନେଇ ପରିବାର ଲୋକେ ନୀଳଗିରି ଥାନାରେ ଲିଖିତ ଅଭିଯୋଗ ପରେ ନୀଳଗିରି ପୁଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହିତ ପହଞ୍ଚି ତଦନ୍ତ ଜାରି ରଖିଛି। ନୀଳଗିରି ଥାନାରେ ୫୧୪/୨୫ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### ପ୍ରଶାସନର ଭିନ୍ନ ପ୍ରୟାସ

## ଅସହାୟ ପରିବାର ମୁହଁରେ ଫୁଟିଲା ହସ





ବାଲିଆପାଳ, ୬।୧୨ (ସମିସ): ସମାଜରେ ଆଜିବି ବହୁ ଭିନ୍ନକ୍ଷମ ଅବହେଳିତ। ସରକାର ଏହି ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରିଥିଲେ ବି ପ୍ରଶାସନ ନିକଟରେ ଏମାନଙ୍କର ସୂଚନା ଆଜିବି ଅପହଞ୍ଚ। ବାଲିକୁଟି ଏବଂ ବଣିଆଡିହା ପଞ୍ଚାୟତର କିଛି ଭିନ୍ନକ୍ଷମ ପରିବାର ସରକାରଙ୍କ ରାସନ ସୁବିଧାରୁ ବଞ୍ଚିତ ଥିଲେ। ଠିକ ସେହିପରି କୁଣ୍ଡୁଳି ପଞ୍ଚାୟତର ଭିନ୍ନକ୍ଷମ ଦମ୍ପତି ବୁଦ୍ଧିଆ ମାଝୀ ଏବଂ ତାର ସ୍ତ୍ରୀ ଫୁଲ ମାଝୀ ୧୦ ମାସ ଧରି ଦସ୍ତାବିଜ ସମସ୍ୟା ଥିବା ହେତୁ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ଥିଲେ। ରାସନ କାର୍ଡ ଏବଂ ଭିନ୍ନକ୍ଷମ ଭତ୍ତା ଯୋଜନାରୁ ବଞ୍ଚିତ ଥିବା ଭିନ୍ନକ୍ଷମଙ୍କ ଖବର ସାମାଜିକ କର୍ମୀ ରାଜକିଶୋର ପାତ୍ର ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାସଙ୍କୁ ଜଣାଇଥିଲେ। ସୂଚନା ପରେ ବିଡ଼ିଓ ଶ୍ରୀ ଦାସ ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ପାର୍ଥ ସାରଥୀ ସାହୁଙ୍କୁ ଯୋଜନାରୁ ବଞ୍ଚିତ ଥିବା ଭିନ୍ନକ୍ଷମଙ୍କ ବିଷୟରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଏହି ଅଧିକାରୀମାନେ ତୃଣମୂଳ ସ୍ତରକୁ ଯାଇ ତଦନ୍ତ କରିଥିଲେ। କଣ୍ଟ୍ରୋଲ ଦୋକାନକୁ ଏହି ଭିନ୍ନକ୍ଷମ ମାନେ କେୱାଇସି ପାଇଁ ଆସିବାରେ ଅସମର୍ଥ ଥିବାରୁ ଶ୍ରୀ ରଥଙ୍କ ନିର୍ଦ୍ଦେଶରେ କଣ୍ଟ୍ରୋଲ ଦୋକାନର କର୍ମଚାରୀ ସୁବାଷ ଦାସ ସେମାନଙ୍କ ଘରେ ଯାଇ କେୱାଇସି କରିଥିଲେ। ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ବିଡ଼ିଓ ଶ୍ରୀ ଦାସ ଯୋଜନାରୁ ବଞ୍ଚିତ ଥିବା ଭିନ୍ନକ୍ଷମ ମୁହଁରେ ହସ ଫୁଟାଇବା ପାଇଁ ନିଆରା ନିଷ୍ପତ୍ତି ନେଇଥିଲେ। ଗତକାଲି ସେ ନିଜେ ଯୋଗାଣ ଅଧିକାରୀ ଶ୍ରୀ ରଥଙ୍କୁ ସାଙ୍ଗରେ ନେଇ ବାଲିକୁଟି ପଞ୍ଚାୟତର ଭିନ୍ନକ୍ଷମ ମହିଳା ସୁକାନ୍ତି ଦଳାଇ, ବଣିଆଡିହା ପଞ୍ଚାୟତର ଭିନ୍ନକ୍ଷମ ମଣ୍ଟୁ କୁମାର ଦାସ, ଭିନ୍ନକ୍ଷମ କବିତା ମାଝୀଙ୍କ ଘରକୁ ଯାଇ ନିଜେ ରାସନ କାର୍ଡ ପ୍ରଦାନ କରିଥିଲେ। ସେହିପରି କୁଣ୍ଡୁଳି ପଞ୍ଚାୟତର ଭିନ୍ନକ୍ଷମ ଦମ୍ପତିଙ୍କୁ ୧୦ ମାସର ଭତ୍ତା ୧୨୦୦୦ ଲେଖାଏଁ ଉଭୟଙ୍କୁ ସମୁଦାୟ ୨୪୦୦୦ ଟଙ୍କା ପ୍ରଦାନ ପାଇଁ ଭତ୍ତା ଦାୟିତ୍ୱରେ ଥିବା ଶ୍ରୀ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭତ୍ତା ପ୍ରଦାନ ସମୟରେ ଜିପିଡିଓ ପ୍ରିୟବ୍ରତ ଗିରି ଏବଂ ଶ୍ରୀ ସାହୁ ଭିନ୍ନକ୍ଷମ ଦମ୍ପତିଙ୍କ ଘରେ ଉପସ୍ଥିତ ଥିଲେ। ବାଲିଆପାଳ ବ୍ଲକ ପ୍ରଶାସନ ଏହି ମାନବିକ ପଦକ୍ଷେପ ପାଇଁ ପୁଣି ଅଞ୍ଚଳବାସୀଙ୍କ ମନରେ ପ୍ରଶଂସା ସାଉଁଟିଛି।

### ● ନୀଳଗିରିରେ ଶୀତ ଲହରୀ

## ପ୍ରବଳ ଶୀତ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

ନୀଳଗିରି, ୬।୧୨, (ସମିସ): ଥଣ୍ଡାରେ ଥରୁଛି ସାରା ଓଡ଼ିଶା। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ନୀଳଗିରିରେ ପ୍ରବଳ ଶୀତ ଯୋଗୁଁ ଜନଜୀବନ ବାଧାପ୍ରାପ୍ତ ହୋଇଛି। କୁହୁଡ଼ି ଆସ୍ତରଣରେ ନୀଳଗିରି ସହର। ଯାତାୟତ ବାଧାପ୍ରାପ୍ତ ହୋଇଛି। ନୀଳଗିରି ସହର ସମେତ ଆଖପାଖ ଅଞ୍ଚଳରେ ଘନ କୁହୁଡି ପଡ଼ିଛି। ସକାଳୁ ସକାଳୁ ଖେଳ ପଡିଆରେ ଲୋକଙ୍କ ଭିଡ଼ ଜମୁଛି। ଯୋଗ, ଜଗିଂ କରି ନିଜକୁ ଫିଟ୍ ରଖିବାକୁ ଅଭ୍ୟାସ କରୁଛନ୍ତି ଲୋକ। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ପୋଉଁଥିବା ଦେଖିବାକୁ ମିଳିଛି। ଏପରିକି ଅପରାହ୍ନ ୪ଟା ବେଳକୁ ଲୋକେ ଘରୁ ବାହାରିବା କଷ୍ଟ ହୋଇପଡୁଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସ୍ଥାନେ ସ୍ଥାନେ ଲୋକମାନେ ଶୀତ ଦାଉରୁ ନିଜକୁ ଉପଶମ ପାଇଁ ନିଆଁ ଜାଳୁଥିବା ଦେଖିବାକୁ ମିଳିଛି। ସତେ ଯେପରି ଦ୍ୱିତୀୟ ଦାର୍ଜିଂବାଡି ପରି ନୀଳଗିରିରେ ଶୀତର ପ୍ରକୋପ ଦେଖିବାକୁ ମିଳିଛି। ମେଡିକାଲରେ ରୋଗୀ ମଧ୍ୟ ଏହି ଶୀତ ଦାଉରୁ ବର୍ତ୍ତିପାରୁନାହାନ୍ତି।







## ସୋର କଲେଜରେ ରକ୍ତଦାନ ଶିବିର

ସୋର, ୬।୧୨(ସମିସ): ସୋର ଉପେନ୍ଦ୍ର ନାଥ ମହାବିଦ୍ୟାଳୟସ୍ଥ ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ରକ୍ତ ଭଣ୍ଡାରର ଏକ ୫ଜଣିଆ ଟିମ୍ ରକ୍ତ ସଂଗ୍ରହ କରିବା ପାଇଁ ଆସିଥିଲେ। ଏହି ରକ୍ତଦାନ ଶିବିରରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏହି ରକ୍ତଦାନ ଶିବିରରେ ସୋର ଅଞ୍ଚଳର ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଧୀରେଶ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ମହାନ୍ତି ଉକ୍ତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବ ରେଡ୍‌କ୍ରସର କାଉନସିଲର ଭାବେ ଅଧ୍ୟାପିକା ରାଜଶ୍ରୀ ବେହେରା, ଦୀପ୍ତିପ୍ରଜ୍ଞା ଦାସ ଓ ସୁଦୀପ୍ତା ସେଠୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଭିନ୍ନକ୍ଷମ ସପ୍ତାହ ପାଳିତ




ବାଲେଶ୍ୱର, ୬।୧୨(ସମିସ): ରାଣୀପାଟଣା ଦୃଷ୍ଟିହୀନ ଓ ମସ୍ତିଷ୍କ ପକ୍ଷାଘାତ ବିଦ୍ୟାଳୟ ପରିସରରେ ଟିପିଏନଓଡିଏଲ ପକ୍ଷରୁ ଭିନ୍ନକ୍ଷମ ସପ୍ତାହ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ରଛାତ୍ରୀଙ୍କୁ ନେଇ ଚେସ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ ପ୍ରଧାନଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଟିପିଏନଓଡିଏଲ ସିଏସ୍‌ଆର୍ ମୁଖ୍ୟ ରଞ୍ଜନ ଶର୍ମା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିପିଏନଓଡିଏଲ ଅନ୍ୟ ପଦାଧିକାରୀ, ଶିକ୍ଷକ ଚନ୍ଦ୍ରଜିତ ନାୟକ ଓ ସୁନୀଲ ବିଶ୍ୱାଳ ଉପସ୍ଥିତ ଥିଲେ। ସଭା ପରେ ବିଦ୍ୟାଳୟକୁ ବ୍ୟାଡ଼ମିଣ୍ଟନ, କ୍ୟାରମ ବୋଡର୍, ଫୁଟବଲ, ଟେନିସ ବଲ୍ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ପବିତ୍ର ମୋହନ ପଣ୍ଡା, ମନୋଜ ପଳାଇ, ବାସନ୍ତୀ ସିଂ, ଅର୍ଚ୍ଚନା ବିନ୍ଧାଣି, ଜ୍ୟୋତିର୍ମୟୀ ଦାସ, ଦୀପକ ବେହେରା, ଗୌରାଙ୍ଗ ପାତ୍ର, ସନ୍ତୋଷ ନାୟକ, ଆଶୁତୋଷ ବେହେରା, ସୌମ୍ୟରଞ୍ଜନ ସେନାପତି, ମୋନାଲିସା ସାହୁ, ଶିବାନୀ ପରିଡା ଓ ଅଭିଲିପସା ଦାସ ପରିଚାଳନା କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ଦିବାକର ସ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ସିଆର୍‌ସିସିଙ୍କ ମୃତ୍ୟୁ



ନୀଳଗିରି, ୬।୧୨(ସମିସ): ନୀଳଗିରି ବ୍ଲକ୍ ଭଉଁରିଆବାଡ଼ ପଞ୍ଚାୟତ ଗୁଡିଶୂଳ ଗ୍ରାମର ସ୍ୱର୍ଗତ ବୈରାଗୀ ସ୍ୱାଇଁଙ୍କ ପୁତ୍ର ଯତୀନ ସ୍ୱାଇଁ ମାଲକାନାଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ଶିକ୍ଷାଧିକାରୀ ଅଧୀନରେ ସିଆରସିସି ଭାବେ କାର୍ଯ୍ୟଭାର ସମ୍ପାଦନ କରୁଥିଲେ। ୪ ତାରିଖ ଅପରାହ୍ନ ପ୍ରାୟ ୨.୩୦ ମିନିଟ ସମୟରେ ଚିତ୍ରକୋଣ୍ଡାସ୍ଥ ବାସଭବନକୁ ବାଇକ୍‌ରେ ଆସୁଥିବାବେଳେ ପଛରୁ ଏକ ପିକଅପ ଭ୍ୟାନ୍ ଧକ୍କା ଦେବାରୁ ଯତୀନ ଗୁରୁତର ହୋଇ ପଡ଼ିଥିଲେ। ଉପସ୍ଥିତ ଲୋକେ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମୃତ୍ୟୁରେ ପତ୍ନୀ ସରସ୍ୱତୀ, ଏକମାତ୍ର ଝିଅ ବିଶ୍ୱ ବିଜୟିନୀଙ୍କ ସମେତ ପରିବାର ଭାଙ୍ଗିପଡ଼ିଛନ୍ତି।

## ଦୀପ ନିଆଁରେ ପୋଡ଼ିହୋଇ ଦମ୍ପତି ଗୁରୁତର


ସୋର, ୬।୧୨(ସମିସ): ସୋର ଥାନା ନଟାପଡା ଗ୍ରାମରେ ଠାକୁର ଘର ଦୀପ ନିଆଁରେ ପୋଡିହୋଇ ସ୍ୱାମୀସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ସୋର ଥାନା ନଟାପଡା ଗ୍ରାମର ପ୍ରତୀକ୍ଷା ସେନାପତି ଆଜି ସକାଳେ ଠାକୁର ଘରେ ପୂଜା କରୁଥିବାବେଳେ ଅସାବଧାନତାରୁ ଦୀପରୁ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗିଯାଇଥିଲା। ଏହା ଜାଣିପାରି ତାଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ସେନାପତି ମଧ୍ୟ ପୋଡିଯାଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବାବେଳେ ସେଠାରେ ସେମାନଙ୍କ ଅବସ୍ଥା ଶୋଚନୀୟ ଥିବାରୁ ଉଭୟଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।









## ଜାନୁଆରୀ ୩ରୁ ରୟାଲ୍ସ ପ୍ରିମିୟର୍ ଲିଗ୍‌ର ୧୧ତମ ସଂସ୍କରଣ

# ପ୍ରୀତିଦେବ ଓ ମାରି ଲୋକନାଥ ଦାମୀ ଖେଳାଳି



**ବାରିପଦା, ୬।୧୨(ସମିସ):** ଷ୍ଟେସନ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ହେବାକୁ ଥିବା ରୟାଲ୍ସ ପ୍ରିମିୟର୍ ଲିଗ୍‌ର ୧୧ତମ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ସବୁଠୁ ଦାମୀ ଖେଳାଳି ଭାବେ ପ୍ରୀତିଦେବ ଜେନା ୧୮ ହଜାର ଟଙ୍କାରେ ମା’ ଅମ୍ବିକା ସୁପର ସ୍ମାସର୍ସ ଦଳରେ ସାମିଲ୍ ହୋଇଛନ୍ତି। ଦ୍ୱିତୀୟ ସର୍ବାଧିକ ଦାମୀ ଖେଳାଳି ଭାବେ ମାରି ଲୋକନାଥ ୧୭ ହଜାର ୯୦୦ ଟଙ୍କାରେ ଏମର୍ଜି ଟାଇଟନ୍ ଦଳରେ ସାମିଲ୍ ହୋଇଛନ୍ତି। ୮ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ଲିଗ୍ ମ୍ୟାଚ୍ ଜାନୁଆରୀ ୩ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନିଲାମ ପ୍ରକ୍ରିୟାରେ ଅତିଥି ଭାବେ ଏହି ଲିଗ୍ ମ୍ୟାଚ୍‌ର ଚେୟାରମ୍ୟାନ ଗିରିଶ ଚନ୍ଦ୍ର ଦାସ, ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ ତଥା ୨୫ ନମ୍ବର ୱାର୍ଡ କାଉନ୍‌ସିଲର ଦେବାଶିଷ ପାତ୍ର, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମାଜସେବୀ ପୱନ୍ ଅଗ୍ରୱାଲ ଉପସ୍ଥିତ ରହି ଟିମ୍‌ର ମାଲିକମାନଙ୍କୁ ଉତ୍ସାହିତ କରିଥିଲେ।

# ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ତିରୋଧାନ ଦିବସ




**ବାରିପଦା, ୬।୧୨(ସମିସ):** ବିଶିଷ୍ଟ ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ୩୩ତମ ତିରୋଧାନ ଦିବସ ଓଡ଼ିଆ ଜାଗରଣ ମଞ୍ଚ, ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଏବଂ ବିନୋବା ସ୍ମାରକ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏମ୍‌ସିଏଏମ୍ କଲେଜ ପରିସରରେ ପାଳିତ ହୋଇଯାଇଛି। ସାମ୍ବାଦିକ ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ତଥା ପ୍ରଶାନ୍ତ ମହାନ୍ତିଙ୍କ ସହକର୍ମୀ ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜ୍‌ମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସାମ୍ବାଦିକ ସୟେଦ ସିରାଜୁଦ୍ଦିନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରି ସନ୍ଥ ବିନୋବାଙ୍କର ଭୂଦାନ ଆନ୍ଦୋଳନରେ ପ୍ରଶାନ୍ତଙ୍କ ତ୍ୟାଗପୂତ କର୍ମଧାରା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ କଲେଜର ଛାତ୍ରଛାତ୍ରୀମାନେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ।

# ବାଲି ଚୋରା ଚାଲାଣ ଉପରେ ଚଢ଼ଉ

**ବହଳଦା, ୬।୧୨(ସମିସ):** ରାଇରଙ୍ଗପୁର ପୁଲିସ୍ ଜିଲ୍ଲା ଅନ୍ତର୍ଗତ ବହଳଦା ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଶନିବାର ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବେଆଇନ ଭାବେ ଗଚ୍ଛିତ ୩୩୦ କ୍ୟୁବିକ୍ ମିଟର ବାଲି ଜବତ କରାଯାଇଛି। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ସହକାରୀ ଖଣି ଅଧିକାରୀ ମିଥୁନ ଗିରିଙ୍କ ସହ ବହଳଦା ଆଇଆଇସି ଭାସ୍କର ପ୍ରଧାନ ଓ ତହସିଲ୍ କାର୍ଯ୍ୟାଳୟରୁ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ବହଳଦା ଅଞ୍ଚଳର ବାସିଙ୍ଗି ଓ କଦମଡିହା ବାଲି ସୈରାତ୍ ଅଞ୍ଚଳରେ ଚଢ଼ଉ କରି ବେଆଇନ ଭାବେ ଗଚ୍ଛିତ ପାଖାପାଖି ୩୩୦ କ୍ୟୁବିକ୍ ମିଟର ବାଲି ଜବତ କରାଯାଇଥିଲା। ଉକ୍ତ ଜବତ ବାଲିକୁ ଖଣି ବିଭାଗ ପକ୍ଷରୁ ୨ ଲକ୍ଷ ୮୦ ହଜାର ଟଙ୍କାରେ ନିଲାମ କରାଯାଇଥିବା ଜଣାପଡ଼ିଛି। ଶୁକ୍ରବାର ତିରିଂ ଅଞ୍ଚଳରେ ଏବଂ ଶନିବାର ବହଳଦା ଅଞ୍ଚଳରେ ଖଣି ଓ ପୁଲିସ ବିଭାଗର ମିଳିତ ଚଢ଼ଉ ପରେ ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ଉପରେ କେତେ ମାତ୍ରାରେ ଅଙ୍କୁଶ ଲାଗିପାରୁଛି ତାହା ଦେଖିବାକୁ ବାକି ରହିଲା।

# ପୁଅ ଆକ୍ରମଣରେ ମାଆ ଗୁରୁତର

**ବେତନଟୀ, ୬।୧୨(ସମିସ):** ଶନିବାର ସନ୍ଧ୍ୟା ୮ଟା ସମୟରେ ବୈଶିଙ୍ଗା ଥାନା ଅଧୀନ ସର୍ବଣା ଗ୍ରାମର ବଡ଼ପୁଅ ଗୌରମୋହନ ସିଂଙ୍କ ଆକ୍ରମଣରେ ମାଆ ସମବାରୀ ସିଂ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଏଠାରୁ ବେତନଟୀ ଡାକ୍ତରଖାନା ପରେ ବାରିପଦା ପିଆର୍‌ଏମ୍ ଡାକ୍ତଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ ଯେ, ସମବାରୀ ସିଂ କୌଣସି କାରଣବଶତଃ ବଡ଼ ପୁଅ ସହିତ ଯୁକ୍ତିତର୍କ ଲାଗିବାରୁ ଉତ୍ୟକ୍ତ ହୋଇ କୌଣସି ଏକ ଓଜନିଆ ବସ୍ତୁରେ ମୁଣ୍ଡକୁ ବାଡ଼େଇବାରୁ ତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ସେ ଆଚେତ ହୋଇପଡ଼ିଥିଲେ। ତାଙ୍କର ସାନ ପୁଅ ଆମ୍ବୁଲାନ୍ସ ଯୋଗେ ବେତନଟୀ ଡାକ୍ତଖାନାକୁ ଆଣିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକସଭା

**ରାଇରଙ୍ଗପୁର, ୬।୧୨(ସମିସ):** ଆଦର୍ଶ ଗିଗଲୀବାଇ ସ୍କୁଲରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଶିବଶଙ୍କର ଶର୍ମାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ରମାନଙ୍କ ଦ୍ୱାରା ‘ହିନ୍ଦୀ ଭାଷୀ’ ଆନୁକୂଲ୍ୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ହିନ୍ଦୀଭାଷୀ ସାହିତ୍ୟିକ ଓ ସାଂସ୍କୃତିକ ସଂଗଠନର ଆବାହକ ବିଜୟ କୁମାର ରାମଙ୍କ ଦ୍ୱାରା ଆୟୋଜିତ ଏହି ଶୋକସଭାରେ ରାଜେଶ ପ୍ରଜାପତି ଶଙ୍କର ସାରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସର୍ବପ୍ରଥମେ ସଦସ୍ୟମାନଙ୍କ ଦ୍ୱାରା ଶିବଶଙ୍କର ଶର୍ମାଙ୍କ ଫଟୋଚିତ୍ରରେ ପୁଷ୍ପାର୍ପଣ କରି ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏହାପରେ ଗିଗଲୀ ବାଇ ସ୍କୁଲ ଯେଉଁଠି ଦୀର୍ଘ ଦିନ ଧରି କାର୍ଯ୍ୟରତ ଥିବା ଶଙ୍କର ସାର୍‌ଙ୍କ ପୁରାତନ ଛାତ୍ରମାନଙ୍କ ଦ୍ୱାରା ସ୍ମୃତିଚାରଣ କରାଯାଇଥିଲା। ଏହି ଶୋକସଭାରେ ମଦନ ରଜକ, ଲାଲବାବୁ ସାଓ, ଅବଧେଶ ମିଶ୍ର, ମୟୁର ଗୁପ୍ତା, ଆନନ୍ଦ ଅଗ୍ରୱାଲ, ଦିନେଶ ସେକ୍ସରିଆ, ଭାନୁପ୍ରତାପ ରାମ ପ୍ରମୁଖ ଉପସ୍ଥିତ ଥିଲେ।

## ବାମନଘାଟି ଉପଖଣ୍ଡରେ ନାହିଁ ଖଣି ବିଭାଗ କାର୍ଯ୍ୟାଳୟ

# ଉପଖଣ୍ଡରେ ମାତିଛନ୍ତି ଲଘୁ ଖଣିଜ ମାଫିଆ

**ରାଇରଙ୍ଗପୁର, ୬।୧୨(ସମିସ)**

ଲଘୁ ଖଣିଜ ମାଫିଆମାନଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଛି ବାମନଘାଟି ଉପଖଣ୍ଡ। ରାଇରଙ୍ଗପୁରରେ ଖଣି ବିଭାଗ କାର୍ଯ୍ୟାଳୟ ନ ଥିବାରୁ ଚଢ଼ଉ ଅଭାବରୁ ବେଆଇନ ଭାବେ ଲଘୁ ଖଣିଜ ଉତ୍ତୋଳନ କରି ଚୋରା ଚାଲାଣ ମାତ୍ରା ଅନେକ ବୃଦ୍ଧି ପାଉଛି। କାର୍ଯ୍ୟାଳୟ ଅଭାବରୁ ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ କର୍ମଚାରୀ ଅଭାବ ରହୁଛି। ଅନ୍ୟପକ୍ଷରେ ପୁଲିସ ଓ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ଚଢ଼ଉ ନେଇ ତତ୍ପରତା ମଧ୍ୟ ପ୍ରକାଶ ପାଉନାହିଁ। ରାଇରଙ୍ଗପୁର ନିକଟବର୍ତ୍ତୀ ବହଳଦା ଓ ତିରିଂ ବ୍ଲକରେ ବ୍ୟାପକ ଭାବେ ବାଲି ଚୋରା ଚାଲାଣ ହେଉଥିବାର ଅଭିଯୋଗ ହେଉଛି। ଯାହା ବାବଦରେ ପୁଲିସ ଓ ବ୍ଲକ ପ୍ରଶାସନ ଜାଣି ସୁଦ୍ଧା ଚୁପ୍ ରହିଛନ୍ତି।

ବହଳଦା ଓ ଜାମଦା ତହସିଲ୍ ଅଧୀନ ଖଡ଼ଖାଇ ନଦୀର ବିଭିନ୍ନ ଘାଟ ଏବଂ ତିରିଂ ତହସିଲ୍ ଅଧୀନ ମଘୁଆ ଓ ଅନ୍ୟ ଶାଖା ନଦୀଘାଟରୁ ବେଧଡ଼କ ଶହଶହ ଟ୍ରିପ୍ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି। ଉକ୍ତ ଅଞ୍ଚଳରେ କେବଳ ୫ଟି ନଦୀ ଘାଟକୁ ଅସ୍ଥାୟୀ ସୈରାତ ଭାବେ ଅନୁମତି ଥିବାବେଳେ ବାକି ଘାଟରୁ କୌଣସି ଲିଜ୍ ନ ଥିବା ସତ୍ତ୍ୱେ ବାଲି ଚୋରା ଚାଲାଣ ହେଉଛି। ଯାହାକି ପ୍ରଶାସନ ନଜରରେ ପଡ଼ିପାରୁ ନାହିଁ। ଉକ୍ତ ନଦୀ କୂଳରେ ଅନେକ ବେଆଇନ ବାଲି ସୈରାତ ଗଢ଼ି ଉଠିଛି। ଯେଉଁଠୁ କି ନିୟମିତ ଭାବେ ହାଇୱା ଓ ଟ୍ରାକ୍ଟରରେ ଟ୍ରିପ୍ ଟ୍ରିପ୍ ବାଲି ଉତ୍ତୋଳନ ହୋଇ ପଡ଼ୋଶୀ ଝାଡ଼ଖଣ୍ଡକୁ ଚାଲାଣ ହେଉଛି। ବାଲି ମାଫିଆମାନେ ନିର୍ଭୟରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ଯାହା ଫଳରେ ମାଫିଆମାନଙ୍କ ନିମନ୍ତେ ଏହା ଭୂସ୍ୱର୍ଗ ପାଲଟିଛି। ପ୍ରାୟ ୩ ବର୍ଷ ପୂର୍ବେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଛାଟ ପରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଲିଜ୍‌ଧାରୀ ଓ ବିନା ଲିଜ୍‌ଧାରୀ ବାଲି ଖନନ ଓ ସୈରାତ୍ ନିଲାମ ବନ୍ଦ ରହିଛି। ସରକାରୀ ନିର୍ଦ୍ଦେଶ ପରେ କିଛି ଘାଟକୁ ଅସ୍ଥାୟୀ ଭାବେ ଟ୍ରାଞ୍ଜିଟ୍ ପାସ୍ ଦିଆଯାଇଛି। କିନ୍ତୁ ଉପଖଣ୍ଡରେ ବିନା ପ୍ରତିବନ୍ଧକରେ ଅନେକ ବେଆଇନ ଘାଟରୁ ଖୁଲମ୍‌ଖୁଲା ଦିନରାତି ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ଟ୍ରକ୍, ଟ୍ରାକ୍ଟର, ହାଇୱା, ଟିପ୍ପର ଆଦିରେ ବାଲି, ମୋରମ୍, ଚିପ୍ସ ଆଦି ଚାଲାଣ ହେଉଛି। ବାଲି ଚୋରା ଚାଲାଣ ମାତ୍ରା ଅତ୍ୟଧିକ ବୃଦ୍ଧି ପାଉଥିଲେ ସୁଦ୍ଧା ଏଥିରେ ରୋକ୍ ଲାଗୁନି।



ନଦୀ ଗର୍ଭରୁ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ଉତ୍ତୋଳନ କରାଯାଇ ମାଫିଆମାନେ କୋଟି କୋଟି ଟଙ୍କା କମାଉଛନ୍ତି। ମେସିନ ଲଗାଇ ରାତିଅଧିଆ ବାଲି ଲୁଟ୍ ହେଉଥିବା ଦେଖିବାକୁ ମିଳୁଛି। ଏନେଇ ବାରମ୍ବାର ଖବର ପ୍ରସାରଣ ପରେ ଗୋଟିଏ କିମ୍ବା ଦୁଇଟି ଟ୍ରାକ୍ଟର/ହାଇୱା ଧରି ଚୁପ୍ ହୋଇ ବସୁଛନ୍ତି। କିନ୍ତୁ ଘାଟ ଅଞ୍ଚଳରେ ପୁଲିସ ଓ ସ୍ଥାନୀୟ ପ୍ରଶାସନ ଚଢ଼ଉ କରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯାହା ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଛି। ମୟୂରଭଞ୍ଜ ଏକ ବୃହତ୍ ଜିଲ୍ଲା ହୋଇଥିବାରୁ ରାଇରଙ୍ଗପୁରରେ ଏକ ଉପଖଣ୍ଡସ୍ତରୀୟ ଖଣି କାର୍ଯ୍ୟାଳୟର ନିହାତି ଆବଶ୍ୟକତା ରହିଛି। ଯାହା ଫଳରେ କର୍ମଚାରୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ବେଆଇନ ଚାଲାଣରେ ଅଙ୍କୁଶ ଲାଗିବାରେ ସହାୟକ ହେବ। ଏ ବାବଦରେ ଜିଲ୍ଲା ଖଣି ଅଧିକାରୀ ଉଦୟଭାନୁ ସାହୁଙ୍କୁ ପଚାରିବାରୁ, ରାଇରଙ୍ଗପୁରରେ ଏକ ଉପଖଣ୍ଡସ୍ତରୀୟ ଖଣି କାର୍ଯ୍ୟାଳୟ କରିବା ପାଇଁ ପ୍ରସ୍ତାବ ବାବଦରେ ବିଭାଗକୁ ପତ୍ର ଲେଖାଯାଇଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟାଳୟ ହେବା ନେଇ କୌଣସି ଅନୁମୋଦନ ମିଳିନାହିଁ। ତାହେଲେ ରାଇରଙ୍ଗପୁରରେ କାର୍ଯ୍ୟାଳୟ ହେବ। ଉପଖଣ୍ଡରେ ୫ଟି ଘାଟକୁ ଅସ୍ଥାୟୀ ଅନୁମୋଦନ ଥିବାବେଳେ ଅନେକ ବେଆଇନ ଭାବେ ଚାଲିଛି ବୋଲି ବିଭାଗ ନଜରରେ ରହିଛି। କିନ୍ତୁ କର୍ମଚାରୀ ଅଭାବ ଯୋଗୁଁ ତାହାକୁ ରୋକି ହେଉନାହିଁ। ଏନେଇ ବିଭାଗ ପକ୍ଷରୁ ଏକ ଏନ୍‌ଫୋର୍ସମେଣ୍ଟ ଟିମ୍ କରି ଖୁବ୍‌ଶୀଘ୍ର ଚଢ଼ଉ କରାଯିବାର ଯୋଜନା ରହିଛି ବୋଲି କହିଛନ୍ତି। ସ୍ଥାନୀୟ ତହସିଲ୍ ଓ ପୁଲିସ ପକ୍ଷରୁ କଡ଼ାକଡ଼ି ପାଟ୍ରୋଲିଂ କରି ଏହାକୁ ରୋକିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

- କାର୍ଯ୍ୟାଳୟ ଅଭାବରୁ ମାଫିଆଙ୍କ ପାଇଁ ସାଜିଛି ଭୂସ୍ୱର୍ଗ
- ପ୍ରତିଦିନ ହେଉଛି ବ୍ୟାପକ ବାଲି ଚୋରା ଚାଲାଣ
- ପୁଲିସ ଓ ଜିଲ୍ଲା ପ୍ରଶାସନ ଜାଣି ମଧ୍ୟ ଚୁପ୍ ବସୁଛନ୍ତି

# ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ ଉଦ୍‌ଯାପିତ




**ବାରିପଦା, ୬।୧୨(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପିଜି ୟୁନିଟ୍ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ‘ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ’ ଗତ ୩ରୁ ୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ସଫଳତାର ସହ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ଏନ୍‌ଏସ୍‌ଏସ୍ ଭଳି କାର୍ଯ୍ୟକ୍ରମ ଛାତ୍ରମାନଙ୍କୁ ସମାଜ ପ୍ରତି ଦାୟିତ୍ୱବାନ୍ କରି ଦେଶ ଗଠନରେ ସହାୟକ ହେଉଛି ଏବଂ ଏହି ପ୍ରଶିକ୍ଷଣ ସେମାନଙ୍କୁ ଆଗାମୀ ଦିନରେ ନେତୃତ୍ୱ ନେବାକୁ ଗଢ଼ି ତୋଳିବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ପରିବେଶ ସଂରକ୍ଷଣରେ ଯୁବକମାନଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି କହିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ଡ. ବିଷ୍ଣୁପ୍ରିୟା ହାଁସଦା ସ୍ୱାଗତ ଭାଷଣ ଦେଇଥିଲେ ଓ ଡିପିଓ ଡ. ଅନମ ଚରଣ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଆର୍.କେ. ସିଂହ କହିଥିଲେ ଯେ ଯୁବକମାନେ ଦେଶର ଭବିଷ୍ୟତ ଏବଂ ଏନ୍‌ଏସ୍‌ଏସ୍ ସେମାନଙ୍କୁ ସଚେତନ ନାଗରିକ ଭାବେ ଗଢ଼ି ତୋଳୁଛି। ଏସ୍‌ଏନ୍‌ଓ ଡ. ରମେଶ ଚନ୍ଦ୍ର ବେହେରା କହିଥିଲେ ଯେ ସରକାରଙ୍କ ଯୁବନୀତି ଅନୁଯାୟୀ, ଏହି ପ୍ରଶିକ୍ଷଣ ଯୁବକମାନଙ୍କୁ ସଶକ୍ତ କରିବ। କାର୍ଯ୍ୟକ୍ରମ ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ କ୍ୟାମ୍ପସ୍‌ରେ ସକାରାତ୍ମକ ପରିବର୍ତ୍ତନ ଆଣିବ। ପ୍ରଥମ ଦିବସର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡ. ଶୁଭେନ୍ଦୁ କୁମାର ଶତପଥି ଯୁବକଙ୍କ ସମାଜ ବିକାଶରେ ଭୂମିକା ବିଷୟରେ କହିଥିଲେ, ମଧୁସୂଦନ ଦାସ ନେତୃତ୍ୱ ଓ ବ୍ୟକ୍ତିତ୍ୱ ବିକାଶ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ ଏବଂ ଦିଲ୍ଲୀପ ଭୋଇ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଦେଇଥିଲେ। ଦ୍ୱିତୀୟ ଦିବସରେ ଡ. ଯତୀନ୍ଦ୍ର ନାଥ ବେଶ୍ରା ନେତୃତ୍ୱ, ଡ. ବସନ୍ତ ମହାନ୍ତ ଆଦିବାସୀ ସଂସ୍କୃତି ସଂରକ୍ଷଣ, ଡ. ଅନାମ ଚରଣ ରାଉଳ ସ୍ୱେଚ୍ଛାସେବାର ମହତ୍ତ୍ୱ, ଉଷା ଶତପଥୀ ନୈତିକ ନେତୃତ୍ୱ, ଡ. ସ୍ୱରୂପାନନ୍ଦ ବିଷୋୟୀ ଡିଜିଟାଲ୍ ସାକ୍ଷରତା ଏବଂ ଡ. ସୀତାରାମ ଦାସ ଉଦ୍ୟୋଗିତା ବିଷୟରେ ଆଲୋଚନା କରିଥିଲେ। ତୃତୀୟ ଦିବସରେ ଯୋଗ, କ୍ୟାମ୍ପସ୍ ପରିଷ୍କାର ଓ ବୃକ୍ଷରୋପଣ ପରେ ପ୍ରକାଶ କୁମାର ବାରିକ ଶିଶୁ ଅଧିକାର, ବିଶ୍ୱନାଥ ମୁଣ୍ଡା ଅଗ୍ନି ସୁରକ୍ଷା, ପ୍ରଶାନ୍ତ କୁମାର ନାୟକ ବିପର୍ଯ୍ୟୟ ପରିଚାଳନା ଏବଂ ସବିତା ମାଝୀ ଅପରାଧ ନିବାରଣ ଓ ସାଇବର୍ ସୁରକ୍ଷା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା କରିଥିଲେ।

# ପ୍ରତିଭା ଅନ୍ୱେଷଣର ପ୍ଲାଟ୍‌ଫର୍ମ ‘ଅଦ୍ୱିକା’



**ବିଶୋଇ, ୬।୧୨(ସମିସ):** ବିଶୋଇ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆନୁକୂଲ୍ୟରେ ପ୍ରକଳ୍ପସ୍ତରୀୟ କିଶୋରକିଶୋରୀଙ୍କ ଉଚ୍ଚ ପ୍ରଦର୍ଶନକାରୀ ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ‘ଅଦ୍ୱିକା-୨୦୨୫’ ବିଶୋଇ ମିଶନଶକ୍ତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ବିଟୁ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବ୍ଲକ ବିଡିଓ ସାଗର ଚନ୍ଦ୍ର ମୁର୍ମୁ ଯୋଗଦେଇ କିଶୋରକିଶୋରୀମାନେ ନିଜର ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରି କିପରି ଉଜ୍ୱଳ ଭବିଷ୍ୟତ ଗଢ଼ିପାରିବେ ସେନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ସମନ୍ୱିତ ଶିଶୁ ବିକାଶ ଯୋଜନା ବାମନଘାଟି ଉପଖଣ୍ଡର ପ୍ରୋଗ୍ରାମ ଅଧିକାରିଣୀ ଜୟଶ୍ରୀ ହୋତା ଯୋଗଦେଇ କିଶୋରକିଶୋରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ସହାୟତା ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ଯୋଜନାକୁ ଉପଯୋଗ କରି ନିଜର ବୃତ୍ତିଗତ ଯୋଗ୍ୟତା ବୃଦ୍ଧି କରିପାରିବେ ସେନେଇ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏବିଇଓ ହରିଶ୍ଚନ୍ଦ୍ର ହୋତା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ବିପିଏମ୍ ଅଚିନ୍ତ ଦାସ ପ୍ରମୁଖ ଯୋଗଦେଇ କିଶୋରକିଶୋରୀଙ୍କୁ ପ୍ରତିଭା ପରିବେଷଣକୁ ଉତ୍ସାହିତ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପାଠ ଜାରି ରଖିଥିବା ତଥା ସ୍ଥାନୀୟ ଅଞ୍ଚଳର ଅନ୍ୟ କିଶୋରକିଶୋରୀମାନେ ନିରାପଦ ସ୍ଥାନ ପ୍ରତିଭା, ନୃତ୍ୟ ଓ ସଙ୍ଗୀତ, ଡିଜିଟାଲ ଷ୍ଟୋରୀ ଚ୍ୟାଲେଞ୍ଜ, ଷ୍ଟାର୍ଟଅପ୍ ଆଇଡିଆଜ ପିଚ୍ ପ୍ରମୁଖ ୫ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଇଭେଣ୍ଟରେ ଭାଗ ନେଇଥିବା ୧୮ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ କପ୍ ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଆଇସିଡିଏସ୍ ସୁପରଭାଇଜର ମାନସୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସୁଭଦ୍ରା ହେଲ୍ପ ଡେସ୍କ ସତ୍ୟଭାମା ଦେଓ, ହୈମବତୀ ନନ୍ଦ, ସୁପରଭାଇଜର ପ୍ରଭାସିନୀ ଦଳେଇ, ମମତା ପିଏ ବରୁଣ ପରିଡ଼ା, ଜେଆର୍‌ଏ ଆଦର୍ଶ ପଣ୍ଡା, ଶିବଚରଣ ପାତ୍ର ସମେତ ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କର୍ମୀ ଓ ମା’ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାଇ ମନ୍ଦିର ନିର୍ମାଣ ନିମନ୍ତେ ଶିଳାନ୍ୟାସ

**ରାଇରଙ୍ଗପୁର, ୬।୧୨(ସମିସ):** କୁସୁମୀ ବ୍ଲକ ଅନ୍ତର୍ଗତ ଖେଜୁରିଆ ଗ୍ରାମରେ ସାଇ ମନ୍ଦିର ନିର୍ମାଣ ନେଇ ଶିଳାନ୍ୟାସ ହୋଇଛି। ବାବାଙ୍କ ସ୍ୱପ୍ନାଦେଶକୁ ନେଇ ଉକ୍ତ ଗ୍ରାମର ଦିଲ୍ଲୀପ କୁମାର ବାରିକ ମନ୍ଦିର ନିର୍ମାଣ କରିବାକୁ ଯାଉଛନ୍ତି। ଏକ ବିଶାଳ ପଥର ଖଣ୍ଡକୁ ପାଞ୍ଚପିଢ଼ ଉପଖଣ୍ଡ ଯଶିପୁର ବ୍ଲକ ଅନ୍ତର୍ଗତ ଭଣ୍ଡନ ନଦୀ ଗର୍ଭରୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ସ୍ଥାପନା କରାଯାଇଥିଲା। ପରିଚାଳକ ଦିଲ୍ଲୀପଙ୍କ କହିବା ଅନୁଯାୟୀ, ବାବାଙ୍କ ପ୍ରତିମୂର୍ତ୍ତି ଉକ୍ତ ପଥର ଖଣ୍ଡରେ ବସି ଭକ୍ତଙ୍କୁ ଦର୍ଶନ ଦେବେ। ତେଣୁ ଉକ୍ତ ପରିକଳ୍ପନାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାକୁ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ବିଶିଷ୍ଟ ଶିଳ୍ପପତି ଜଗଦୀଶ ମିଶ୍ରା, ପୂର୍ବତନ କୁସୁମୀ ଅଧ୍ୟକ୍ଷ ଶ୍ୟାମ କିସ୍କୁ, ବରିଷ୍ଠ ଆଇନଜୀବୀ ରସାନନ୍ଦ ଲେଙ୍କା, ଡା. ପ୍ରଦୀପ କୁମାର ମହାକୁଡ଼, ଅବସରପ୍ରାପ୍ତ ରେଞ୍ଜର ରମାକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରାଜେଶ କୁମାର ବାରିକ୍, ଗଗନ ବିହାରୀ ପାତ୍ର, ଅବନୀ ରାଉତ, ଜଗବନ୍ଧୁ ବାରିକ, ସଞ୍ଜୀବ ମହାକୁଡ଼, ନରେଶ ଚନ୍ଦ୍ର ଦଳେଇ, ରାଧାନାଥ ମହାକୁଡ଼, କମଳ ଲୋଚନ ବେହେରାଙ୍କ ସମେତ ଅନ୍ୟ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/13**

Bids are invited from eligible bidders for the following tenders:

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/ 1000007382 | One Year RC for supply of 630KVA, 11/0.4 KV Compact Substation |
| 2 | TPCODL/CCG/2025-26/ 1000007464 | Rate Contract for deploying IT Helpdesk & Field Support Assistants at TPSODL & TPWODL |
| 3 | TPCODL/P&S/2025-26/ 1000007118 | Two Year RC for Hiring Agency for Transformer repair service at DT workshop,Choudwar. |

For more details like bid due date, EMD, tender fee, bid opening date etc. of the Tenders, please visit “Tender” section at TPCODL website https://www.tpcentralodisha.com. All tenders will be available on TPCODL website.Future communication / corrigendum to tender documents, if any, shall be available on TPCODL website.It is suggested to track aforesaid website for said NIT details.

# ଓଷ୍ଟା ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁ ମେଳା

**ବେତନଟୀ/ବୈଶିଙ୍ଗା, ୬।୧୨(ସମିସ):** ବେତନଟୀ ବ୍ଲକ ଓଷ୍ଟା ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଶିଶୁ ମେଳା ଗୋପବନ୍ଧୁ ଶିକ୍ଷା ନିକେତନ ମଛପଦାଠାରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକର ୧୬ଟି ହାଇସ୍କୁଲରୁ ୧୨୫ ଜଣ ଛାତ୍ରଛାତ୍ରୀ ଏହି ମେଳାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସଭାପତି ଶିଶିର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଓଷ୍ଟା ସଂଘର ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ସନ୍ତରା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀମଣୀ ହାଁସଦା, ସମିତିସଭ୍ୟା ସୁମତି ପୃଷ୍ଟି, ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚତୁର୍ଭୁଜ ପୃଷ୍ଟି, ଓଷ୍ଟା ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ଓ ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଓଷ୍ଟା ବ୍ଲକ ସଭାପତିଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜଗନ୍ନାଥ ବିନ୍ଧାଣି ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଧିରେନ୍ଦ୍ର ପ୍ରଧାନ, ଟିକାୟତ ମହାନ୍ତ, ଭବାନି ଶଙ୍କର ବାଗ, ଅନିଲ ମହାନ୍ତ, ହରେକୃଷ୍ଣ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ଧଳ, ପ୍ରକାଶ କେଶରୀ ପ୍ରଧାନ, ଅମିୟ କୁମାର ପରିଡ଼ା, ଶୁଶାନ୍ତ କୁମାର ପଣ୍ଡା, ପ୍ରଫୁଲ୍ଲ ନାୟକ, ଚିନ୍ତାମଣି ବାରିକ, ମମତା ପଣ୍ଡା, ଅନନ୍ତ ମହାପାତ୍ର, ଗଣେଶ ନାୟକ, ମନୋଜ ପ୍ରଧାନ, ରବୀନ୍ଦ୍ର ବସନ୍ତିଆ, ପ୍ରଫୁଲ୍ଲ ରାଉଳ ପ୍ରମୁଖ ସହଯୋଗ କରିଥିଲେ। ସର୍ବଶେଷରେ ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ଆସନ୍ତା ୧୩ ତାରିଖଠାରୁ ବଡ଼ସାହି ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ହାଇସ୍କୁଲରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଶିଶୁ ମେଳାରେ କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବାକୁ ସୂଚନା ଦେଇଥିଲେ।





# ଶୀତର ତାପମାତ୍ରା





ପ୍ରଦୀପ ନାୟକ

ଖବରକାଗଜ ହାତରେ ଧରି ସକାଳ ଚା' ପିଉପିଉ ଅନିମେଷ କହିଲେ – "ରାତିର ତାପମାତ୍ରା ଆହୁରି ଚାରିଡିଗ୍ରୀ ତଳକୁ ଖସିଲା । ତା'ମାନେ ଆଜି ଶୀତ ହେବ । କିଛି ଗୋଟେ ଘୋଡ଼ି ହେବାକୁ ପଡ଼ିବ । ନହେଲେ ଚଳିବ ନାହିଁ ।"

ଠାକୁରଘର ବାସନ ମାଜୁମାଜୁ କେଜାଣି କାହିଁକି ପତ୍ନୀ ରତ୍ନା ଟିକେ ହସିଦେଲେ । ଯଦିଓ ତାଙ୍କର ଏଇ ହସଟି ଥିଲା ଶବ୍ଦହୀନ ତଥାପି ତାଙ୍କ ଆଡ଼ ଚାହାଣିକୁ ଏଡ଼େଇ ଯାଇ ପାରିନଥିଲା ।

ଅନିମେଷଙ୍କ କଥାର କିଛି ଉତ୍ତର ମିଳିଲା ନାହିଁ ପତ୍ନୀଙ୍କଠାରୁ । ଚା'ର ଶେଷ ଢୋକ ନେଇ ବସିବା ଜାଗାରୁ ଉଠିବାର ଉପକ୍ରମ କରୁକରୁ ସେ କହିଲେ – "ଜଣାପଡୁଛି ଆଜି ଖରା ହେବ । ଆଲମିରାରୁ କମ୍ବଳ ବାହାର କରିଦେବ । ଆଉ ମୋ ସୋଏଟର୍ ବି ବାହାର କରି ଟିକେ ଖରାରେ ପକାଇଦେବ ।"

କମ୍ବଳ କଥା ଶୁଣି ରତ୍ନା ଏମିତି ଏକ ତେରେଛା ଚାହାଣି ଅନିମେଷଙ୍କ ଆଡ଼େ ଫିଙ୍ଗିଲେ, ଯେମିତି ସେ ତାଙ୍କ ଉପରେ ଦୟା କରୁଛନ୍ତି ।

ଟିପୟ ଉପରେ ଖବରକାଗଜ ରଖିଦେଇ ଅନିମେଷ ରତ୍ନାଙ୍କ ରଖିଥିବା ସକାଳ ସଉଦା ଚିଠା ଆଉ ବ୍ୟାଗ୍ ଧରି ବାହାରିଲେ ବଜାର ।

"ଶୁଣ ବଜାରକୁ ନୂଆ କୋବି ଆସିବଣି, ଗତଥର ପରି କୋଲଡ଼ଷ୍ଟୋର କୋବି ଆଣିବନି । ଗ୍ରୀନ୍ମଟର୍, ଗାଜର, ବିନ୍ସ ଅଳ୍ପ ଆଣିବ । ଆଗକୁ ଦାମ କମିବ ବୁଝିଲ ।"

ଗ୍ୟାରେଜରୁ ଗାଡ଼ି ବାହାରକରି ଅନିମେଷ ପୁଣିଥରେ ମନେ ପକାଇଦେଲେ – "ଖରା ଟିକେ ଆସିଲାଣି । ଭୁଲିବ ନାହିଁ ।"

ଅନିମେଷ ବଜାର ବାହାରିଗଲା ବେଳେ ତାଙ୍କ ଯିବା ବାଟକୁ ଚାହିଁ ପୁଣି ଥରେ ଏକ ରହସ୍ୟମୟ ହସ ଖେଳିଗଲା ରତ୍ନାଙ୍କ ଓଠରେ ।

ରାତି ଖାଇବା ସାରି ବିଛଣାକୁ ଯାଇ କମ୍ବଳ ଖୋଜିଲେ ଅନିମେଷ । ରୋଷେଇଘରକୁ ଶୁଭିଲା ପରି ପଚାରିଲେ – "କମ୍ବଳ ବାହାର କଲନି କି ? ଆଜି କ'ଣ ଖାଲି ଦେହରେ ଶୋଇହେବ! ପାହାନ୍ତାକୁ ତ ବହୁତ ଶୀତ ଲାଗିବ ।"

ରୋଷେଇଘର ବନ୍ଦ କରି, ଶୋଇବା ଘର ଲାଇଟ୍ ଲିଭେଇ ବିଛଣା ଉପରକୁ ଆସିଲେ ରତ୍ନା । ହାଲକା ନୀଳ ରଙ୍ଗର ଆଲୁଅ ନାମକୁ ମାତ୍ର ପହଁରୁଚି ଘର ଭିତରେ ।

ଅନିମେଷଙ୍କ ପାଖକୁ ଲାଗି ଆସି ରତ୍ନା ଟିକେ ଦୁଷ୍ଟାମିଭରା ଚାହାଣିରେ ସ୍ୱାମୀଙ୍କ ମୁହଁକୁ ଚାହିଁଲେ । କହିଲେ – "କମ୍ବଳ ବାହାର କରିଥିଲି । ଛାତ ଉପରେ ଶୁଖେଇ ଥିଲି ଯେ, ହେଲେ ଆଣିବାକୁ ଭୁଲିଯାଇଛି ।"

-"ଓହଃ । ରାତିରେ ଆଜି ବିନା କମ୍ବଳରେ ଶୋଇହେବ ଟି?"

ରତ୍ନା କହିଲେ – "ହଁ ସେମିତି ଲାଗୁଛି ତ । କହିବତ ଯାଇ ନେଇ ଆସିବି!"

ଅନିମେଷ କିନ୍ତୁ କିଛି ଉତ୍ତର ଦେଲେ ନାହିଁ ।

-"ସକାଳେ କହୁଥିଲ ତାପମାତ୍ରା କୁଆଡ଼େ ଖସୁଛି । ହଇଓ... ତାପମାତ୍ରା ଚାରିଡିଗ୍ରୀ ଖସୁ କି ହିମାଙ୍କ ଉପରକୁ ବଢୁ, ଶୀତକୁ ଟିକେ ଏନଜୟ କରିବ ନା ନାହିଁ । ଦେଖୁଚି ମଣିଷ ସବୁବେଳେ ପ୍ରକୃତି ଛଡ଼ା ହୋଇଯାଉଛି ।"

ଅନିମେଷ କହିଲେ –" ମାନେ ?"

-"ମାନେ ଆଉ କ'ଣ ! ବର୍ଷା ହେଲେ ଛତା ଖୋଜ, ଖରା ହେଲେ ଛାଇ ଖୋଜ, ଶୀତ ହେଲେ ସୋଏଟର୍ ଖୋଜ । ସବୁବେଳେ ଚାଲିଛି । ତାହେଲେ ପ୍ରକୃତିକୁ କେମିତି ଉପଭୋଗ କରିବ! ପ୍ରକୃତିଠୁ ଦିନକୁ ଦିନ ଆମେ ଦୂରକୁ ଚାଲି ଯାଉନାହାନ୍ତି କି ? ଆଜି କମ୍ବଳ ତା' ଜାଗାରେ ଥାଉ । ଯଦି ତମକୁ ପାହାନ୍ତାରେ ଶୀତ ଲାଗେ ମୁଁ ପାଖରେ ଅଛି ନା !"

ଅନିମେଷଙ୍କ ଦେହକୁ ଲାଗି ଆସିଥିବା ରତ୍ନାଙ୍କ ଦେହରୁ ସେ ଅନୁଭବ କରୁଥିଲେ... "କାଇଁ ତାପମାତ୍ରା ତଳକୁ ଖସିଛି କେଉଁଠି!!" ■

ବନ୍ଧପଡ଼ା, ମଦନପୁର,
କେନ୍ଦ୍ରାପଡ଼ା
ମୋ: ୮୯୧୭୩୭୦୨୨୭

## ଜୟ ଭାରତ



କୃଷ୍ଣ କୁମାର ମହାନ୍ତି

ମୁଁ ନଥିବା ଭାରତର ଅନାଗରିକତାକୁ ନେଇ
ଠିଆ ହୋଇଛି ଏକ୍ଲା
ଦେଶଠୁ ଦୂରରେ ।
ଦଶାଠୁ ଦୂରରେ ।
ଦାସଠୁ ଦୂରରେ ।

ମୋ ହାତରେ ଅଛି ଅଠର ବର୍ଷିଆ ଅଧିକାର
ମୋ ପାଦରେ ଅଛି ସ୍ୱଦେଶୀ ଶକ୍ତି
ମୋତେ କୁଆଡ଼େ ଡାକୁଛ ହୋ ସର୍କାର୍ !
ମୁଁ ଆଜି ହିଁ କରୁଛି ତମକୁ ଅନ୍‌ଫ୍ରେଣ୍ଡ ।

ଦାନା ଫିଙ୍ଗି ଦେଇ ମୋତେ
କବଳିତ କରିବ ଭାବନା
ମୁଁ ସେଇ ଭୋକିଲା ଚଢ଼େଇ ନୁହଁ କି
ତମେ ଚତୁର ଶିକାରୀ ।

ଦେଶଭକ୍ତିରେ ଦୋଦୋଚିହ୍ନା ଦିଶେ ତମ ମୁହଁ
ଉଦ୍‌ବାସ୍ତୁଙ୍କ ପିଠିରୁ ଝରୁଥିବା
ଝାଳବିନ୍ଦୁରେ ଝୋଳ କରି
ହାପୁଡୁଥାଅ ତୁମେ ମଣିଷ ରକ୍ତ
ଦେଶ ଦେଖିନଥିବା
ଗୋଟେ ନୂଆ ଦୟ ନେଇ ମୁଁ ପହଞ୍ଚିଛି ଆଜି ।

ଯାଅ ଯାଅ ହୋ ସର୍କାର୍
ତମକୁ ଆଜିଠୁ କରୁଛି ମୁଁ ଅନ୍-ଫଲୋ

ଆଉ ଶୁଭିବ ନାହିଁ ତମ ଅଧିନାୟକର ସ୍ୱର
ଯିବା ଆସିବା ବାଟରେ ତମେ ଭେଟିବ ନାହିଁ
ସେଇ ଜନଗଣମନକୁ
ଦେଶର ମୁଖା ପିନ୍ଧି ପ୍ରତିଟି ମଣିଷ
ଏଣିକି ଓହ୍ଲେଇ ଦେବେ ତମ ଦେହରୁ
ଜୟ ଭାରତର ମିଛ ପୋଷାକ ।

ଥୟ ଧର ସର୍କାର୍ ଥୟ ଧର । ■


କଳିଙ୍ଗ ନଗର
ବାଲେଶ୍ୱର-୭୫୬୦୦୧
ମୋ: ୭୦୦୮୮୪୫୯୨୦



## ଚୈତ୍ର ମାସ ଆସେ



ଶିଶିର ନାୟକ



ତମେ ମୋତେ ଭଲପାଅ ବୋଲି
ଚୈତ୍ର ମାସ ଆସେ

ସକାଳୁ ପୁଅକୁ ସ୍କୁଲ ଛାଡ଼ି ଫେରିଲା ବେଳେ
ଆଣି ଥାଏ କ୍ଷୀର ଓ ବୋଉର ପାନ
ଫଗୁଣର ଫସଲରେ ବାସୁଥାଏ ତୁମ ପଣତ
ତର ତର ହେଇ ଅଫିସ୍ ବାହାରିବା ବେଳେ
ଟିଭି କହୁଥାଏ ଆଜି ଭାରତ ବନ୍ଦ
ସବୁ ଅଣାୟତ୍ତ

ସନ୍ଧ୍ୟା ଆସି ଅଫିସ୍ ଛୁଏଁ
ନୂଆ ଭଳିଆ ସହର ଚେଇଁ ଉଠେ
ରୂପାଲି ଛକ ରୁପା ପରି ଦିଶେ

ଫେରୁ ଫେରୁ କି ପବନ !
ଭୁଲି ହୋଇଯାଏ
ଢେର ଲୋକଙ୍କ ବାକ୍ୟଛନ୍ଦ

ପୁଅ ସହ ବାଲକୋନୀରେ
ଠିଆ ହେଲାବେଳେ
ହଂସପାଳ ଛକରୁ ଅନେଇ ଥାଏ
କେତେ ବଡ଼ ଜହ୍ନ
ଭୁଲେଇ ଦିଏ ଅଫିସ୍‌ର ଚୁଗୁଲି ଜଞ୍ଜାଳ

ତାରା ଫୁଟେ କୁଆଡ଼େ କୁଆଡ଼େ
ଲୁହ ପୋଛେ ଖୁଡ଼ୀ କାନିରେ
ପ୍ରତିଦିନ ପୁଅର ମୁହଁ ଦେଖି ବଞ୍ଚେ
ଧାନ ପାଚୁଥାଏ ବିଲରେ

ଅଭ୍ୟସ୍ତ ଘରକରଣାରେ
ଲିଭି ଯାଉଥାଏ ବିଭେଦ ରେଖା
ନୂଆ ପ୍ରଜାପତିଟିଏ ଉଡ଼ି ବୁଲୁଥାଏ
ତୁମ ଅଭିମାନରେ
ମହୁ ଟିକେ ଖୋଜି ଖୋଜି
ଦିନ ସବୁ ସରିଯାଉଥାଏ


ତୁମେ ମୋତେ ଭଲପାଅ ବୋଲି
ଚୈତ୍ର ମାସ ଆସେ ■

ମୋ : ୯୯୩୭୪୯୦୬୪୭

## ପୁସ୍ତକ ଓ ପତ୍ରିକା ପରିଚୟ

### ବରଫ ଚାଦର ତଳେ ଚାରି ମାସ

ବିରଞ୍ଚି ନାରାୟଣ ତ୍ରିପାଠୀ





ଶାନ୍ତିସେନା ପବ୍ଲିକେଶନ୍ସ, ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କାନାଡ଼ା ଭ୍ରମଣର ନିଆରା ଅନୁଭୂତିକୁ ନେଇ ପ୍ରକାଶ ପାଇଛି ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ 'ବରଫ ଚାଦର ତଳେ ଚାରି ମାସ' ପୁସ୍ତକ । ଏହି ଭ୍ରମଣ କାହାଣୀ ପୁସ୍ତକରେ 'ଆମ୍‌ଷ୍ଟର୍‌ଡାମ୍‌ର ଆନି', 'ମଂଟ୍ରିଲ୍‌ର ନିକୋ', 'ବାଥ୍‌ରୁମ୍‌ରେ ହଟହଟା ଯୋଗ', 'ଗୁଣ୍ଠୁଚି ସହ ଏକ ଅଳସ ଅପରାହ୍ନ', 'ବିନା ଫୁଲରେ ଠାକୁର ପୂଜା', 'ଭିତର ଗରମ ବାହାରେ ଥଣ୍ଡା', 'କିଚେନ୍ ଚଟାପଟ', 'ବରଫ ଜଙ୍ଗଲରେ ଜବରଦସ୍ତ ଥଣ୍ଡା', 'ଲାଇବ୍ରେରୀ ବୁଲା', 'ଜଙ୍ଗଲ ଜନ୍ତୁଙ୍କ ଗହଣରେ ଦିନଟିଏ', 'ଶୀତ ପହଁରା', 'ମ୍ୟୁଜିୟମ୍ ମ୍ୟୁଜିକ୍', 'ବରଫ ବର୍ଷାରେ ମାର୍କେଟ ବୁଲା', 'ଇତିହାସ ଭବନରେ ଦିନେ', 'କାନାଡ଼ାର ଲୋକ ସଂସ୍କୃତି', 'ପାର୍ଲାମେଣ୍ଟ ଭବନରେ', 'କାନାଡ଼ାରେ ଶେଷଦିନ' ଆଦି ଆଲେଖ୍ୟରେ ଲେଖକ ତ୍ରିପାଠୀ କାନାଡ଼ାରେ ରହଣି ସମୟରେ ନିଜସ୍ୱ ଅନୁଭବ ଓ ଅନୁଭୂତିକୁ ମର୍ମସ୍ପର୍ଶୀ ଭାବେ ବର୍ଣ୍ଣନା କରିଛନ୍ତି । ଏହା କେବଳ ଏକ ଭ୍ରମଣ କାହାଣୀ ପୁସ୍ତକ ନୁହେଁ, ପାଠକ ଏହି ପୁସ୍ତକରେ କାନାଡ଼ାର ସଂସ୍କୃତି, ପରମ୍ପରା, ଚାଲିଚଳଣି, ପ୍ରାକୃତିକ ପରିବେଶ, ଦର୍ଶନୀୟ ସ୍ଥାନଗୁଡ଼ିକ ସଂପର୍କରେ ମଧ୍ୟ ଜାଣିବାକୁ ପାଇବେ । କାନାଡ଼ା ବୁଲିବା ପାଇଁ ଏହି ପୁସ୍ତକଟି ମାର୍ଗଦର୍ଶନ କରିବ ନିଶ୍ଚୟ । ■

### ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି

ସୌମ୍ୟରଞ୍ଜନ ଭୂୟାଁ




ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ବିଶିଷ୍ଟ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କୁ ନେଇ ସୌମ୍ୟରଞ୍ଜନ ଭୂୟାଁଙ୍କ ରଚିତ 'ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ସୁରେନ୍ଦ୍ର ମହାନ୍ତିଙ୍କ ଜୀବନ ଓ କୃତି ସଂପର୍କରେ ସଂକ୍ଷେପରେ ଆଲୋଚନା କରାଯାଇଛି । 'ପିଲାଦିନ/ବାଲ୍ୟଶିକ୍ଷା', 'ସାମ୍ବାଦିକତା ଜୀବନ', 'ସାରସ୍ୱତ ଜୀବନ', 'ସାହିତ୍ୟିକ ସୁରେନ୍ଦ୍ର', 'ଚର୍ଚ୍ଚିତ ପୁସ୍ତକ', 'ଗାଳ୍ପିକ ସୁରେନ୍ଦ୍ର', 'ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ', 'ନାଟ୍ୟକାର ସୁରେନ୍ଦ୍ର ମହାନ୍ତି', 'ଆତ୍ମଜୀବନୀକାର ସୁରେନ୍ଦ୍ର', 'ଭ୍ରମଣ ବୃତ୍ତାନ୍ତ ରଚୟିତା', 'ରାଜନୈତିକ ଜୀବନ' ଆଦି ଆଲୋଚନାଗୁଡ଼ିକରେ ସୁରେନ୍ଦ୍ର ମହାନ୍ତିଙ୍କ ପିଲାଦିନଠାରୁ ଆରମ୍ଭ କରି ସାରସ୍ୱତ ସାଧନା ସଂପର୍କରେ ବର୍ଣ୍ଣନା ରହିଛି । ଏକାଧାରରେ ଥିଲେ ସେ ଜଣେ ପ୍ରାବନ୍ଧିକ, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ଭ୍ରମଣ ବୃତ୍ତାନ୍ତ ରଚୟିତା । ସେହିପରି ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ଥିଲେ ବେଶ୍ ପରିଚିତ । ଲେଖକ ସୌମ୍ୟରଞ୍ଜନ ଏହି ପୁସ୍ତକରେ ସୁରେନ୍ଦ୍ରଙ୍କ ଜୀବନ, ସାହିତ୍ୟ, ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି । କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

### ଶୋଭନା

ସଂପାଦକ : ବିଧୁଭୂଷଣ ପଟ୍ଟନାୟକ




କ୍ୱାର୍ଟର ନଂ:୨ଆର୍‌ଏ-୬୦,
ରୋଡ୍-୭
ୟୁନିଟ୍- ୯, ଭୁବନେଶ୍ୱର-୨୨
ମୂଲ୍ୟ :୪୦ ଟଙ୍କା

ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ 'ଶୋଭନା'ର ନଭେମ୍ବର ସଂଖ୍ୟା ପ୍ରକାଶ ପାଇଛି । ଏହି ସଂଖ୍ୟାଟି ଅନୁବାଦ ବିଶେଷ ଭାବରେ ପ୍ରକାଶ ପାଇଛି । ରସ୍କିନ୍ ବଣ୍ଡଙ୍କ 'ପ୍ରତୀକ୍ଷା' ଗପକୁ ସୁଭାଷ ଶତପଥୀ, କେତୁ ବିଶ୍ୱନାଥ ରେଡ୍ଡୀଙ୍କ 'ପଛପଟରୁ ଶିକାର'କୁ ବଙ୍ଗାଳୀ ନନ୍ଦ, ଅନୱର ମିର୍ଜାଙ୍କ 'ସତସତିକା ସକାଳ'କୁ ସୁକୋମଳ ଦାଶ, ଲଙ୍ଗ ଜିନ୍‌ହୁଆଙ୍କ 'ଉଇଲୋ ପତ୍ର ଉଡୁଥିଲା ଆଉ ପଡୁଥିଲା'କୁ ଇନ୍ଦୁଲତା ମହାନ୍ତି, ଅନୁରାଧା ରାମାନନ୍ଦଙ୍କ 'ପ୍ରାର୍ଥନା'କୁ ମନୋରମା ରଥ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି । ଏହି ସବୁ ଅନୁବାଦ ଗପରେ ମୂଳ କାହାଣୀ, ଚରିତ୍ର, ଭାବକୁ ଅକ୍ଷୁଣ୍ଣ ରଖିବାକୁ ଅନୁବାଦକମାନେ ପ୍ରୟାସ କରିଛନ୍ତି । ଯାହା ଫଳରେ ଗପଗୁଡ଼ିକର ମୌଳିକତାକୁ ପାଠକମାନେ ଅନୁଭବ କରିପାରିବେ । ସେଭଳି ନିରାକାର ଦାସଙ୍କ 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି', ଅର୍ଚ୍ଚିତା ଦାସଙ୍କ 'ଶ୍ମଶାନ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ସେହିପରି 'ମିଡିଆ ଜଗତର ଆଶା ଲିତିଶା', 'ପଞ୍ଚଜନ୍ୟ ଅସୁରର ପ୍ରତ୍ୟାବର୍ତ୍ତନ', 'ଆୟୁର୍ବେଦରେ ଶଙ୍ଖ' ଆଦି ଲେଖାଗୁଡ଼ିକ ମଧ୍ୟ ଭଲ ହୋଇଛି । ଶୋଭନାର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■




# "ମୁଁ ଜୀବନରୁ ସତ୍ୟ ଓ ଅର୍ଥ ଖୋଜିବାକୁ ଲେଖେ"



ସୂର୍ଯ୍ୟ ମିଶ୍ର

ନୃତ୍ୟ କରିବା, ଚିତ୍ର ଆଙ୍କିବା, ଗାଇବା ଏବଂ ସ୍ଥାପତ୍ୟ ନିର୍ମାଣ ପରି ସୃଜନକର୍ମ ପାଇଁ ମୋର ଦକ୍ଷତା ନାହିଁ ବୋଲି ସମ୍ଭବତଃ ମୁଁ ଲେଖିଲି । କ୍ରମେ କ୍ରମେ ଲେଖିବାକୁ ହିଁ ଗୁରୁତ୍ୱ ଦେଲି, ତେଣୁ ଲେଖିଲି । କାରଣ ଅନ୍ୟଗୁଡ଼ିକ ମୋ ଦେଇ ହେଲା ନାହିଁ । ସେ ବିଶେଷ ସର୍ଜନ ପ୍ରତିଭା ମୋର ନାହିଁ । ବ୍ୟକ୍ତିଗତ ଜୀବନଚର୍ଯ୍ୟା ସାଙ୍ଗକୁ ସମାଜଜୀବନରେ ସଂଘଟିତ ଅନେକ ଘଟଣା ମୋତେ ଆଚ୍ଛନ୍ନ କରେ । ବେଳେବେଳେ ଆବେଗ ପ୍ରତାଡ଼ିତ ହୋଇ ଲେଖେ । ମୋ ଆଗରେ, ମୋର ଗୋଚରରେ କେତେଗୁଡ଼ାଏ ମର୍ମାନ୍ତିକ, ପୀଡ଼ାଦାୟକ ଓ ଭାବ ଉଦ୍ଦୀପକ ଘଟଣା ଯେମିତି: ଜନଆନ୍ଦୋଳନ, ନାରୀ ହତ୍ୟା ଓ ଦୁଷ୍କର୍ମ, ଗୁଳି, ଧ୍ୱଂସଲୀଳା କି ଦୁର୍ବଳ ଉପରେ ଅତ୍ୟାଚାର, ବିସ୍ଥାପନ, ଅନୈତିକ ଓ ବେଆଇନ ବ୍ୟବହାର, ଭ୍ରଷ୍ଟାଚାର, ଦୁର୍ନୀତି ଆସେ । ସେତେବେଳେ ବିଫଳତା ଓ ଅସହାୟତା କୂଳ ଲଂଘେ ଓ ମୁଁ ଲେଖିବାକୁ ମନ କରେ । ପୁଣି, ଅନେକ ସମୟରେ ମାନବିକତାର ବିଜୟ ଓ ସଫଳତା ମଧ୍ୟ ମୋତେ ଉଲ୍ଲସିତ କରେ । ନିରବତା ଭିତରେ ମୋତେ କୋଳାହଳ ଆକ୍ରାନ୍ତ କରେ । ସେଥିରେ ଥାଏ କୋଉ ସ୍ତ୍ରୀ ଲୋକର କାନ୍ଦଣା କି କେଉଁ ଅସହାୟର ବୁକୁଫଟା ଚିତ୍କାର । କେଉଁଠି ଜଳିଯିବା ତ କେଉଁଠି ବନ୍ଧୁକର ଗୁଳି । ଆର୍ତ୍ତ ମଣିଷଙ୍କ ଶୋଭାଯାତ୍ରା କି କୋଉ ଜନଆନ୍ଦୋଳନରେ ଗର୍ଜନ । ଏତେଗୁଡ଼ାଏ କୋଳାହଳ ଭିତରୁ ମୁଁ ଗୋଟେ ବୈଚାରିକତା ବା ମୂଳକଥାକୁ ଫେରେ । ସେତେବେଳେ ସେତକ ମୂଳକଥା ମୋର ଲେଖାର ଉପାଦାନ ପାଲଟିଯାଏ ।

ବୈଚାରିକତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଗୋଟାଏ ବିଚାରକୁ ନେଇ ଆଦର୍ଶ କି ଯଥାର୍ଥ ଗଢ଼ି ତୋଳାଯାଏ । ବୈଚାରିକତା କଥା ଆସିଲେ ବୌଦ୍ଧିକତା ପହଞ୍ଚେ । ପ୍ରତ୍ୟକ୍ଷ ଦୃଷ୍ଟି, ଅନୁଭବ ଓ ତଦ୍ଜନିତ ନିଆରା ଉପଲବ୍ଧି ବଳରେ ମୁଁ ସେ ବିଚାରକୁ ଆପଣାଏ, ଆଗ୍ରହ ରଖେ, ସେଥିପାଇଁ ବାମାବାଦ କି ନାରୀ ଅନ୍ତର୍ମନର କଥା କି ଦଳିତ ବିମର୍ଶ ଆଡ଼କୁ ଲେଖା ଇଙ୍ଗିତ କଲେ ମୋର ଯାଏଆସେ ନାହିଁ । ମୁଁ ଜାଣେ, ମୋର ତଥାକଥିତ ବ୍ରାହ୍ମଣ-ବହପ କି ସଂସ୍କାର ଅବା ଛଳ-ନୈତିକତାର କୌଣସି ମୂଲ୍ୟ ନାହିଁ । ସେତେବେଳେ ଗୋଟାଏ ବିଚାରର ଯଥାର୍ଥତା ଉପରେ ମୋର ଭରସା ଆସେ । ମୁଁ ପରମ୍ପରାକୁ ମଧ୍ୟ ପ୍ରଶ୍ନ କରେ, ପ୍ରତିବାଦ ଜଣାଏ, ଦ୍ରୋହ ଡାକେ ।

ମୋତେ ଲାଗେ, ଗୋଟିଏ ଲାଞ୍ଛନାର ପରିବେଶରେ ମୁଁ ବଞ୍ଚୁଛି । ଅପ୍ରାପ୍ତି, ବେଦନାବୋଧ ଓ ଅସନ୍ତୁଷ୍ଟିର ଗୁଡ଼ାଏ ପାହାଚ ମୋ ଆଗରେ ଉଭା ହୁଅନ୍ତି । ମୁଁ ସେଗୁଡ଼ାକ ଭାଙ୍ଗି ଚୁର୍ମାର କରିବାକୁ ଚାହେଁ । କିନ୍ତୁ କୌଣସି କଳାତ୍ମକତା କି ଶବ୍ଦର କାରିଗରୀ ସେ ପାହାଚ ଭାଙ୍ଗିବାରେ ବିଶେଷ ସହଯୋଗ କରିବେନି, କେବଳ ଉସ୍କାଇବା କିମ୍ବା ଉତ୍ସାହିତ କରିବା ବ୍ୟତୀତ । ସେମିତି କାମ ପାଇଁ ମୁଁ ଲେଖେ, ସେଇଟା କ୍ଷେତ୍ର ଉପରେ ଅସ୍ତ୍ର ଭାବରେ କାମ କରିବ ନାହିଁ ଜାଣି ମଧ୍ୟ । କିନ୍ତୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକ ବି ଅଛନ୍ତି । ସେମାନେ ମୋ'ଠାରୁ ଅଧିକ ଶକ୍ତିଶାଳୀ ଓ ପ୍ରଭାବୀ ହୋଇପାରନ୍ତି । ସେମାନଙ୍କ ପ୍ରତି ମୋର ସମ୍ମାନ ବି ରହିଛି । ସେମାନଙ୍କ ପାଇଁ ବି ଲେଖେ ।

ଏବେ ଲେଖା ପ୍ରାୟତଃ ରାଜନୈତିକ । ସେସବୁର ପ୍ରାସଙ୍ଗିକତା ମଧ୍ୟ ସ୍ୱୀକାର୍ଯ୍ୟ । କଳାର ମଧ୍ୟ ରାଜନୀତି ଅଛି । ଆମ ଚାରିଦିଗରେ ବୈଷମ୍ୟ, ଅନାଚାର, ଯୁଦ୍ଧ, ସଂଘର୍ଷ, ସଂଶୟ, ସ୍ୱେଚ୍ଛାଚାର, ଶାସକର ଅତ୍ୟାଚାର-ନିର୍ଯାତନା-ଶୋଷଣ ଓ ମୂଲ୍ୟବୋଧର ଅବକ୍ଷୟ । ମୋର ବି ବିବେକ ଅଛି, ଭିନ୍ନତା ତ ଅଛି, ବିରୋଧାଭାସ ଅଛି, ବିଦ୍ରୋହ ଓ ପ୍ରତିବାଦ ବି ଅଛି । ପ୍ରତି ଲେଖା ଗୋଟାଏ କଥାବାର୍ତ୍ତାର କିୟଦଂଶ । ପୂର୍ଣ୍ଣାଙ୍ଗ ନଚେତ ଆଂଶିକ । ନିଜ ସହିତ, ଅନ୍ୟ ସହିତ, ଈଶ୍ୱରଙ୍କ ସହିତ ନହେଲେ ସାରା ସଂସାର ସହିତ । ଅନନ୍ତକୋଟି ଦୃଶ୍ୟ ଆତଯାତ ହେଉଛନ୍ତି ମୋ' ଭିତରେ ଓ ବାହାରେ । ଚିତ୍ର, ଚରିତ୍ର, ଘଟଣା, ସ୍ଥାନ ଓ ପରିବେଶର ଗୋଟାଏ ବିପୁଳ ପୃଥ୍ୱୀ ମୋ ଆଗରେ ଉଭା ହୋଇଛି । ରହସ୍ୟ, ଅଲୌକିକତା ଓ ମାୟା ମଧ୍ୟ ବେଳେବେଳେ ମୋତେ ଆଚ୍ଛନ୍ନ କରେ । ସେତେବେଳେ ଗୋଟେ ଅନ୍ଧାରୁଆ ସୁଡ଼ଙ୍ଗରେ ପଶି ଚେନାଏ ଆଲୁଅ ଦେଖିବାର ପ୍ରୟାସକୁ ଲାଳନ କରିବାକୁ ପଡ଼େ । କିନ୍ତୁ ଈଶ୍ୱରଙ୍କୁ ଡାକି ସମାଧାନ ମିଳେନି, କେବଳ କହିବା କଥା । ଈଶ୍ୱର, ପ୍ରକୃତି, ତଥାକଥିତ ଧର୍ମ କି କୃତ୍ୟଙ୍ଗ ଇତ୍ୟାଦି ମୋର ପ୍ରଶ୍ନର ଉତ୍ତର ଦେଇପାରନ୍ତି ନାହିଁ । କିନ୍ତୁ ସେମାନଙ୍କୁ ବି ପ୍ରଶ୍ନ କରିବାକୁ ମୁଁ ଲେଖେ ।

କେତେ କଥାରେ ମୋର ସୂକ୍ଷ୍ମ ଚେତନା ଉଲ୍ଲସିତ ହେଉଛି, ଆନ୍ଦୋଳିତ ହେଉଛି, ଖୁସି ହେଉଛି ତ କେବେ ଦୀର୍ଘଶ୍ୱାସ ଛାଡୁଛି । ଯେତେବେଳେ ବିଫଳତା ମୋତେ ଜଳଜଳ ଦିଶୁଛି, ସେତେବେଳେ ମୋର ପ୍ରଶ୍ନାକୁଳତା ବଢ଼ି ଚାଲିଛି । ମୋର ବ୍ୟକ୍ତିସତ୍ତା ସବୁ ସହିଯାଇ ପାରେ, କିନ୍ତୁ ଲେଖକୀୟ ସତ୍ତା ସମ୍ଭାଳି ପାରୁନି । ସେ ଉଦ୍ଗୀରଣ କରେ, ବୋମା ପରି ଫୁଟେ, ବିଚାର କରିବାକୁ ଇଚ୍ଛା କରେ, ସଂଘର୍ଷ ପାଇଁ ସମ୍ମତି ଦିଏ । ମୋର ଲେଖକୀୟ ସତ୍ତା ସେତେବେଳେ ବ୍ୟକ୍ତିସତ୍ତାକୁ ପ୍ରଶ୍ନ କରେ । ଈଶ୍ୱରଙ୍କ ନହେଲେ ବ୍ୟବସ୍ଥା କି ସମଧର୍ମୀମାନଙ୍କ ସମର୍ଥନ ଆଶା କରେ । ମୋ ଲେଖକୀୟ ସତ୍ତାକୁ ମୁଁ ଶୁଦ୍ଧ ଓ ସ୍ୱଚ୍ଛ କରିବାକୁ ଚାହେଁ ।

ମୋ ଲେଖକୀୟ ସତ୍ତାର ସ୍ୱପ୍ନ, କ୍ଷତ ଓ ବିସ୍ମୟ ଥାଏ । ସମକାଳୀନ ପରିବେଶରେ ଦିଗନ୍ତ ଯେମିତି ଧୂମାଭ, ଆଶାଗୁଡ଼ିକ ମଳିନ, ଅସହାୟତାର ଓ ବିଶ୍ୱାସଭଙ୍ଗର ରାଜୁତି । ମୁଁ ସେମିତିରେ ବିସ୍ମିତ ହୁଏ । କ୍ଷତଗୁଡ଼ିକର ପୁରୁଣା ଥଲଥଲ ଦେହରେ ମଲମ ଲଗାଇବାକୁ ଭାବେ । ଶରଗୁଡ଼ାକରେ ଆଶାର ଅଠା ଲଗାଇ ଲମ୍ବା କରେ, ସେଇ ଯୋଖା ଶରଗୁଡ଼ିକୁ ଲକ୍ଷ୍ୟବିଦ୍ଧ ହେବାକୁ ପ୍ରବର୍ତ୍ତାଏ । ବିଫଳ ହେଲେ ମଧ୍ୟ ବାରମ୍ବାର ଚେଷ୍ଟା କରିବାକୁ ଆଗ୍ରହ କରେ । ସେଇଟା ମୋ ଅସ୍ତିତ୍ୱର ଲକ୍ଷଣ ।

ମୁଁ ବଞ୍ଚୁଥିବା ଜୀବନ ମତେ ଲାଗେ ବିପନ୍ନ । ଭାବୁଥିବା ଜୀବନ ଆଗରେ ଅବଶ୍ୟ ଏହି ବଞ୍ଚିବାର ଜୀବନ ସାନ । ସେଥିପାଇଁ ଜୀବନଠାରୁ ଲେଖା ବଡ଼ ହୋଇପାରିବନି ବୋଲି ଜାଣି ମଧ୍ୟ ମୁଁ ଭାବୁଥିବା ଜୀବନର ଅଙ୍ଗ ଭାବରେ ବଞ୍ଚୁଥିବା ଜୀବନକୁ ସତ୍ୟଶୀଳ ଓ ଅର୍ଥପୂର୍ଣ୍ଣ ଭାବରେ ଗତିଶୀଳ କରାଇବାକୁ ଚାହେଁ । ସେଥିପାଇଁ ମୁଁ ଲେଖେ ।

ଏକାଧିକ କଥାରେ ମୋର ମନ ଘାଣ୍ଟିହୁଏ, ଉଖାରିବାକୁ ଆଗ୍ରହ ଆସେ, ହୃଦୟର ସବୁ ବୁଝାମଣା ଦେଇ ଅନ୍ୟର ସୂକ୍ଷ୍ମ ଚେତନାର ଦର୍ଜା ଦେଇ ପଶିବାକୁ ମନ ଲୋଡ଼େ । ସେତେବେଳେ ଲେଖାର ମଞ୍ଜି ମିଳିଯାଏ । ଗୋଟାଏ ବିଦ୍ୟୁତ ଲେଖା ପରି ସେ ମୋ ଭିତରେ ଉଜ୍ଜ୍ୱଳତା ଭରିଦିଏ । ଭିତର ଦର୍ପଣରେ ତା'ର ଛବି ଜଳଜଳ ଦିଶେ । ଯଦି ମୁଁ ସେତେବେଳେ ଉଦାସୀନ ରହେ, ସେ ମଞ୍ଜିଟି ମରେ ଓ ଲେଖା ଆତ୍ମହତ୍ୟା କରେ । ମୁଁ ନିଜକୁ ଆତତାୟୀ ମନେ କରେ । ଅନ୍ୟ ପକ୍ଷରେ, ଅସ୍ତିତ୍ୱର ଭାଙ୍ଗି ଯାଉଥିବା ଅଂଶକୁ ପୁଣି ମରାମତି କରିବାକୁ ବହୁ ସମୟ ଲାଗିଯାଏ । ଅସ୍ତିତ୍ୱ ନିର୍ମାଣରେ ମନୋନିବେଶ କଲେ ପୁଣି ନୂଆ ବାଗରେ ଅଚାନକ ଗୋଟେ ଲେଖାର ଜିଭ ଲେଉଟେ, କେତେବେଳେ ଲାଗେ କରିବା କଠିନ ।

ଲେଖିଲାବେଳେ ମୁଁ ଯେମିତି ନିଜର ଆତ୍ମାର ନିକଟତର ହେଉଥାଏ । କହିବାକୁ ଗଲେ ନିଜ ଭିତରକୁ ପଶୁଥାଏ । କୋରି କୋରି ପଶୁଥାଏ । ଭିତର ଝରକାସବୁ ଖୋଲୁଥା'ନ୍ତି । ଖୋଲା ପବନ ଓ ଫର୍ଚ୍ଚା ଆକାଶ ମିଳୁଥାଏ । ସେତେବେଳେ ମୋ ବ୍ୟକ୍ତିସତ୍ତା କର୍ତ୍ତୃତ୍ୱ ହରାଇ ସାରିଥାଏ । ମୋ ବିଚାରରେ ମୁଁ ସତ୍ୟକୁ ଖୋଜୁଥାଏ । ସେଥିପାଇଁ ଯୁକ୍ତି କରେ, ଅବଶ୍ୟ କାବ୍ୟିକ ଯୁକ୍ତି । ବାସ୍ତବତା ଓ କଳ୍ପନାର ଏକ ଅଜବ ମିଶ୍ରଣ ।

ମୋର ଲେଖାରେ ସାଧାରଣ ଜୀବନର ପ୍ରେମ, ଦୁଃଖ, ଭୟ, ହତାଶା, ପରାଜୟ ଓ ସ୍ୱପ୍ନଭଙ୍ଗ ତ ଥାଏ, ପୁଣି ପ୍ରତିବାଦ, ପ୍ରଶ୍ନ, ବିରୋଧ, ତଥାକଥିତ ଜାତି ଓ ଧର୍ମ ପ୍ରତି ବିଦ୍ରୂପ ବି ରହେ । ତେବେ 'କୌଣସି ପ୍ରସଙ୍ଗ କବିତା ପାଇଁ ଅସ୍ପୃଶ୍ୟ ନୁହେଁ ।' ବୋଲି ରହିଥିବା ସତ୍ୟଟି ଜାଣି ମଧ୍ୟ ମୁଁ 'ସବୁ'କୁ ନେଇ ଲେଖାରେ ଥୋଇପାରେ ନାହିଁ ।

ମୁଁ ଅନ୍ୟକୁ ଭଲ ପାଇବାକୁ ଲେଖେ, ଭଲ ଲାଗିବାକୁ ଲେଖେ । ଆଶା ଓ ସମ୍ଭାବନାର ଦିଗନ୍ତଗୁଡ଼ିକକୁ ସଂପ୍ରସାରିତ କରିବାକୁ ଲେଖେ । ନିଜେ ଅନ୍ଧାରରୁ ଆଲୁଅ ଆଡ଼କୁ ଯିବା ପାଇଁ ଲେଖେ । ନିଜ ବ୍ୟକ୍ତିସତ୍ତାରୁ ଲେଖକୀୟ ସତ୍ତାକୁ ଯାତ୍ରା କରିବାକୁ ଲେଖେ । ସମସ୍ତ ପାପ ବିନାଶନ ଉଦ୍ଦେଶ୍ୟରେ ତୀର୍ଥଯାତ୍ରା ପରି ଲେଖେ । ଗୋଟାଏ ସଂଶୋଧିତ, ଆଲୋକିତ ଓ ସଂପ୍ରୀତିମୟ ଭବିଷ୍ୟତ କଥା ଭାବି ଲେଖେ । ବାଲ୍ମିକୀ ଓ ବ୍ୟାସଙ୍କ ରଚିତ ମହାକାବ୍ୟର ନାୟକ ଈଶ୍ୱର ହୋଇଥିବାବେଳେ ସେ ଲେଖା ବିଶ୍ୱବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ସୁରକ୍ଷିତ ଓ ଆଦୃତ ହୋଇ ରହିଛି ବୋଲି ଜାଣି ମଧ୍ୟ ଲେଖେ । ଈଶ୍ୱର ନହୋଇ ଜଣେ ମଣିଷ ଭାବେ ପରିଚୟ ଦେବାକୁ ମୁଁ ଲେଖେ । ମୋ ସମୟର ମହତ୍ତମ ଆକୁତି ଓ ମହତ୍ତର ସମ୍ଭାବନାଗୁଡ଼ିକକୁ ଉଜାଗର କରିବାକୁ ଲେଖେ । ବିବିଧ ସଂଶୟକୁ ଘଷି ଘଷି ତରଳାଇବାକୁ ଲେଖେ । ■

ବି. ୧୦୯, ସିଟି ଏନକ୍ଲେଭ
ଗାୟତ୍ରୀ ବିହାର, ସୁନ୍ଦରପଦା
ଭୁବନେଶ୍ୱର- ୭୫୧୦୦୨

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିମାନ ଭଡ଼ା...

ଧାର୍ଯ୍ୟ କରିଥିବା ନୂଆ ଭଡ଼ା ଅନୁଯାୟୀ, ଏବେ ୫୦୦ କିମି ପର୍ଯ୍ୟନ୍ତ ଯାତ୍ରା ଲାଗି ସର୍ବାଧିକ ୭୫୦୦ ଟଙ୍କା, ୫୦୦ରୁ ୧୦୦୦ କିମି ପାଇଁ ୧୨୦୦୦ ଟଙ୍କା, ୧୦୦୦-୧୫୦୦ କିମି ପର୍ଯ୍ୟନ୍ତ ୧୫୦୦୦ ଟଙ୍କା ଏବଂ ୧୫୦୦ କିମିରୁ ଅଧିକ ଯାତ୍ରା ପାଇଁ ସର୍ବାଧିକ ୧୮ ହଜାର ଟଙ୍କା ଭଡ଼ା ରଖାଯାଇଛି। ତେବେ ଏଥିରେ 'ବିଜ୍‌ନେସ କ୍ଲାସ' ଏବଂ 'ଉଡ଼ାନ' ବିମାନ ସାମିଲ ନାହିଁ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିବ। ଟିକଟ ମୂଲ୍ୟରେ ଅନିୟମିତତା ରୋକିବା, ବଜାର ମୂଲ୍ୟରେ ସ୍ଥିରତା ଏବଂ ସଙ୍କଟରେ ଫସିଥିବା ଯାତ୍ରୀଙ୍କୁ ଶୋଷଣରୁ ମୁକ୍ତିଦେବା ଲାଗି ଏହି ପଦକ୍ଷେପ ନିଆଯାଇଛି। ଏହି ନୂଆ ଭଡ଼ା ଅନ୍‌ଲାଇନ ଏବଂ ଅଫ୍‌ଲାଇନ ଉଭୟ ପ୍ଲାଟଫର୍ମ ପାଇଁ ଧାର୍ଯ୍ୟ ହୋଇଛି। ନିୟମ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାର ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଇଣ୍ଡିଗୋ ଭାରତରେ ଦିନକୁ ପ୍ରାୟ ୨୨୦୦ ବିମାନ ଉଡ଼ାଣ କରିଥାଏ। ତେବେ ଗତ ୫ ଦିନ ହେଲା ଦିନକୁ ପ୍ରାୟ ହଜାରେ ବିମାନ ବାତିଲ କରିଦିଆଯାଉଛି। ଏଥିଯୋଗୁଁ ବିମାନ ଟିକଟ ମୂଲ୍ୟ ୧୦ ଗୁଣ ବୃଦ୍ଧି ପାଇଛି। ଆଜି ଦିଲ୍ଲୀରୁ ବେଙ୍ଗାଲୁରୁର ସବୁଠାରୁ ଶସ୍ତା ବିମାନର ଭଡ଼ା ୪୦ ହଜାର ଟଙ୍କାରୁ ଅଧିକ ଥିଲା। ଆଉ କିଛି କମ୍ପାନୀ ଏଥିପାଇଁ ୮୦ ହଜାର ଟଙ୍କା ନେଉଥିଲେ। ସେହିପରି ଦିଲ୍ଲୀ-ମୁମ୍ବାଇ ବିମାନର ସର୍ବନିମ୍ନ ଭଡ଼ା ୩୬, ୧୦୭ ଟଙ୍କା ରହିଥିବାବେଳେ ସର୍ବାଧିକ ୫୬ ହଜାର ଟଙ୍କା ରହିଛି। ଏହା ବ୍ୟତୀତ ଦିଲ୍ଲୀ-ଚେନ୍ନାଇ ବିମାନ ଭଡ଼ା ୬୨ ହଜାର ଟଙ୍କାରୁ ୮୨ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଇଛି। ପାଇଲଟ ଏବଂ କ୍ରୁ୍ୟ ସଦସ୍ୟଙ୍କ ଅଭାବ ଜନିତ ସମସ୍ୟାରେ ପୀଡ଼ିତ ଇଣ୍ଡିଗୋ ମାର୍କେଟ ସେୟାର ଭାରତରେ ୬୪.୨ ପ୍ରତିଶତ ରହିଛି। ସେହିପରି ଏୟାର ଇଣ୍ଡିଆର ୧୩.୬ ପ୍ରତିଶତ, ଏୟାର ଇଣ୍ଡିଆ ଏକ୍ସପ୍ରେସର ୬.୩ ପ୍ରତିଶତ, ଆକାଶ ଏୟାରର ୫ ପ୍ରତିଶତ, ସ୍ପାଇସଜେଟ୍‌ର ୨ ପ୍ରତିଶତ ରହିଛି।

## କାହିଁକି ସଙ୍କଟ...

ପଦାରେ ପଡ଼ି ଯାଇଥିଲା। ଇଣ୍ଡିଗୋ ପାଇଲଟଙ୍କ ସଂଖ୍ୟା ମଧ୍ୟ ବଢ଼ାଇ ନ ଥିଲା। ସରକାର ନିୟମ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ପ୍ରତି ସେତେ ଧ୍ୟାନ ଦେଇ ନ ଥିଲେ। ଫଳରେ ଅବ୍ୟବସ୍ଥା ସୃଷ୍ଟି ହୋଇଥିଲା। ଏଥିପାଇଁ ଯାତ୍ରୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା। ବିମାନ ସୁରକ୍ଷା ପାଇଁ ଅଣାଯାଇଥିବା ଏହି ନିୟମ ପ୍ରଥମେ ୨୦୨୪ ଜୁନ୍‌ରେ ଲାଗୁ ହେବାର ଥିଲା। କିନ୍ତୁ ସେତେବେଳେ ଇଣ୍ଡିଗୋ ଏବଂ ଅନ୍ୟ ଏୟାରଲାଇନ୍ସଙ୍କ ବିରୋଧ ଯୋଗୁଁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ନୂଆ ନିୟମ ପାଇଁ ଅଧିକ କ୍ରୁ୍ୟ ସଦସ୍ୟଙ୍କ ଆବଶ୍ୟକତା ପଡ଼ିବ ବୋଲି କୁହାଯାଇଥିଲା। ତେଣୁ ଏହାକୁ ପର୍ଯ୍ୟାୟକ୍ରମେ ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଡିଜିସିଏ ଚଳିତ ବର୍ଷ ଜୁଲାଇ ୧ରୁ ନଭେମ୍ବର ୧ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହି ନିୟମ ଲାଗୁ କରିଥିଲା। ବିନା କୌଣସି ସମସ୍ୟାରେ ଇଣ୍ଡିଗୋ ପ୍ରଥମ ପର୍ଯ୍ୟାୟ ନିୟମ ଲାଗୁ କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଗଭୀର ପ୍ରଭାବିତ ହୋଇଥିଲା। 'ରେଡ୍ ଆଇ' ଉଡ଼ାଣରେ କ୍ରୁ୍ୟ ବ୍ୟବହାର ସ୍ତର ମଧ୍ୟ ହ୍ରାସ କରାଯାଇଥିଲା। ଗତ ୧ ତାରିଖରେ ନୂଆ ନିୟମ ଲାଗୁ ହୋଇଥିଲା। ଏହିଠାରୁ ହିଁ ଆରମ୍ଭ ହୋଇଥିଲା ସମସ୍ୟା। ୨ ତାରିଖରେ ଯୋଜନାର ଅଭାବ ସାରା ନେଟୱର୍କ ଉପରେ ପଡ଼ିଥିଲା। କର୍ମଚାରୀ ଅଭାବରୁ ଅନେକ ଉଡ଼ାଣ ବାତିଲ କରିଦିଆଯାଇଥିଲା। ୩-୪ ତାରିଖରେ ସମସ୍ୟା ବଡ଼ ସଙ୍କଟରେ ପରିଣତ ହୋଇଥିଲା। ପ୍ରମୁଖ ମେଟ୍ରୋ ସହରଗୁଡ଼ିକରେ ବିମାନ ଉଡ଼ାଣ ବାତିଲ କରିଦିଆଯାଇଥିଲା। ଯାତ୍ରୀଙ୍କୁ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ୫-୬ ତାରିଖରେ କେନ୍ଦ୍ର ସରକାର ନିୟମ ପାଳନରୁ ଇଣ୍ଡିଗୋକୁ ସାମୟିକ ଆଶ୍ୱସ୍ତି ଦେଇଥିଲେ। ଏହି ସହିତ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଟିକଟ ମୂଲ୍ୟ ଅହେତୁକ ବୃଦ୍ଧି ପାଉଥିବାରୁ କେନ୍ଦ୍ର ଏଥିରେ ଲଗାମ ଲଗାଇବା ପାଇଁ ଦର ଧାର୍ଯ୍ୟ କରିଛି।

## ପଞ୍ଚମ ଦିନରେ...

କାନ୍ଦି ଘରକୁ ଫେରୁଥିବା ଦେଖାଯାଉଛି। ଯୋଜନାବଦ୍ଧ ଭାବେ ଇଣ୍ଡିଗୋ ଏଭଳି କରୁଥିବା ଅଭିଯୋଗ ହେଉଛି। ୫ ମାସ ତଳେ ନୂଆ ନିୟମ ଲାଗୁ ନେଇ ସୂଚନା ଦିଆଯାଇଥିବାବେଳେ ଇଣ୍ଡିଗୋ କାହିଁକି କର୍ମଚାରୀଙ୍କ ସଂଖ୍ୟା ବଢ଼ାଇଲା ନାହିଁ ବୋଲି ଏବେ ପ୍ରଶ୍ନ ଉଠୁଛି। ନୂଆ ନିୟମକୁ ନେଇ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଭାରତୀୟ ବଜାରରେ ସିଂହଭାଗ ରଖିଥିବା ଏହି କମ୍ପାନୀ ଜାଣିଶୁଣି ଯାତ୍ରୀଙ୍କୁ ହଇରାଣ କରୁଥିବା କୁହାଯାଉଛି। ଏହି କମ୍ପାନୀର ମନମୁଖି କାର୍ଯ୍ୟକଳାପ ପାଇଁ ୧୦ ହଜାରରୁ ଅଧିକ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ୪ ଦିନରେ ୨ ହଜାରରୁ ଅଧିକ ବିମାନ ବାତିଲ କରିଦିଆଯାଇଥିବାବେଳେ ଦିନକୁ ୫୦୦ରୁ ଅଧିକ ଉଡ଼ାଣ ବିଳମ୍ବିତ ରହିଛି। ଏହି ମହାବିଭ୍ରାଟକୁ ନେଇ କେନ୍ଦ୍ର ସରକାର ଇଣ୍ଡିଗୋର ସିଇଓ ପିଟର ଏଲବର୍ସଙ୍କୁ ପଦରୁ ହଟାଇବା ପାଇଁ ଯୋଜନା କରୁଥିବା ସୂଚନା ମିଳୁଛି।

ଦୀର୍ଘ ମାସ ହେଲା ନୂଆ ନିୟମ ଲାଗୁ କରିବା ପାଇଁ ସୂଚନା ଦିଆଯାଇଥିଲେ ବି ଇଣ୍ଡିଗୋ କାହିଁକି ଏହାକୁ ପାଳନ କରିବାରେ ବିଫଳ ହେଲା ତାହା ଜାଣିବାକୁ ବି ଯାଞ୍ଚ ଜାରି ରହିଛି। ଅନ୍ୟ ବିମାନ କମ୍ପାନୀଗୁଡ଼ିକ ଠିକ୍‌ରେ ପରିଚାଳନା କରୁଥିବା ଇଣ୍ଡିଗୋ ଏଭଳି ବିଭ୍ରାଟ ପଛରେ କିଛି ନିହିତ ସ୍ୱାର୍ଥ ରହିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଇଣ୍ଡିଗୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ପ୍ରସ୍ତୁତି କରୁଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଶନିବାର ସନ୍ଧ୍ୟାରେ ଇଣ୍ଡିଗୋ ଅଧିକାରୀଙ୍କୁ ସମନ କରିଛି। ଭାରତୀୟ ବଜାରେ ଦୁଇ ତୃତୀୟାଂଶ ମାର୍କେଟ ସେୟାର ଥିବା ଏହି କମ୍ପାନୀ ଉପରେ ବିପୁଳ ଜୋରିମାନା ଲଗାଇବାକୁ ମଧ୍ୟ ବିଚାର କରାଯାଉଛି।

ଅନ୍ୟପକ୍ଷରେ ଯାତ୍ରୀଙ୍କ ସମସ୍ୟା କମ୍ ହେବାର ନା ଧରୁନି। ବିମାନବନ୍ଦରରେ ଯାତ୍ରୀଙ୍କ ଗହଳି ଲାଗି ରହିଛି। ଏଠାରେ ଚାପା ବିଶୃଙ୍ଖଳା ସୃଷ୍ଟି ହୋଇଛି। ଅନେକ ବିମାନବନ୍ଦରରେ ଯାତ୍ରୀ ହଙ୍ଗାମା କରିଛନ୍ତି। ବିମାନକୁ ଅପେକ୍ଷା କରି ରହିଥିବା ଲୋକେ ତଳେ ଶୋଇ ରାତି କାଟୁଛନ୍ତି। ବିମାନ ବାତିଲ ହୋଇଥିବାରୁ ବେଙ୍ଗାଲୁରୁ, କୋଲକାତା ବିମାନବନ୍ଦରରେ ଯାତ୍ରୀ କାନ୍ଦୁଥିବା ଦେଖାଯାଇଛି। ଅନ୍ୟ ଜଣେ ଯାତ୍ରୀଙ୍କ ସହ ଆସିଥିବା ବିଲେଇ ମଧ୍ୟ ଅପେକ୍ଷା କରି କରି ବିରକ୍ତ ହୋଇଯାଇଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ସେହିପରି ଲକ୍ଷ୍ନୌ ବିମାନବନ୍ଦରରେ ଧାଡ଼ିରେ ଛିଡ଼ା ହେବାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ବିବାଦ ହୋଇଛି। ଅହମଦାବାଦ ବିମାନବନ୍ଦରରେ ସକାଳ ୬ଟା ସୁଦ୍ଧା ୧୯ଟି ବିମାନ ବାତିଲ ହୋଇଥିବାରୁ ଲୋକେ ଧାଡ଼ିରେ ଛିଡ଼ା ହୋଇ ଚିଡ଼ଚିଡ଼ା ହୋଇଥିବା ଦେଖାଯାଉଛି। ବିକଳ୍ପ ବିମାନ ମିଳୁ ନ ଥିବାରୁ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ବାରମ୍ବାର ପରୀକ୍ଷା...

ଅଦାଲତ ବାତିଲ କରିଦେଇଛନ୍ତି। ତେଣୁ ରାଜ୍ୟରେ ଏପରି ବାରମ୍ବାର ପରୀକ୍ଷା ବିଭ୍ରାଟ ଓ ଅନିୟମିତତାକୁ ନେଇ ନବୀନ ଗଭୀର କ୍ଷୋଭ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି ଯେ ପିଲାଙ୍କ ସ୍ୱପ୍ନ କେତେ ଆଉ ଭାଙ୍ଗିବ, କେତେ ଆଉ ପିଲାଙ୍କ ଭବିଷ୍ୟତ ସହ ଖେଳାଯିବ? ପରୀକ୍ଷା ପରେ ପରୀକ୍ଷା ବାତିଲ ହେବା, ସ୍ଥଗିତ ହେବା ବିଜେପି ସରକାରର ଅପାରଗତାକୁ ଦର୍ଶାଉଛି। ୧୮ ମାସର ସରକାରରେ ପାଖାପାଖି ୧୮ଟି ନିଯୁକ୍ତି ପରୀକ୍ଷା ବାତିଲ ହେଲାଣି। ଏଥିରୁ ସରକାର କ'ଣ ଦର୍ଶାଇବାକୁ ଚାହୁଁଛନ୍ତି। ରାଜ୍ୟର ପିଲାମାନଙ୍କ ଆଶା ଓ ସ୍ୱପ୍ନ କ'ଣ ଏପରି ଧୂଳିସାତ୍ ହେଉଥିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ତେଣୁ ସରକାର ଏଥିପ୍ରତି ସଜାଗ ହୁଅନ୍ତୁ, ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ପରୀକ୍ଷା ଯେପରି ନିୟମିତ ଏବଂ ସ୍ୱଚ୍ଛତାର ସହ ହେବ, ତାହା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଆହ୍ୱାନ ଦେଇଛନ୍ତି।

## ଓଡ଼ିଶା ହେବ...

ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଯୋଗଦେଇ ନବୀକରଣୀୟ ଶକ୍ତିରେ ଓଡ଼ିଶାର ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ରାଜ୍ୟ ପାଇଁ ଦେଢ଼ଲକ୍ଷ ସୂର୍ଯ୍ୟଘର ଅନୁମୋଦନ ଘୋଷଣା କରିଥିଲେ। ଏହାଦ୍ୱାରା ରାଜ୍ୟର ୭/୮ ଲକ୍ଷ ଲୋକ ଉପକୃତ ହେବେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୨୦୧୪ରେ ୨.୮ ଗିଗାୱାଟରୁ ବର୍ତ୍ତମାନ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି। ଓଡ଼ିଶାକୁ ଅକ୍ଷୟ ଶକ୍ତିର ହବ୍ ପାଇଁ ଖସଡ଼ା ପ୍ରସ୍ତୁତ ହୋଇଛି। ସୋଲାର୍ ପ୍ୟାନେଲ ଲଗାଇ ଶକ୍ତି ଉତ୍ପାଦନ କିଭଳି ହେବ, ତାହା ଯୋଜନା କରାଯାଇଛି। ଗ୍ରୀନ୍-ଏନର୍ଜି ଉତ୍ପାଦନରେ ତାମିଲନାଡୁ ଓ ଗୁଜୁରାଟ ପରେ ତୃତୀୟ ସ୍ଥାନରେ ରହିବ ଓଡ଼ିଶା। ଏଠାରେ ବିସ୍ତୀର୍ଣ୍ଣ ବେଳାଭୂମି ଥିବାରୁ ଗ୍ରୀନ୍ ହାଇଡ୍ରୋଜନ୍ ହବ୍ ହୋଇପାରିବ। ଗୋପାଳପୁର ଓ ପାରାଦୀପ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନର ହବ୍ ହେବ ବୋଲି କହିଥିଲେ।

ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି କହିଥିଲେ, ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି, ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ। ଏହା ହିଁ ଜିଇଏଲ୍‌ଏସ୍‌ର ଉଦ୍ଦେଶ୍ୟ।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ୨୦୩୦ ସୁଦ୍ଧା ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ। ଏହି ଅବସରରେ ଦିଲ୍ଲୀର ଶକ୍ତି ମନ୍ତ୍ରୀ ଆଶିଷ ସୁଦ, ରାଜସ୍ଥାନର ଶକ୍ତିମନ୍ତ୍ରୀ ହୀରାଲାଲ ନାଗର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଅରେ ନୋଏଲ, ଆଇଆଇଟି କାନପୁରର ସେଣ୍ଟର ଫର ଏନର୍ଜି ରେଗୁଲେସନ୍ ଆଣ୍ଡ ଏନର୍ଜି ଆନାଲିଟିକ୍ସ ଲ୍ୟାବର ମୁଖ୍ୟ ପ୍ରଫେସର ଅନୁପ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ।

## ନିଜକୁ ଜାଳିଦେଲେ...

ପରିବାରଲୋକଙ୍କ କହିବା କଥା, ଗତକାଲି ସେ ରାତି ୯ଟା ପର୍ଯ୍ୟନ୍ତ ଘରେ ପଢୁଥିଲେ। ପରେ ଖାଇପିଇ ଶୋଇବାକୁ ଯାଇଥିଲେ। ତାଙ୍କ ଚାଲିଚଳଣରେ କୌଣସି ଅସ୍ୱାଭାବିକତା ନଥିଲା। ତେବେ ରାତି ପ୍ରାୟ ୨ଟା ବେଳେ ହଠାତ୍ ନାବାଳିକା ଜଣଙ୍କ ଚିତ୍କାର କରିଥିଲେ। ପରିବାରଲୋକ ତାଙ୍କ ଶୋଇବା ଘରକୁ ଯାଇ ଦେଖିବା ବେଳକୁ ସେ ହୁତୁହୁତୁ ହୋଇ ଜଳୁଥିଲେ। ପରିବାରଲୋକେ ନିଆଁକୁ ଲିଭାଇବା ସହ ତାକୁ ଚିକିତ୍ସା ପାଇଁ ରାଉରକେଲା ଆଇଜିଏଚ୍‌ରେ ଭର୍ତ୍ତି କରାଇଥିଲେ। ତେବେ ତାକୁ ଜଳେଇ ମାରିଦେବେ ବୋଲି ଜଣେ କିଏ ତାଙ୍କ ଝିଅକୁ ଫୋନରେ ଧମକ ଦେଇଥିଲେ ବୋଲି ପରିବାରଲୋକେ ଅଭିଯୋଗ କରିଛନ୍ତି। ରାଜଗାଙ୍ଗପୁର ଥାନା ପୁଲିସ ଏହି ଘଟଣା ପରେ ଜଣେ ବସ୍ ଖଲାସିକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି।

## ବେକରେ ରଶି...

ଅମାନୁଷିକ ଭାବେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ଅଚେତ ଅବସ୍ଥାରେ ପରିଖି ଫାଣ୍ଡି ସମ୍ମୁଖରେ ଛାଡ଼ି ପଳାଇ ଯାଇଥିଲେ।

ଏହି ଘଟଣାକୁ ନେଇ ଅତିରିକ୍ତ ଏସ୍‌ପି ଦିବ୍ୟଜ୍ୟୋତି ନାୟକ କହିଛନ୍ତି, ସଦର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେଉଁ ପରିସ୍ଥିତିରେ ଓ କେଉଁମାନେ ଏହି ଘଟଣା ଘଟାଇଛନ୍ତି, ତାହାକୁ ନେଇ ଖୋଳତାଡ଼ ଚାଲିଛି। ଖୁବ୍‌ଶୀଘ୍ର ଅପରାଧୀମାନଙ୍କୁ ଧରାଯିବ। ସେହିପରି ଫାଣ୍ଡି ପରିସରରେ ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ଫିଙ୍ଗିଦେଇ ପଳାଇବା ଘଟଣାକୁ ନେଇ ସ୍ଥାନୀୟ ପୁଲିସର ଭୂମିକା ଉପରେ ମଧ୍ୟ ତଦନ୍ତ କରାଯିବ। ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଖସୁଛି ପାରଦ...

ରାଉରକେଲାରେ ୮.୧, ଝାରସୁଗୁଡ଼ାରେ ୮.୬, ଚିପିଲିମାରେ ୯.୫, ଫୁଲବାଣୀରେ ୮.୫ ଓ ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଶୀତ ସହ ରାଜ୍ୟର କିଛି ସ୍ଥାନରେ କ୍ରମାଗତ ଭାବେ କୁହୁଡ଼ି ମଧ୍ୟ ଲାଗି ରହିଛି। ଏହି ସ୍ଥିତି ଆହୁରି ଦୁଇ ଦିନ ଜାରି ରହିବାକୁ ପାଣିପାଗ କେନ୍ଦ୍ର କହିଛି। ଏହି କ୍ରମରେ ରବିବାର ରାତିରୁ ସୋମବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଆଦିରେ ଘନ କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

## ଆରମ୍ଭ ହେବ...

ସରକାର ଓଡ଼ିଶା ସୁପରିଅର ଜୁଡିସିଆଲ ସର୍ଭିସ ଏବଂ ଓଡ଼ିଶା ଜୁଡିସିଆଲ୍ ସର୍ଭିସ ରୁଲ୍ସ,୨୦୦୭ର କିଛି ନିୟମାବଳୀରେ ପରିବର୍ତ୍ତନ ଆଣିଛନ୍ତି। ଏହି ପରିବର୍ତ୍ତନଗୁଡ଼ିକ ମଧ୍ୟରେ ନିଯୁକ୍ତି ବର୍ଷ ପ୍ରଚଳନ, ସଂଶୋଧିତ ଜିଲ୍ଲା ଜଜ୍ ନିଯୁକ୍ତିରେ ଅନୁପାତ, ସିଭିଲ୍ ଜଜ୍ (ବରିଷ୍ଠ ବିଭାଗ) ପାଇଁ ପଦୋନ୍ନତି ଏବଂ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ) ପଦ ପାଇଁ ତିନି ବର୍ଷ ଅଭ୍ୟାସ ସହିତ ସିଧାସଳଖ ନିଯୁକ୍ତି ପାଇଁ ଉପର ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିସହିତ ପାଠ୍ୟକ୍ରମ, ପରୀକ୍ଷା, ତାଲିମ ଏବଂ ବରିଷ୍ଠତା ପ୍ରକ୍ରିୟାକୁ ମଧ୍ୟ ସୁଗମ କରାଯାଇଛି। ଏହାଦ୍ୱାରା ଜନସାଧାରଣ ତ୍ୱରିତ ଏବଂ ସଠିକ ନ୍ୟାୟ ପାଇପାରିବେ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ସେହିପରି ଉଚ୍ଚଶିକ୍ଷା ବିଭାଗରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ଏକ ପ୍ରକାରର ସଂରକ୍ଷଣ ପଦ୍ଧତିକୁ ଅନୁସରଣ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏଥିରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଏକକ ଭାବରେ ବିଚାର କରିବାକୁ ପ୍ରସ୍ତାବ ନିଆଯାଇଛି। ଏହା ବର୍ତ୍ତମାନ ଚାଲୁଥିବା ବିଭାଗ ଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ପରିବର୍ତ୍ତନ କରିବ। ଏହି ପ୍ରସ୍ତାବ ଫଳ ସ୍ୱରୂପ ଏସ୍‌ସି, ଏସ୍‌ଟି, ଏସ୍‌ଇବିସି ଓ ଅନ୍ୟାନ୍ୟ ଯୋଗ୍ୟ ବର୍ଗ ମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇବ ବୋଲି ସରକାର ଆଶା ରଖିଛନ୍ତି। ଅନ୍ୟ ୨ଟି ପଦକ୍ଷେପ ସ୍ୱରୂପ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ବର୍ଦ୍ଧିତ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ବିଦ୍ୟମାନ ଓଡ଼ିଶା ମତ୍ସ୍ୟ ସେବା (ଓଏଫ୍‌ଏସ୍) କ୍ୟାଡରର ପୁନଃଗଠନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବ ସମସ୍ତ ବରିଷ୍ଠ ସ୍ତରରେ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ପଦ ସଂଖ୍ୟା ବୃଦ୍ଧି କରିଛି। ସେହିପରି ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି-୨୦୨୫କୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ପଦକ୍ଷେପ ସ୍ୱରୂପ ଓଡ଼ିଶା ଔଷଧ ବିକାଶ ସେଲ୍, କ୍ଷେତ୍ରୀୟ ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଛି।

**VEHICLE FOR SALE**

HYUNDAI I20, Model - 2022, Registration No-OD-02-BW-9059, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689, within 7 days

**AFFIDAVIT**

By virtue of an affidavit sworn before Zahir Mohommad, Notary Dhenkanal, dtd.06.12.2025, I, Ravindra Jaishwar, resident of Aumoreera Bhawan, House No. 227, 1st Floor, Ward No. 21, Station Bazar, PO–Dhenkanal R.S., PS–Town, Dist.–Dhenkanal have changed my name from Ravindrakumar Rajendraprasad Jaishwar to Ravindra Jaishwar. Henceforth, I shall be known as **RAVINDRA JAISHWAR** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Khordha, NO- 3199, dated 02-12-2025 I, **GURUBARI DEI,** W/o Harihara Sahoo Permanent resident of At/Po- Thanapalli, Via- Baghamari, Ps- Begunia, Dist- Khordha, State- Odisha, PIN- 752061, declare that I have changed my name from **GUREI DEI** (Old name) to **GURUBARI DEI** (New name), Henceforth, I shall be known as **GURUBARI DEI** for all purposes.

Sd-( **GURUBARI DEI** )

**AFFIDAVIT**

By virtue of an affidavit before The Notary Public, Titilagarh, on dated- 06/12/2025. I, **Laxman Sahu** (Applicant name) S/o- Debendra Sahu, permanent resident of At- Sargiguda (Ram Mandir Road), PO/PS- Titilagarh, Dist- Balangir, (Odisha), PIN- 767033 declare that I have changed my minor daughter's name from **Monalisa Sahu** (old name) To **Payal Sahu** (new name). Henceforth, she shall be known as **Payal Sahu** (new name) for all purposes.

**Laxman Sahu**

**VEHICLE FOR SALE**

MARUTI SUPER CARRY, Model - 2023, Registration No-OD-02-CF-3923, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.05.12.2025,I, Nidhu Kheti, R/o- Village- Sarangapali, P.O. Bankighirdi, P.S. Binka, Dist. Subarnapur, Odisha, hereby declare that my name has been wrongly recorded as Shiva Dahari Mahakur in my Aadhaar Card. My correct name is NIDHU KHETI. Henceforth, I shall be known as **NIDHU KHETI** for all official purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 06/12/2025. I, **Sialdei Sikha** (new name), formerly called as **Jialadei Shikha** (old name), W/o- Madhubana Shikha, permanent resident of AT- Chikili, PO- Madiguda, PS- Kegaon, Dist- Kalahandi, (Odisha), PIN- 766036 now residing at the same place declare that I have changed my name from **Jialadei Shikha to Sialdei Sikha.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Sialdei Sikha** (new name) for all future purposes.

**Sialdei Sikha**

**AFFIDAVIT**

By virtue of an affidavit (CF No. 02, dtd- 05/12/2025) sworn before the Executive Magistrate, Padampur. I, Narayan Banchhor, S/o Rajkumar Banchhor, permanent & current resident of AT/Po Paikmal, PS- Paikmal, Dist- Bargarh, PIN- 768039, Odisha declare that I have changed my name from Narayan Banchhor to Narayana Banchhor. Henceforth, I shall be known as **Narayana Banchhor** (new name) for all purposes.

**AFFIDAVIT**

By virtue of an affidavit In The Court Of Executive Magistrate, Komna, dtd.04.12.2025, I, Sri Dhanurjya Rana, S/o- Manbodh Rana, resident of Village Nuagaon, P.O. Nuagaon, P.S. Komna, Dist. Nuapada, Odisha, hereby declare that I have changed my daughter's name from Gayatri Rana to Jasmin Rana. Henceforth, she shall be known as **JASMIN RANA** for all purposes.

**Sd/- Sri Dhanurjya Rana**

**AFFIDAVIT**

I YOUSHNARANI BISOI, W/o- SURESH CHANDRA BISOI, resident of At/Po- Chitra, Ps- Kotpad, Dist.- Koraput - 764056, Odisha declare by this Affidavit No.2772, Dated- 05/12/2025, that now onwards I shall be known as **JYOSNA RANI BISOI** for all future purpose.

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.05.12.2025, I, Ananta Banachhor, R/o Village Sarangapali, P.O. Bankighirdi, P.S. Binka, Dist. Subarnapur, Odisha, hereby declare that my name has been wrongly recorded as Prem Vishnu Sagar in my Aadhaar Card. My correct name is ANANTA BANACHHOR. Henceforth, I shall be known as **ANANTA BANACHHOR** for all purposes.

**AFFIDAVIT**

I, Rekha Devi Sahu, W/o-Nanda Kishore Sahu, resident of At/po- Gadagovindapur, Ps- K.Nuagam, Dist- Ganjam, PIN-761011, Odisha declared by this affidavit No-A/1626, dtd- 29/12/2023 that now onwards I shall be known as **REKHA SAHU** for all future purposes.

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
- **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
- **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
- **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
- **M.P.H.** *Rs. 42,000/- P.A.* Eligibility: Any Graguate

ALL COURSE FEES ARE EXCLUDING HOSTEL

OFFICE OF THE SECRETARY
**BAPUJEE SPECIAL SCHOOL, BARGARH**
(Regd. No. S.B.L.-2978-141 of 1991-92)
At/Po/Dist.: Bargarh-768028 (Odisha)
Email: phsbg@gmail.com, Contact No.: 94380-08599

**WANTED**

Advertisement No. 2194, Dated. 06.12.2025

Applications are invited from desirable candidates for temporary recruitment on contractual basis for vacant posts of Teaching & Non-Teaching posts of this School under Grant-in-Aid fold of SSEPD, Department, Govt. of Odisha. The detailed advertisement can be seen on the website of Bargarh district i.e. **www.bargarh.odisha.gov.in.** No application will be considered after due date.

The prescribed application form along with all relevant documents scanned into a Single PDF file must be sent by email only to the Secretary, Bapujee Special School to the **e-mail id: phsbg@gmail.com** on or before **5.30 P.M. of Dt. 22.12.2025.** Application received through any other means shall not be accepted.

Age will be relaxed as per ORV Act. The posts are temporary. Salary will be paid as per **Govt. in SSEPD Deptt., Govt. of Odisha vide Resolution No. 6408/SSEPD/Dt. 03.09.2016** after approval of Govt. Date & Time of Interview will be communicated by post/E-mail to the candidates.

**Contact Enquiry: 94397-54131 / 76810-43445**

Sd/- Secretary
Bapujee Special School, Bargarh

**OFFICE OF THE NOTIFIED AREA COUNCIL, DHARMAGARH, DIST-KALAHANDI, PIN-766015**

C-1682 'e'-Procurement NOTICE

Bid Identification No. DHM / 03 / 2025-26

The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen on the Govt. Website i.e. **https://tendersodisha.gov.in**

1. Number of Civil works: **05 (Five) numbers**
2. Estimated Costs: **2.21 Lakh to 11.58 Lakh**
3. Period of completion: As per NIT
4. Date and time of availability of the bid documents in the portal: **From 3.00 P.M. of 04.12.2025 to 05.00 P.M. of 17.12.2025**
5. Last Date/ Time for receipt of bids in the portal: **05.00 PM of 17.12.2025**
6. Bids will be opened on: **11.00 AM of Dt. 19.12.2025**
7. Name and address of the officer inviting bid: **Executive Officer, Dharmagarh NAC**

Sd/- Executive Officer
Dharmagarh NAC

OIPR-13163/11/0019/2526

B-783

E-mail ID: eerbngpur@yahoo.com
Tel & Fax -06858-222833 (O)

GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR

**e-Procurement Notice**

Bid Identification No. S.E (R&B)-23/2025-26/NGP
No. 6618/Date 29.11.2025

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

| | | |
|---|---|---|
| 1. | Name of the Work | Civil Construction Work as mentioned in DTCN |
| 2. | No. of Work | 01 No. |
| 3. | Estimated Cost | Rs. 60.90 Lakhs |
| 4. | Period of completion | 3 Calendar of Months |
| 5. | Date & Time of Bidding | From 11.00 hours of 09.12.2025. Upto 16.00 hours of 23.12.2025. |
| 6. | Last date & time for receipt of bids in portal | 16.00 hours of 23.12.2025. |
| 7. | Bids received online shall be opened on | 11.00 hours of 24.12.2025. |
| 8. | Name and address of the officer inviting Bid | Superintending Engineer, Nabarangpur(R&B)Division, Nabarangpur |

Further details can be seen from the www.tendersodisha.gov.in

Superintending Engineer
Nabarangpur (R&B) Division

OIPR-34143/11/0016/2526

**କେନ୍ଦ୍ରାପଡା ପୌରପରିଷଦ, କେନ୍ଦ୍ରାପଡା**

୫ମ ବାର୍ଷିକ ଉତ୍ସବ-୨୦୨୫" ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି।

ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ। ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି। ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ।
୨. ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ।
୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।
୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପର ଭାଇଜର, ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ।
୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ। ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ।

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି, ନିର୍ବାହୀ ଅଧିକାରୀ
ଆକବରୀ ଖାତୁନ, ଉପାଧ୍ୟକ୍ଷା
ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା

CAD-2586

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 23467 /ଭୁ.ଉ.କ.,ଭୁବନେଶ୍ୱର ତା 28.11.2025 ରିଖ
KNM-1571/93

ସୂଚନା

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ **MIG** ପ୍ଲଟ୍ ନଂ-**K-7-556** କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୧୪୪/ଏ.ଏଲ୍, ତା-୦୯.୦୮.୨୦୦୦ ରିଖ ଅନୁଯାୟୀ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ନିତ୍ୟାନନ୍ଦ ସ୍ୱାଇଁ, ପିତା–ସ୍ୱର୍ଗତ ଡୟଣ୍ଡଧର ସ୍ୱାଇଁ, ଗ୍ରାମ-ଶେକଦା, ପୋଷ୍ଟ-କସର୍ଦା, ଥାନା–ନିଆଳି, ଜିଲ୍ଲା–କଟକ, ଓଡିଶାଙ୍କ** ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ନିତ୍ୟାନନ୍ଦ ସ୍ୱାଇଁ ଗତ ତା-୦୩.୦୪.୨୦୨୦ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (**Death certificate Registration No. D-2020:21-00699-00304** dated 30.04.2020.

**Legal heir certificate Misc.Case No. E-LHC/2020/31431 dated 26.10.2020** ଅନୁଯାୟୀ ନିତ୍ୟାନନ୍ଦ ସ୍ୱାଇଁଙ୍କର ଉତ୍ତରାଧିକାରୀ (୧) ଅଜୟ କୁମାର ସ୍ୱାଇଁ (ପୁତ୍ର), (୨) ଧନଞ୍ଜୟ ସ୍ୱାଇଁ (ପୁତ୍ର) ଓ ମନୋରଞ୍ଜନସ୍ୱାଇଁ (ପୁତ୍ର) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀସୂତ୍ରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0411/2526

'ସକାଳ' ଖବରକାଗଜର
୫ମ ସ୍ୱନକ୍ଷତ୍ର ପାଳନ ଅବସରରେ ହାର୍ଦ୍ଦିକ
ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛୁ

**ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ.**
ମୁଖ୍ୟ କାର୍ଯ୍ୟାଳୟ, ଆସିକା, ଗଞ୍ଜାମ, ଓଡିଶା

ଶ୍ରୀ କାର୍ତ୍ତିକେଶ୍ୱର ପରିଡା, ସଭାପତି
ଶ୍ରୀମତୀ ମାମି ପଣ୍ଡା, ଉପ-ସଭାପତି
ଶ୍ରୀ ନୃସିଂହ ପ୍ରସାଦ ପଣ୍ଡା, ସଂପାଦକ
ଶ୍ରୀ ଅଲେଖନାଥ ପ୍ରଧାନ, ଭାରାପ୍ରାପ୍ତ ସଂପାଦକ

ପରିଚାଳନା ପରିଷଦ ସଦସ୍ୟ ବୃନ୍ଦ :
ଶ୍ରୀ ସୂର୍ଯ୍ୟନାରାୟଣ ପ୍ରଧାନ, ଶ୍ରୀ ମନୋଜ କୁମାର ପ୍ରଧାନ, ଶ୍ରୀ ନାର୍ସୁ ନାୟକ, ଶ୍ରୀ ରବିନ୍ଦ୍ର କୁମାର ସାମଲ, ଶ୍ରୀ ଭଗବାନ ବେହେରା, ଶ୍ରୀ କେ, ସନ୍ତୋଷ କୁମାର ପାତ୍ର, ଶ୍ରୀ ଅଶ୍ୱିନି କୁମାର ବିଷୋୟୀ, ଶ୍ରୀ ତାରିଣୀ ଚରଣ ଦାଶ, ଶ୍ରୀମତୀ ନିରୂପମା ନାୟକ, ଶ୍ରୀ ଇଂ ସଚିଦାନନ୍ଦ ରାଉତ, ଶ୍ରୀ କେ. ଚିତ୍ରସେନ ରେଡ୍ଡି, ଶ୍ରୀମତୀ ସୁଜତା ଉପାଧ୍ୟାୟ, ଶ୍ରୀମତୀ ରିଙ୍କି ପୋଲାଇ

### ଅଭିଶପ୍ତ ଜୀବନ ବିତାଉଛନ୍ତି ଉପାନ୍ତ ଅଞ୍ଚଳ 'ସୁଡ଼ଙ୍ଗ' ବାସିନ୍ଦା

# ଚୁଆ ଓ ଝରଣା ପାଣି ଭରସାରେ ୭୦ ଜନଜାତି ପରିବାର

- ଗାଁକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ନାହିଁ
- ନଳକୂଅ କିମ୍ବା ଗମନାଗମନ ପାଇଁ ରାସ୍ତା ନାହିଁ
- ରୋଗୀକୁ ସଙ୍ଗୀଭାର ବା ଖଟିଆ ହିଁ ଏକମାତ୍ର ଭରସା



ଶରତ, ୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡ଼ିଆ ଗ୍ରାମ ପଞ୍ଚାୟତର ଗୋକୁଳଚନ୍ଦ୍ରପୁର ରାଜସ୍ୱ ଗ୍ରାମରେ ଅବସ୍ଥିତ 'ସୁଡ଼ଙ୍ଗ' ଗ୍ରାମ। ସୁଡ଼ଙ୍ଗ ଗ୍ରାମ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକର ଉପାନ୍ତ ଅଞ୍ଚଳ କଳମଗଡ଼ିଆ ଏବଂ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୀମାରେ ଅବସ୍ଥିତ। ଏହି ଗ୍ରାମରେ ବସବାସ କରନ୍ତି ପାଖାପାଖି ୭୦ରୁ ଊର୍ଦ୍ଧ୍ୱ ଜନଜାତି ପରିବାର। ସନ୍ଧ୍ୟା ନ ହେଉଣୁ ସୂର୍ଯ୍ୟ ଦେବତାଙ୍କ କିରଣ ଏହି ଗ୍ରାମରୁ ଉଭେଇଯାଏ। ଅନ୍ଧକାରର ବଳୟ ଭିତରୁ ଏଠାକାର ମଣିଷମାନେ ବାହାରି ତଉଲନ୍ତି ଜୀବନକୁ। ରାତି ହେଲେ ଶୁଭେ ଜଙ୍ଗଲ ଜନ୍ତୁଙ୍କ କରାଳ ଶବ୍ଦ। ଅନ୍ଧକାର ରାତିରେ ଗାଁର ଲୋକେ ବିଭିନ୍ନ ପ୍ରଜାତିର ସରୀସୃପଙ୍କ ଅକ୍ରମଣରୁ ରକ୍ଷା ପାଇବା ନିମନ୍ତେ ଉଜାଗର ରୁହନ୍ତି। ଗ୍ରାମର ଲୋକେ ପୁରୁଷାନୁକ୍ରମେ ଅଭିଶପ୍ତ ଜୀବନ ବିତାଉଛନ୍ତି। କାରଣ ଆଜି ପର୍ଯ୍ୟନ୍ତ ତାଙ୍କ ଗ୍ରାମରେ ଗୋଟିଏ ହେଲେ ମଧ୍ୟ ନଳକୂଅ ସ୍ଥାପନ ହୋଇପାରି ନାହିଁ। ଶୁଖୁଆପଟା, ପାଲବଣୀ ପାହାଡ଼ରୁ ଝରି ଯାଉଥିବା ନାଳର ପାଣି ଏବଂ ଚୁଆ ପାଣିକୁ ଏମାନେ ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରନ୍ତି। ସରକାର ପାଣି ପଞ୍ଚାୟତ ନାମରେ ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଏହି ଗ୍ରାମରେ ଗୋଟିଏ ହେଲେ ନଳକୂଅ ସ୍ଥାପନ କରାଯାଇ ନାହିଁ। ଲୋକଙ୍କୁ ମିଳୁଛି କେବଳ ପ୍ରତାରଣା। ପାନୀୟଜଳର ସୁବିଧା ପାଇବା ବୋଧହୁଏ ଏମାନଙ୍କ ଭାଗ୍ୟରେ ନାହିଁ।

ଏହି ଗ୍ରାମରେ ଆଜିପର୍ଯ୍ୟନ୍ତ ଦିନେ ହେଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼ିବା ଦେଖାଯାଇ ନାହିଁ। ଗ୍ରାମରେ ଆଜି ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗୋଟିଏ ହେଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇନାହିଁ। ଏଠାକାର ଲୋକେ ପାହାଡ଼ ଉପରେ ଏବଂ ପାହାଡ଼ର ପାଦଦେଶରେ ଆଜି ପର୍ଯ୍ୟନ୍ତ ପାରମ୍ପରିକ ଢାଞ୍ଚାରେ ଧାନ ଫସଲ ସହିତ ବିଭିନ୍ନ ଶସ୍ୟ ଚାଷ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଗ୍ରାମର କୌଣସି ଗୋଟିଏ ହେଲେ ମଧ୍ୟ ପରିବାରଙ୍କୁ ଆଜି ପର୍ଯ୍ୟନ୍ତ 'ସୌଭାଗ୍ୟ' ଯୋଜନାରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇ ପାରିନାହିଁ। ଏଠାରେ ମୋବାଇଲ୍ ନେଟ୍‌ୱର୍କ ସାତସପନ। ଗ୍ରାମରେ ୭୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହୋଇପାରି ନାହିଁ। ଛୋଟ ପିଲାମାନେ ଅଣ୍ଡା, ଛତୁଆ ଆଦି ପାଇବାରୁ ବଞ୍ଚିତ ହେଉଥିବାବେଳେ ପ୍ରାକ୍ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ପ୍ରସୂତି ମହିଳାମାନଙ୍କୁ 'ମାତୃ ବନ୍ଦନ' ଯୋଜନାରେ ଟଙ୍କା ମିଳୁ ନ ଥିବା ମଧ୍ୟ ନଜରକୁ ଆସିଛି। ଏଠାକାର ପାରମ୍ପରିକ ବନବାସୀମାନଙ୍କୁ ଆଜି ପର୍ଯ୍ୟନ୍ତ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ବଳେ ଜମିପଟ୍ଟା ପ୍ରଦାନ କରାଯାଇନାହିଁ। ଗ୍ରାମକୁ ଯିବା ପାଇଁ ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳରେ ଗ୍ରାମକୁ ଜରୁରୀ ସେବା ଆମ୍ବୁଲାନ୍ସ ଗାଡ଼ି ଯାଇପାରେ ନାହିଁ। ତେଣୁ ଗର୍ଭବତୀ ମହିଳା ଏବଂ ରୋଗୀ ଶରତ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯିବାକୁ ହେଲେ ସଙ୍ଗୀଭାର ବା ଖଟିଆ ହିଁ ଏକମାତ୍ର ଭରସା। ଏଠି ପ୍ରଶାସନ ସୁଡ଼ଙ୍ଗ ଗ୍ରାମବାସୀଙ୍କ ଜୀବନ ଓ ଭବିଷ୍ୟତ ସହିତ ଚକାଭଉଁରୀ ଖେଳୁଥିବା ଦେଖାଯାଉଛି। ଗ୍ରାମର ଗରିବ ଜନସାଧାରଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାରୁ ବଞ୍ଚିତ ହୋଇଛନ୍ତି।

ତେବେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ କପ୍ତିପଦା ବ୍ଲକ ପ୍ରଶାସନ ଏହି ସୁଡ଼ଙ୍ଗ ଗ୍ରାମକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ଏଠାରେ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଶରତ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଆସନ୍ତା ୧୫ ଦିନ ମଧ୍ୟରେ ଉକ୍ତ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଣ ଭଳି ମୌଳିକ ସୁବିଧା ଯୋଗାଇଦେବା ସହିତ ବିଦ୍ୟୁତ୍ ସେବା ନ ଯୋଗାଇଦେଲେ ହାଇକୋର୍ଟରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା ଦାୟର କରାଯିବ ବୋଲି ସାମାଜିକ କର୍ମୀ ଗାମାଏ ରାମିଲ ସିଂ ଗୋଇପାଇ ଚେତାବନୀ ଦେଇଛନ୍ତି। କପ୍ତିପଦା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ରେଶମା ଟେଟେ କହିଛନ୍ତି, ଶରତ 'ସକାଳ' ପ୍ରତିନିଧିଙ୍କ ଯୋଗେ ଆମେ ଖବର ପାଇଛୁ। ଗ୍ରାମରେ ନଳକୂଅ ସ୍ଥାପନ କରିବା ନିମନ୍ତେ ବାରିପଦା ଆର୍‌ଡବ୍ଲୁଏସ୍‌ଏସ୍ ସହିତ ଯୋଗାଯୋଗ କରି ନଳକୂଅ ଖୋଳିବା ନିମନ୍ତେ ପଦକ୍ଷେପ ଗ୍ରହଣ କରୁଛୁ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି।

## ବାଇକ୍ ଧକ୍କାରେ ମହିଳା ମୃତ

ରାଇରଙ୍ଗପୁର/ବହଳଦା, ୬।୧୨(ସମିସ): ବହଳଦା ଥାନା ଅନ୍ତର୍ଗତ ଫାଟାଟାଙ୍ଗର ଗ୍ରାମ ପାଖ ଅସନା ପୋଲ ନିକଟରେ ଦୁର୍ଘଟଣାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ତିରିଂ ଥାନା ଅନ୍ତର୍ଗତ ଜାମବଣୀ ଗ୍ରାମର ଟିଙ୍ଗିରି ବାଦ୍ରା (୫୫)। ସୂଚନା ଅନୁଯାୟୀ, ଟିଙ୍ଗିରି ତାଙ୍କ ସ୍ୱାମୀଙ୍କ ସହିତ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ଘରକୁ ଫେରୁଥିବା ସମୟରେ ପଛପଟୁ ଏକ ବାଇକ୍ ତାଙ୍କୁ ଧକ୍କା ଦେବା ଫଳରେ ସେ ଖସିପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରୁ ପୁଲିସ ଶବ ଉଦ୍ଧାର କରିବା ସହିତ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ଏକ ମାମଲା ରୁଜୁ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବନ ବିଜ୍ଞାନ ଶିକ୍ଷାର୍ଥୀଙ୍କ ଶିକ୍ଷା ପରିଭ୍ରମଣ



ମହୁଲଡିହା, ୬।୧୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବନ ବିଜ୍ଞାନ ବିଭାଗର ୨ୟ ବାର୍ଷର ଛାତ୍ରଛାତ୍ରୀ ଶିକ୍ଷା ପରିଭ୍ରମଣରେ ଆସି ଠାକୁରମୁଣ୍ଡାର ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। କୃଷି ବନୀକରଣ ବିଭାଗ ମୁଖ୍ୟ ଡ. ନିରାକାର ଭୋଳ ଗାଇଡ୍ ଶିକ୍ଷକ ଭାବେ ଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରୁଥିବା ଜଣାପଡ଼ିଛି। ଶୁକ୍ରବାର ଶିମିଳିପାଳ ବନ୍ୟପ୍ରାଣୀ ବନଖଣ୍ଡ (ଉତ୍ତର) ଅନ୍ତର୍ଗତ ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ପରିଦର୍ଶନ କରିବା ସହିତ ଟସର ଓ ରେଶମ କାର୍ଯ୍ୟାଳୟ ବୁଲି ଆଲୋଚନା କରିଥିଲେ। ଆଲୋଚନା ସମୟରେ ସହକାରୀ ରେଶମ ଶିଳ୍ପ ନିର୍ଦ୍ଦେଶକ ନିରଞ୍ଜନ ମଲ୍ଲିକ, ସମ୍ପାଦକ ପ୍ରଦୀପ ପ୍ରଧାନ, ଚାଷୀ, ବୋର୍ଡ ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ପରେ ଛାତ୍ରଛାତ୍ରୀମାନେ ଯଶିପୁର ଦେଇ ଶିମିଳିପାଳ ଅଭିମୁଖେ ଯାତ୍ରା କରିଥିବା କହିଛନ୍ତି।

### ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

## ୧୦୦ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ



ବାରିପଦା, ୬।୧୨(ସମିସ): କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟାଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ-୨୦୨୫ ପାଳିତ ହୋଇଛି। ଜିଲ୍ଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟା ଓ ଯଶିପୁରର ମିଳିତ ସହଭାଗିତାରେ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ସଭାପତିତ୍ୱ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କୃଷି ପାଇଁ ରାସାୟନିକ ସାରର କମ୍ ପ୍ରୟୋଗ ଓ ପ୍ଲାଷ୍ଟିକ୍ ବର୍ଜନ ଉପରେ ଗୁରୁତ୍ୱ ଦେଲେ ହିଁ ବାସ୍ତବରେ ମୃତ୍ତିକା ଉର୍ବର ହୋଇପାରିବ ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଦିବସର ବିଷୟବସ୍ତୁ 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା' ସମ୍ପର୍କରେ ଆଲୋଚନା କରି ପରିବେଶକୁ ସୁସ୍ଥ ଓ ପବିତ୍ର ରଖିବା ପାଇଁ ବ୍ୟାପକ ବୃକ୍ଷରୋପଣ କରିବାକୁ ମତପୋଷଣ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ୪୯ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ଏଡିଓ ବାଙ୍ଗିରିପୋଷି ସୌଭାଗ୍ୟ କୁମାର ମହାନ୍ତି, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ସଭାରେ ମଞ୍ଚାସୀନ ରହି ମୃତ୍ତିକା ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ଜିଲ୍ଲାର ୧୦ଟି ବ୍ଲକର ସମୁଦାୟ ୧୦୦ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ସେହିପରି ବୈଷୟିକ ଅଧିବେଶନ କାଳରେ ବୈଜ୍ଞାନିକ ଡ. ଜ୍ୟୋତି ପ୍ରକାଶ ମିଶ୍ର ମୃତ୍ତିକାର ଉର୍ବରତା ଓ କୃଷିର ଉନ୍ନତି ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବରିଷ୍ଠ ବୈଜ୍ଞାନିକ ସଙ୍ଘମିତ୍ରା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ର ଯଶିପୁରର ବରିଷ୍ଠ ବୈଜ୍ଞାନିକ ଡ. ଦୀପକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୃତ୍ତିକା ରସାୟନ ବିଭାଗ ଏଡିଏ ଅର୍ଚ୍ଚନା ବଳ, ସହକାରୀ କୃଷି ଅଧିକାରୀ ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରୋମିଓ ରଞ୍ଜନ ମହାନ୍ତ ଓ କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟା ଓ ମୃତ୍ତିକା ରସାୟନ ବିଭାଗ ବାରିପଦାର ସମସ୍ତ କର୍ମଚାରୀ ସକ୍ରିୟ ଭୂମିକା ନେଇଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ସଚେତନତା ଶିବିର

ବେତନଟୀ, ୬।୧୨(ସମିସ): ବେତନଟୀର ଗରୁଡ଼ବସାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ 'ଗୁଡ୍ ଟଚ୍ ଓ ବ୍ୟାଡ୍ ଟଚ୍' ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ରୋଟାରୀ କ୍ଲବ୍‌ର ସଭାପତି ଗିରିଧାରୀ ସାହୁ ସଭାପତିତ୍ୱ ଓ ସମ୍ପାଦକ ରବୀନ୍ଦ୍ରନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରାୟ ୩୫୦ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋକ୍ସୋ ଆଇନ ସମ୍ପର୍କରେ, କିଏ କେଉଁ ଉଦ୍ଦେଶ୍ୟରେ ତୁମ ସହ ସମ୍ପର୍କ ରକ୍ଷା ରଖୁଛି, କେଉଁଟା ଅନିଚ୍ଛାକୃତ ସମ୍ପର୍କ ଆଉ କେଉଁଟା ସହମତିଭିତ୍ତିକ ସେ ସମ୍ବନ୍ଧରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ଦେଇଥିଲେ ରବିଶଙ୍କରଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରବକ୍ତା କୌଶିକ ସାହୁ। ଏତଦ୍‌ବ୍ୟତୀତ ସହନଶୀଳତା, ସଦାଚାର, ଉତ୍ତମ ବ୍ୟବହାର ବିଷୟରେ ଛାତ୍ରଛାତ୍ରୀଗଣଙ୍କୁ ସଚେତନ କରାଯାଇଥିଲା। ବିଶେଷ ଅତିଥିଭାବେ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତୁଷାରକାନ୍ତ ମହାପାତ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ବେହୁରିଆ ସହଯୋଗ କରିଥିଲେ ଓ ରୋଟାରିଆନ ସୁନୀଲ କୁମାର ଖଣ୍ଡେଲୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୬।୧୧(ସମିସ): ନିକଟରେ ଶ୍ରୀଲଙ୍କାର କଲମ୍ବୋଠାରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତୀୟ ଟିମ୍ ନେପାଳକୁ ହରାଇ ବିଶ୍ୱବିଜୟୀ ହୋଇଛି। ବିଜେତା ଦଳରେ ମୟୂରଭଞ୍ଜ ମାଟିର ତିନି ସୁକନ୍ୟା ଯମୁନାରାଣୀ ଟୁଡୁ, ବାସନ୍ତୀ ହାଁସଦା ଓ ପାର୍ବତୀ ମାର୍ଣ୍ଡି ପ୍ରତିନିଧିତ୍ୱ କରିଥିଲେ। ଶୁକ୍ରବାର ନିଜ ଜନ୍ମମାଟିକୁ ଫେରିବା ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ୍ ନାୟକ ସେମାନଙ୍କୁ ପୋଡ଼ାଅସ୍ତିଆସ୍ଥିତ ବିର୍ସାମୁଣ୍ଡା ଛକ ନିକଟରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାସହ ସେମାନଙ୍କୁ ପୁଷ୍ପ ସଜ୍ଜିତ ଖୋଲା ଜିପ୍‌ରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷକୁ ପାଛୋଟି ନେଇଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ବିଜୟୀ ଦଳର ଖେଳାଳିମାନଙ୍କୁ ସମ୍ମାନିତ କରିବାକୁ ସମ୍ମିଳନୀ କକ୍ଷଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ତିନି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିଜର କଠିନ ସାଧନ ଓ ଅଭ୍ୟାସ ବଳରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରି ବିଜୟ ଆଣିଥିବାରୁ ଜିଲ୍ଲାପାଳ ସେମାନଙ୍କୁ ଉଚ୍ଚ ପ୍ରଶଂସା କରି ଆମ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ। ଏହାସହ ଜିଲ୍ଲା ପ୍ରଶାସନ ତରଫରୁ ସେମାନଙ୍କ ଖେଳର ବିକାଶ ନିମନ୍ତେ ଆନୁଷଙ୍ଗିକ ସୁବିଧାସୁଯୋଗ ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ତିନି ଖେଳାଳି ସେମାନଙ୍କ ଅନୁଭୂତି ସମ୍ପର୍କରେ ବଖାଣିଥିଲେ।

ସୂଚନା ଥାଉକି, ଦ୍ରୁତ ବୋଲର ଭାବେ ଯମୁନାରାଣୀ ଟୁଡୁ, ଅଲ୍ ରାଉଣ୍ଡର ଭାବେ ବାସନ୍ତୀ ହାଁସଦା, ୱିକେଟ୍ କିପର ଭାବେ ପାର୍ବତୀ ମାରାଣ୍ଡି ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଅନୁଷ୍ଠିତ ଉକ୍ତ ସଭାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଣଜିତ୍ ସୋରେନ୍, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଖୁଣ୍ଟା ବ୍ଲକର ଜନ ପ୍ରତିନିଧିଗଣ ଓ ଖେଳାଳିଙ୍କ ପରିବାର ଏବଂ ବନ୍ଧୁ ପରିଜନ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବାରିପଦାକୁ 'ସମୃଦ୍ଧ ସହର' ଯୋଜନାରେ ସାମିଲ୍ ପାଇଁ ସାଂସଦଙ୍କ ଦାବି

ବାରିପଦା, ୬।୧୨(ସମିସ): ଓଡ଼ିଶାରେ 'ସମୃଦ୍ଧ ସହର' କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରାଯାଉଥିବାରୁ ରାଜ୍ୟସଭା ସାଂସଦ ମମତା ମହାନ୍ତ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମୃଦ୍ଧ ସହର ଯୋଜନାରେ ଓଡ଼ିଶାର ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଜୟପୁର, କୋରାପୁଟ, ସୁନାବେଡ଼ା, ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ପୁରୀ, ଭୁବନେଶ୍ୱର, ପାରାଦ୍ୱୀପ, କଟକ ଆଦି ସହରକୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଓଡ଼ିଶାର ସବୁଠାରୁ ବୃହତ୍ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସଦରମହକୁମା ବାରିପଦା ସହରକୁ ଏଥିରେ ସ୍ଥାନ ଦିଆଯାଇ ନ ଥିବାରୁ ଶ୍ରୀମତୀ ମହାନ୍ତ ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପତ୍ର ସଂଖ୍ୟା ୩୫/୫.୧୨.୨୦୨୫ରେ ବାରିପଦା ସହରକୁ ସମୃଦ୍ଧ ସହର କେନ୍ଦ୍ରୀୟ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଉକ୍ତ ପତ୍ରର ଏକ ନକଲ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦେଇ ବିହୀତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଛନ୍ତି। ସାଂସଦ ମମତାଙ୍କର ଏଭଳି ପ୍ରସ୍ତାବକୁ ଆଇନଜୀବୀ କମଳାକାନ୍ତ ଦାସ, ଶିକ୍ଷାବିତ୍ ଡ. ଶ୍ୟାମସୁନ୍ଦର ଦାସ, ଡ. ପୁଷ୍ପା ପାତ୍ର, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଓ ବିଜେପି ରାଜ୍ୟ କାର୍ଯ୍ୟକାରିଣୀର ବରିଷ୍ଠ ସଦସ୍ୟ ତଥା ଓଡ଼ିଶା ଓକିଲ ସଙ୍ଘର କୋ-ଚେୟାରମ୍ୟାନ୍ ଜୀବନ କୁମାର ସାହୁ ପ୍ରମୁଖ ସ୍ୱାଗତ କରିବା ସହିତ ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମୃଦ୍ଧ ସହର କେନ୍ଦ୍ରୀୟ ଯୋଜନାରେ ବାରିପଦା ସହରକୁ ଅନ୍ତର୍ଭୁକ୍ତ କରିବାକୁ ଦୃଢ଼ ଦାବି କରିଛନ୍ତି।

## ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

ରାସଗୋବିନ୍ଦପୁର, ୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଦେବଶୂଳ ପଞ୍ଚାୟତ ଅଧୀନସ୍ଥ ରଙ୍ଗମାଟିଆ ଗ୍ରାମ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ଡାଇରେକ୍ଟର ଡ. ଆଦିତ୍ୟ ପଟ୍ଟନାୟକଙ୍କ ଆବାହକତ୍ୱରେ ରୌପ୍ୟ ଜୟନ୍ତୀର ଦ୍ୱିତୀୟ ପ୍ରସ୍ତୁତି ବୈଠକ ମହାତ୍ମା ଗାନ୍ଧୀ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗାନ୍ଧୀ, ଗୋପବନ୍ଧୁ, ସନ୍ଥ ବିନୋବାଭାବେ ଏବଂ ସମାଜ ସଂସ୍କାରକ ଜୟପ୍ରକାଶ ନାରାୟଣଙ୍କ ନୀତି ଆଦର୍ଶକୁ ପାଥେୟ କରି ଦୀର୍ଘ ୪୩ ବର୍ଷର ଅନ୍ତ୍ୟୋଦୟ ଚେତନା ମଣ୍ଡଳ ସାରା ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଥିବା ଆଦିବାସୀ ଅଧ୍ୟୁଷିତ ବଣ ଜଙ୍ଗଲ ଘେରା ଅଞ୍ଚଳରେ ରହୁଥିବା ଅସୁସ୍ଥ ଅସହାୟ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକଙ୍କୁ ସେବା ଯୋଗାଇ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ୍ କରାଇଛି। ସେହି ନୀତିଆଦର୍ଶକୁ ପାଥେୟ କରି ଆଜି ବିଶ୍ୱ ଅନ୍ଧତ୍ୱ ଦୂରୀକରଣ ନିମନ୍ତେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ପରିକଳ୍ପନାକୁ ବାସ୍ତବ ରୂପ ଦେଇପାରିଛି। ଏହି ଚିକିତ୍ସାଳୟ ମାଧ୍ୟମରେ କେବଳ ଉତ୍ତର ଓଡ଼ିଶା ନୁହେଁ, ପଡ଼ୋଶୀ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ଜନସାଧାରଣଙ୍କୁ ଉନ୍ନତମାନର ଚକ୍ଷୁ ଚିକିତ୍ସା ଦୀର୍ଘ ୨୫ ବର୍ଷ ଧରି ନିଷ୍ଠାପର ଓ ନିରନ୍ତର ସେବା ଯୋଗାଇଦେଇ ଉପକୃତ କରାଇପାରିଛି। ଏହି ଅବସରରେ ଆସନ୍ତା ୨୮ ତାରିଖରେ ଏହାର ରୌପ୍ୟ ଜୟନ୍ତୀ ପାଳନ କରିବା ସହିତ ଅନ୍ତ୍ୟୋଦୟ ଚେତନା ମଣ୍ଡଳର ୪୩ତମ ଉତ୍ସବ ୨୯ ତାରିଖରେ ବହୁ ଆଡ଼ମ୍ବର ସହକାରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚକ୍ଷୁ ଚିକିତ୍ସାଳୟର ନିର୍ଦ୍ଦେଶକ ଡା. ଆଦିତ୍ୟ ପଟ୍ଟନାୟକ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ବସନ୍ତ କୁମାର ମହାନ୍ତ, କାର୍ଯ୍ୟକାରିଣୀ ସଦସ୍ୟା ଗୀତାଞ୍ଜଳି ପଟ୍ଟନାୟକ, ତପନ ମିଶ୍ର, ପୁଷ୍ପାଞ୍ଜଳି, ସର୍ବେଶ୍ୱର, ନୀଳାଦ୍ରି, ଯାଜ୍ଞସେନୀ, ଅଲିଭା, ସ୍ୱାଧୀନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଗୀତାଞ୍ଜଳି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାନୁଆରୀ ୨୩ରୁ ମୟୂରଭଞ୍ଜ ପୁସ୍ତକ ମେଳା



ବାରିପଦା, ୬।୧୨(ସମିସ): ମୟୂରଭଞ୍ଜ ପୁସ୍ତକ ମେଳା ଆସନ୍ତା ଜାନୁଆରୀ ୨୩ ତାରିଖ ନେତାଜୀଙ୍କ ଜୟନ୍ତୀରୁ ଆରମ୍ଭ ହେବ ବୋଲି ଆୟୋଜକ କମିଟି ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଛି। ସ୍ଥାନୀୟ ମହର୍ଷି ପବ୍ଲିକ୍ ସ୍କୁଲ୍ ସଭାଗୃହରେ ଅନୁଷ୍ଠିତ ପୁସ୍ତକ ମେଳା ପ୍ରସ୍ତୁତି ବୈଠକ ଓ ସାଧାରଣ ପରିଷଦ ସଭା ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଇଂ.ମନୋଜ କୁମାର ଦଳବେହେରା ବୈଠକରେ ବିସ୍ତୃତ ବିଚାରବିମର୍ଶ ଏବଂ ଆଲୋଚନା ପାଇଁ ଆଗାମୀ ମେଳା ଆୟୋଜନର ସମ୍ଭାବ୍ୟ ତାରିଖ ଓ ରୂପରେଖ ଇତ୍ୟାଦି ଉପସ୍ଥାପନ କରିଥିଲେ। ମେଳାରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ତଥା ସାଂସ୍କୃତିକ ଓ ସାହିତ୍ୟ ଆଦି କାର୍ଯ୍ୟକ୍ରମ ଆଗାମୀ ଜାନୁଆରୀ ୨୩ରୁ ଆରମ୍ଭ ହୋଇ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ୧୦ ଦିନବ୍ୟାପୀ ମେଳା ଆୟୋଜନ ହେବ। ମେଳା ଆୟୋଜନର ଖର୍ଚ୍ଚ ଅଟକଳ ଉପସ୍ଥାପନ କରିଥିଲେ କୋଷାଧ୍ୟକ୍ଷ କୈବଲ୍ୟ ପ୍ରସାଦ ମହାପାତ୍ର। ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ସର୍ବଶ୍ରୀ ପ୍ରାଧ୍ୟାପକ ସନ୍ଦୀପ କୁମାର ଚାନ୍ଦ, ଅଜୟ ପାଳ, ଦୀପକ ଦଣ୍ଡପାଟ, ପ୍ରଦୀପ ଭୂୟାଁ, ଗୋପାଳ ଚନ୍ଦ୍ର ସାଓ, ଅଧ୍ୟାପକ ସମରେନ୍ଦ୍ର କୁମାର ବଶା, ସୁଶ୍ରୀ କାବେରୀ ମିଶ୍ର, ଅଧ୍ୟାପକ ସ୍ୱରୂପାନନ୍ଦ ବିଷୋୟୀ, ବିଶେଶ୍ୱର ଦ୍ୱିବେଦୀ, ଅଧ୍ୟାପିକା ଗାୟତ୍ରୀ ଦେ, ଭାସ୍ୱତୀ ପଣ୍ଡା, ପ୍ରାଧ୍ୟାପକ ଶ୍ରୀନିବାସ ଭଞ୍ଜ, ଅଶୋକ କୁମାର କର, ସୁସ୍ମିତା ଘୋଷାଲ, ଡ. ସରୋଜ କୁମାର ନାୟକ ଓ ଜଗନ୍ନାଥ ସାହୁ ପ୍ରମୁଖ। ବରିଷ୍ଠ ସଦସ୍ୟା ବାସନ୍ତୀ ଲତା ମହାପାତ୍ର ଏବଂ ସଦସ୍ୟ ଶିଉଲାଲ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ଶଶିଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ମୟୂରଭଞ୍ଜରେ ଭୁଶୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା

# ସମାଧାନ ନ ହେଲେ ଆନ୍ଦୋଳନ କରିବ ଜେଏମ୍ଏମ୍



ବାରିପଦା, ୬।୧୨(ସମିସ): ମୟୂରଭଞ୍ଜ ଏକ ବୃହତ୍ ଆଦିବାସୀ ବହୁଳ ଜିଲ୍ଲା। ଏହି ଜିଲ୍ଲାର ଆଦିବାସୀ ଏବଂ ଅଧିବାସୀମାନେ ଉନ୍ନତଧରଣର ଚିକିତ୍ସା ନିମନ୍ତେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ତଥା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ଆସିଥାନ୍ତି। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଉତ୍ତର ଓଡ଼ିଶାର ଏକ ବୃହତ୍ ମେଡିକାଲ କଲେଜରେ ରୋଗୀମାନଙ୍କୁ ଚିକିତ୍ସା କରିବା ନିମନ୍ତେ ଆବଶ୍ୟକ ଚିକିତ୍ସକ ନାହାନ୍ତି। ଯାହାଫଳରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ସାଧାରଣ ଗରିବ ଜନତା ଉନ୍ନତ ଚିକିତ୍ସା ନିମନ୍ତେ ନାହିଁ ନ ଥିବାର ସାମ୍ମୁଖୀନ ହେଉଛନ୍ତି। ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟର ଏଭଳି ଅବସ୍ଥାକୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଉପଲବ୍ଧି କରି ଜିଲ୍ଲାର ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶରେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାର ପିଆର୍‌ଏମ୍ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କ ଜରିଆରେ ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଜିଲ୍ଲା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଲିଖିତ ଭାବେ ଦିଆଯାଇଥିବା ଦାବିଗୁଡ଼ିକ ମଧ୍ୟରେ ମେଡିକାଲ କଲେଜର ୮ ବର୍ଷ ବିତିଯାଇଥିଲେ ମଧ୍ୟ ଡାକ୍ତରଙ୍କ ପଦ ଖାଲି ପଡ଼ିଛି। ରୋଗୀମାନଙ୍କର ସଠିକ୍ ରୋଗ ନିରୂପଣ ନ କରି ଡାକ୍ତରମାନେ ବିଭିନ୍ନ ଆଳ ଦେଖାଇ ରାଜ୍ୟ ବଡ଼ ମେଡିକାଲ କଟକକୁ ସ୍ଥାନାନ୍ତର କରିବା, ଅଲ୍‌ଟ୍ରାସାଉଣ୍ଡ କରିବା ନିମନ୍ତେ ୩ମାସ ଧରି ଅପେକ୍ଷା କରିବା, ଏଣ୍ଡୋସ୍କପି ଥାଇ ମଧ୍ୟ ପରୀକ୍ଷା କରାଯାଉ ନାହିଁ। ରୋଗୀଙ୍କୁ ନେବାଆଣିବା ନିମନ୍ତେ ବ୍ୟାଟେରିଚାଳିତ ଗାଡ଼ିଗୁଡ଼ିକର ଅଚଳାବସ୍ଥା ସହିତ ଷ୍ଟ୍ରେଚର, ହୁଇଲ୍ ଚେୟାରର ଅଭାବ ପରିଲକ୍ଷିତ ହେବା ସଙ୍ଗେ ସଙ୍ଗେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା- ସ୍ନାୟୁରୋଗ, ହୃଦ୍‌ରୋଗ, କିଡ୍‌ନୀ ରୋଗ ଓ ରକ୍ତ ବିଜ୍ଞାନ ବିଭାଗ ନ ଖୋଲିବା ଏବଂ ଡାକ୍ତରଙ୍କର ପଦ ସବୁ ଖାଲିପଡ଼ିଥିବାରୁ ଦୂରଦୂରାନ୍ତରୁ ଆସିଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ବାହାରକୁ ଚିକିତ୍ସା ନିମନ୍ତେ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଏହାକୁ ଦେଖି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଦଳ ସଦସ୍ୟମାନେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟରେ ଚାଲିଥିବା ଡବଲ ଇଞ୍ଜିନ୍ ସରକାରଙ୍କ ଉପରେ ବର୍ଷିଥିଲେ। ଜିଲ୍ଲାରେ ସମସ୍ତ ଶାସକ ବିଜେପି ଦଳର ବିଧାୟକ, ସାଂସଦ ଏବଂ ମନ୍ତ୍ରୀ ଥାଇ ମଧ୍ୟ ଏପରି ଅବହେଳା ତାଙ୍କର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୋକମାନଙ୍କୁ ଭୁଆଁ ବୁଲେଇ ସରକାର ଗଠନ କରିଥିବା ବିଜେପି ଦଳକୁ ଏହାପରେ ଉଚିତ୍ ଜବାବ ଦେବାକୁ ପଡ଼ିବ ବୋଲି ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ। ତତ୍‌ସହିତ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ସବୁ ଖାଲି ପଡ଼ିଥିବା ପଦଗୁଡ଼ିକ ପୂରଣ କରିବା ସହିତ ପିଆର୍‌ଏମ୍ ମେଡିକାଲ କଲେଜର ଅସୁବିଧାଗୁଡ଼ିକ ସବୁ ଦୂର ନ କଲେ ରାଜ୍ୟ ସରକାର ସହିତ ଜିଲ୍ଲା ପ୍ରଶାସନ ବିରୋଧରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଦଳ ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ବରିଷ୍ଠ ନେତା ଦିବାକର ସୋରେନ୍, ବାରିପଦା ସହର ସଭାପତି ତରେନ୍ ସେନାପତି, ସୁଜିତ୍ ବେହେରା, ଯୁବ ନେତା ଅଭିଷେକ ଦଣ୍ଡପାଟ, ଦୀପକ ଗିରି, ବିକି ପଲେଇ, ବିଶ୍ୱନାଥ ରାୟ ଓ ବାରିପଦା ବ୍ଲକ ସଭାପତି ପାରନ ସୋରେନ୍ ପ୍ରମୁଖ ଯୋଗଦେଇଥିଲେ।

# ଭୁଶୁଡ଼ିଗଲା ବରବେଡ଼ା କୁକୁରିଆ ନାଳ ସେତୁ

## ରାଇପାଳ-କଣ୍ଟିପାଳ ରାସ୍ତା ବିଚ୍ଛିନ୍ନ

ଆନନ୍ଦପୁର, ୬।୧୨ (ସମିସ): ଆନନ୍ଦପୁର ବ୍ଲକ ତରତରା କଣ୍ଟିପାଳ ରାସ୍ତାର ବରବେଡ଼ାଠାରେ କୁକୁରିଆ ନାଳ ସେତୁ ଆଜି ଭୁଶୁଡ଼ି ପଡ଼ିଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ପୁରାତନ ସେତୁ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ଗତ ସେପ୍ଟେମ୍ବର ଲଗାଣ ବର୍ଷାରେ ବିପଦସଂକୁଳ ହୋଇପଡିଥିଲା। ଏନେଇ ଅଞ୍ଚଳବାସୀ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇ ନଥିଲା। ପୂର୍ବପରି ସେହି ସେତୁରେ ଯାତାୟାତ ହେଉଥିଲା। କଣ୍ଟିପାଳ ତରତରା ସମେତ ପ୍ରାୟ ୭ଟି ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଏହି ସେତୁ ଦବିଯାଇଥିଲା। ପରେ ଏହି ରାସ୍ତା ଏବେ ସାଧାରଣ ଲୋକଙ୍କ ଯାତାୟତ ପାଇଁ ବାଧକ ସାଜିଥିଲା। ଦବିଯାଇଥିବା ଏହି ସେତୁର ଦୁଇ ପାର୍ଶ୍ୱରେ ସତର୍କ ସୂଚନା ଦେବା ସହ ଖୁବଶୀଘ୍ର ଏହି ସେତୁକୁ ମରାମତି କରିବା ପାଇଁ ବିହିତ ପଦେକ୍ଷପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# କଣ୍ଟିପାଳ ସରପଞ୍ଚଙ୍କ ହାଇକୋର୍ଟ ଆବେଦନ ଖାରଜ



ଆନନ୍ଦପୁର, ୬।୧୨ (ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ସରପଞ୍ଚ ପଦ୍ମିନୀ ନାୟକଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସଙ୍ଗରେ ହୋଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଅନାସ୍ଥା ନୋଟିସକୁ ବେଆଇନ ଦର୍ଶାଇ ସରପଞ୍ଚ ଶ୍ରୀମତୀ ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ଡିସେମ୍ବର ୩ରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଦ୍ୱାରା ନଭେମ୍ବର ୧୩ ତାରିଖରେ ନୋଟିସ ଜାରି କରାଯାଇଥିଲା। ଏହି ନୋଟିସକୁ ବେଆଇନ ଦର୍ଶାଇ କଣ୍ଟିପାଳ ସରପଞ୍ଚ ପଦ୍ମିନୀ ନାୟକ ହାଇକୋର୍ଟରେ ଏକ ରିଟ୍ ପିଟିସନ୍ ଦାଖଲ କରିଥିଲେ। ଉପଜିଲ୍ଲାପାଳଙ୍କ ନୋଟିସ ଅବୈଧ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଏଥିରେ କୌଣସି ବେଆଇନ କାର୍ଯ୍ୟ ହୋଇନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ସରକାରୀ ଓକିଲ ଯୁକ୍ତି ବାଢ଼ିଥିଲେ। ଏ ସମ୍ପର୍କରେ କୌଣସି ବେଆଇନ କାର୍ଯ୍ୟ ହୋଇନାହିଁ ବୋଲି ହାଇକୋର୍ଟ ପ୍ରକାଶ କରିବା ସହ ସରପଞ୍ଚଙ୍କ ଦ୍ୱାରା ଆଗତ ମାମଲାକୁ ବିଚାରପତି ଖାରଜ କରିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଡିସେମ୍ବର ୧୯ ତାରିଖରେ ଅନାସ୍ଥା ପାଇଁ ବୈଠକ କରିବାକୁ ଉପଜିଲ୍ଲାପାଳ ଗତ ୩ ତାରିଖରେ ସାନି ନୋଟିସ ଜାରି କରିଛନ୍ତି। ଆଜି ହାଇକୋର୍ଟଙ୍କ ରାୟ ଆସିବା ପରେ କଣ୍ଟିପାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ସତ୍ୟାଗ୍ରହକୁ ୧୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଆନ୍ଦୋଳନକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଗୋଷ୍ଠୀଭିତ୍ତିକ ଶୌଚାଳୟ ଲୋକାର୍ପିତ



ଆନନ୍ଦପୁର, ୬।୧୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡିହା ପଞ୍ଚାୟତ ପଦନପୁର ଓ ଦେଓଗାଁ ପଞ୍ଚାୟତ କଲ୍ୟାଣୀ ମଣ୍ଡପ ନିକଟରେ ବିଶ୍ୱ ଶୌଚାଳୟ ପକ୍ଷ ଅବସରରେ ଦୁଇଟି ପଞ୍ଚାୟତରେ ଗୋଷ୍ଠୀଭିତ୍ତିକ ଶୌଚାଳୟ ଲୋକଙ୍କ ସୁବିଧା ନିମନ୍ତେ ଘସିପୁରା ବିଡିଓ ବିନିତା ବିଜୟିନୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଭଣ୍ଡାରିଡିହା ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ କୁମାର ସାହୁ, ଗୋଷ୍ଠୀ ପରିମଳ ସଂଯୋଜକ ରଶ୍ମିରଞ୍ଜନ ନାୟକ, ହିସାବରକ୍ଷକ ପ୍ରକାଶ ବେହେରା, ସହାୟକ ଯନ୍ତ୍ରୀ ସସ୍ମିତା ହେମ୍ବ୍ରମ, ମୁର୍ମୁମୟ ରାଉତରାୟ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ବାହାରେ ମଳତ୍ୟାଗ ନ କରିବା ପାଇଁ ସଚେତନ କରାଯାଇଥିଲା। ଏଥିସହ ଭଣ୍ଡାରୀଡିହା ବାଳିକା ଉଚ୍ଚବିଦ୍ୟାଳୟରେ ଛାତ୍ରୀଙ୍କ ମଧ୍ୟରେ ସଚେତନତା ଉଦ୍ଦେଶ୍ୟରେ ସ୍ୱଚ୍ଛତା ଉପରେ ଏକ ଲିଖିତ ପରୀକ୍ଷା କରାଇଥିଲା। ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରକ୍ତଦାନ ଶିବିର: ୩୧ ୟୁନିଟ୍ ସଂଗ୍ରହ




ଆନନ୍ଦପୁର, ୬।୧୨ (ସମିସ): ଆନନ୍ଦପୁର ଏଚଡିଏଫସି ବ୍ୟାଙ୍କ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ଉତ୍ତମ ଧଳଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରୁ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଅମର ବେହେରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କର୍ମଚାରୀ ସୁଦର୍ଶନ ବେହେରା, ରମାନାଥ ମହାନ୍ତି, ଅଶୋକ ସୁର, ପୂର୍ଣ୍ଣଚନ୍ଦ୍ର ମାଝୀ ରକ୍ତ ସଂଗ୍ରହ କରିଥିଲେ। ବ୍ୟାଙ୍କ ପରିଚାଳନା ମୁଖ୍ୟ ସଂଜୀବ ସାହୁ, ନୀଳମଣି ସିଂହ, ଭରତ ବରାଳ, ପ୍ରଭାତ ପ୍ରଧାନ, ଶତ୍ରୁଘ୍ନ ବେହେରା, ଜ୍ଞାନରଂଜନ ଜେନା ଶିବିର ପରିଚାଳନା କରିଥିଲେ।

# ନିର୍ବାଚନମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ




ଚମ୍ପୁଆ, ୬।୧୨(ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚିମିଳା ମିନିଷ୍ଟାଡିୟମଠାରେ ଚମ୍ପୁଆ ନିର୍ବାଚନମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସାଂସଦ ଅନନ୍ତ ନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଖେଳାଳିଙ୍କ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ବିକସିତ ଭାରତ ପାଇଁ ସୁସ୍ଥ ଯୁବକ ପରିପ୍ରେକ୍ଷୀରେ କ୍ରୀଡ଼ାର ଅଭିବୃଦ୍ଧି ସହିତ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହାରାଞ୍ଚଳରେ ଲୁଚିଯାଉଥିବା ଖେଳ ପ୍ରତିଭାର ଅନ୍ୱେଷଣ ଲକ୍ଷ୍ୟ ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ୨୫୦ରୁ ଅଧିକ ଖେଳାଳି ଯୋଗ ଦେଇଛନ୍ତି। ୨୪ଜଣ ଖେଳ ଶିକ୍ଷକ ସାମିଲ ଅଛନ୍ତି। ପୂର୍ବରୁ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀ ଏଥିରେ ଭାଗ ନେଇଥିବା ବେଳେ ସଫଳ ପ୍ରତିଯୋଗୀ ଲୋକସଭାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ସାଂସଦ ଶ୍ରୀ ନାୟକ ପ୍ରଥମେ ଫୁଟବଲ ମାରି ମହିଳା ଫୁଟବଲ ପ୍ରତିଯୋଗିତା ଶୁଭାରମ୍ଭର ଘୋଷଣା କରିଥିଲେ। ବରିଷ୍ଠ ବିଜେପି ନେତା ରମେଶଚନ୍ଦ୍ର ପ୍ରଧାନ, ଜିଲା କୋଡିନେଟର ବିରେନ୍ଦ୍ର ମହାନ୍ତ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ପଦୋନ୍ନତି ପାଇଲେ ୧୦୪ ପୁରୁଷ ସ୍ୱାସ୍ଥ୍ୟକର୍ମୀ



କେନ୍ଦୁଝର, ୬।୧୨(ସମିସ): ଦୀର୍ଘ ଦିନରୁ ଗ୍ରାମାଞ୍ଚଳରେ ତୃଣମୂଳ ସ୍ତରରେ ଲୋକମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା କେନ୍ଦୁଝର ଜିଲ୍ଲାର ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି ହୋଇଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ୧୦୪ ଜଣ କର୍ମଚାରୀ ଏହି ପଦୋନ୍ନତି ପାଇଛନ୍ତି। ଗତ ଡିସେମ୍ବର ୪ରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଥିବା ଲେକ୍‌ଚର ହଲ୍‌ରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ୧୦୪ ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି ଦିଆଯାଇଛି। ଲେବେଲ ୨ରୁ ଲେବେଲ ୧କୁ ପଦୋନ୍ନତି ପାଇଥିବା ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବିନୋଦ ବିହାରୀ ମିଶ୍ର, ଡିପିଏଚଓ ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଏଡିପିଏଚଓ ଡା.ବସନ୍ତ ପାତ୍ର, ଏଡିପିଏଚଓ (ଭିବିଡି) ଡା.ପୁଷ୍ପା ରାଣୀ ପଟ୍ଟନାୟକଙ୍କୁ ଏହି ପଦକ୍ଷେପ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି। ସଂଘ ଅଧ୍ୟକ୍ଷ ଜଗବନ୍ଧୁ ପାତ୍ର, ପ୍ରଶାନ୍ତ କୁମାର ପଲେଇ, ଜୟଦେବ ଜେନା, ବୈକୁଣ୍ଠ ମହାନ୍ତ ଓ ଲକ୍ଷ୍ମୀକାନ୍ତ ଜେନା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କେନ୍ଦୁଆପଡ଼ାରେ ଠାକୁରାଣୀ ଓଷା



ତୁରୁମୁଙ୍ଗା, ୬।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ କେନ୍ଦୁଆପଡା ଗ୍ରାମରେ ବାଲିଓଷା (ଠାକୁରାଣୀ) ପୂଜା ୭ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀ ପୁରୁଷ କାଳିସୀମାନେ ନିଷ୍ଠାର ସହ ଉପବାସ ରହି ଚାବୁକ ପ୍ରହାର ଖାଇବା, କଣ୍ଟା ପିଢ଼ାରେ ବସିବା, ସହ ରଡ ନିଆଁରେ ଚାଲିବା ଭଳି ଅଲୌକିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଦେହୁରୀ ଭାବେ ଠାକୁରାଣୀ ପୂଜା ସାଧବ ନାଏକ ପୂଜାର୍ଚ୍ଚନା କରିଥିଲେ। ଜଗଦୀଶ ନାଏକ, ଭଜମନ ନାଏକ, ଜଗବନ୍ଧୁ ନାଏକ, କଲବ ନାଏକ, ସରଜୁ ନାଏକ ପ୍ରମୁଖ କାଳିସୀ ଆସିଥିଲେ। ଶ୍ରଦ୍ଧାଳୁମାନେ ଠାକୁରାଣୀଙ୍କଠାରେ ପାଖରେ ନଡ଼ିଆ, କଦଳୀ, ସେଓ, ଅଙ୍ଗୁର, ଡାଳିମ୍ବ ଆଦି ଫଳ ସହ ମୁଆଁ ଭୋଗ କରିଥିଲେ। ମାନସିକ ପୂରଣ ହୋଇଥିବା ବ୍ୟକ୍ତି କୁକୁଡ଼ା, ବୋଦା ବଳି ପକାଇଥିଲେ। ଏହା ଦେଖିବାକୁ ଆଖପାଖର ଲୋକ ରୁଣ୍ଡ ହୋଇଥିଲେ।

# ଚନ୍ଦ୍ରଶେଖର ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଚମ୍ପୁଆ, ୬।୧୨(ସମିସ): ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ୪୯ତମ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜାତୀୟ ଆଥଲେଟିକ ଖେଳାଳି ପାର୍ଥସାରଥୀ ପହି, ସମ୍ମାନିତ ଅତିଥି ଭାବରେ ୟୁନିଫାଏଡ ଜାତୀୟ ଫୁଟବଲ କୋଚ ବିରେନ୍ଦ୍ର ମହାନ୍ତ, ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର, କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଭାରତି, ପୂର୍ବତନ ଫୁଟବଲ ଖେଳାଳି ତଥା ବରିଷ୍ଠ ସାମ୍ବାଦିକ ଆବିଦ ଆନସାରି ପ୍ରମୁଖ ଯୋଗ ଦେଇଥିଲେ। ଖଳ ଅଧାପକ ଦେବାଶିଶ ମହାନ୍ତ, ଶିଶୁମନ୍ଦିରର ଖେଳ ଶିକ୍ଷକ ବସନ୍ତ ମହାନ୍ତ, ଆଦର୍ଶ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ୨ ଦିନିଆ ଏହି ପ୍ରତିଯୋଗିତାରେ ଉଭୟ +୨ ଓ +୩ ର ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଅଧାପକ ପ୍ରଶାନ୍ତ ନନ୍ଦ, ପୂର୍ଣ୍ଣଚନ୍ଦ୍ର ଗିରି, ରାଜକିଶୋର ମହାନ୍ତ, ସଚିନ କୁଲୁ, କୁନୁ ମୋହର, ଚମ୍ପେଶ୍ୱର ମିଶ୍ର ପରିଚାଳନା କରିଥିଲେ।

# ୨ ଚୋରା ବାଲି ବୋଝେଇ ହାଇୱା ଜବତ




ତୁରୁମୁଙ୍ଗା, ୬।୧୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ଫାଣ୍ଡି ପୁଲିସ ଶନିବାର ସକାଳୁ ୨୨୦ ନମ୍ବର ଜାତୀୟ ରାଜପଥର ସାହାରପଡା ପେଟ୍ରୋଲ ପମ୍ପ ନିକଟରୁ ଦୁଇ ବାଲି ବୋଝେଇ ହାଇୱାକୁ ଜବତ କରିଛି। ଦୁଇ ଗାଡ଼ିରେ ବାଲି ବୋଝେଇ କରି ମାଛଗଡ଼ ପଟରୁ ସାହାରପଡାକୁ ଆସୁଥିବା ସମୟରେ କାଗଜପତ୍ର ଯାଞ୍ଚ ସମୟରେ ବିନା କାଗଜରେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଜଣାପଡିଥିଲା। ପୁଲିସ ଓଡି୧୧ ଟି ୦୩୩୮ ଏବଂ ଓଡି୧୧ ଏଏଫ୍୦୩୩୦ ନମ୍ବର ବିଶିଷ୍ଟ ଦୁଇ ହାଇୱାକୁ ଜବତ କରି ଥାନାକୁ ଆଣିଛି। ଉଭୟ ଗାଡ଼ିର ଡ୍ରାଇଭରଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଫାଣ୍ଡି ଏସଆଇ ପାର୍ଥ ଓରାମ କହିଛନ୍ତି।

# କାଟିନେଲେ ଶହ ଶହ ଗଛ

ତୁରୁମୁଙ୍ଗା, ୬।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମଲିପଶି ବିଟ ଅନ୍ତର୍ଗତ ଏରେଣ୍ଡେଇ ବୈତରଣୀ ନଦୀକୂଳରେ ଥିବା ଗ୍ରାମ୍ୟ ଜଙ୍ଗଲ ଜମିରେ ଥିବା ୨ଶହରୁ ଅଧିକ ଆକାଶିଆ ଗଛକୁ କାଠ ମାଫିଆମାନେ କାଟି ନେଇଥିବା ଜଣାପଡିଛି। ଶନିବାର ଖବର ପାଇ ପାଟଣା ବନପାଳ ନଗେନ୍ଦ୍ର ଜେନା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବାକି ଥିବା କାଠ ଗଣ୍ଡିକୁ ଜବତ କରିଛନ୍ତି। କାଠ ମାଫିଆମାନେ ୬ ଦିନ ତଳୁ କରତରେ ଗଛ କାଟି ୪ ଟ୍ରକ୍ ଟ୍ରିପ କାଠ କାଟି ଗଚ୍ଛିତ କରିଥିବା ବେଳେ ବନ ବିଭାଗ କିପରି କୌଣସି ସୁରାକ ନପାଇ ନିରବ ଦ୍ରଷ୍ଟା ସାଜିଥିଲା ସେନେଇ ପ୍ରଶ୍ନ ଉଠିଛି।



# ଭାଲୁକା ଅଙ୍ଗନବାଡ଼ିରେ ଅସୁରକ୍ଷିତ ଟ୍ରାନ୍ସଫର୍ମର



ଆନନ୍ଦପୁର, ୬।୧୨ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଗଡ଼ବାନ୍ଦଗୋଡ଼ା ପଞ୍ଚାୟତର ଭାଲୁକା ଅଙ୍ଗନବାଡ଼ି ପରିସରରେ ଖୋଲାମେଲାରେ ଏକ ଉଚ୍ଚ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଏହାକୁ ନେଇ କୋମଳମତି ଶିଶୁଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରି ପାର୍ଶ୍ୱରେ ଅନାବନା ତୃଣଜାତୀୟ ଗଛଲତା ମାଡ଼ି କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି। ତେବେ ଅଙ୍ଗନବାଡ଼ି ପରିସରରେ ଖୋଲାମେଲା ଓ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟୁତ୍ ଟ୍ରାନଫର୍ମରକୁ ସୁରକ୍ଷା ବାଡ଼ ଲଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ତୁରୁମୁଙ୍ଗା, ୬।୧୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ଫାଣ୍ଡି ଅନ୍ତର୍ଗତ ସାହାରପଡା ମାଛଗଡ଼ ରାସ୍ତାର ପ୍ରଧାନପଡ଼ା ଜଙ୍ଗଲର ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଟ୍ରାକ୍ଟର ପଛରେ ଶୁକ୍ରବାର ରାତିରେ ଏକ ବାଇକ ଧକ୍କା ଦେବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦିଗିପଶି ଗ୍ରାମର ବିଜୟ କୁମାର ନାଏକଙ୍କ ପୁଅ ଅକ୍ଷୟ (୨୩)। ଅକ୍ଷୟ ସାହାରପଡାରୁ ଘରକୁ ବାଇକ ଯୋଗେ ଫେରୁଥିବା ସମୟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରାକ୍ଟରକୁ ପଛ ପଟ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସାହାରପଡା ଫାଣ୍ଡି ଏଏସଏଇ ପଞ୍ଚମୀ ମହାନ୍ତ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଛି ପୁଲିସ।

# ଆମ୍ବେଦକରଙ୍କ ପରିନିର୍ବାଣ ଦିବସ



ଆନନ୍ଦପୁର, ୬।୧୨ (ସମିସ): ବାବା ସାହେବ ଆମ୍ବେଦକର ସେବାସଂଘ ଆନନ୍ଦପୁର ତରଫରୁ ସମ୍ବିଧାନ ପ୍ରଣେତା ଡ ଭୀମରାଓ ରାମଜୀ ଆମ୍ବେଦକରଙ୍କ ୬୯ତମ ମହାପରିନିର୍ବାଣ ଦିବସ ପାଳନ କରାଯାଇଛି। ସୁଢ଼ୁସୁଡିଆ ବାଇପାସ୍‌ସ୍ଥିତ ଡ ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସେବାସଂଘ କାର୍ଯ୍ୟାଳୟ ବାଇଲୋଠାରେ ଅନୁଷ୍ଠିତ ସଭାରେ ସେବାସଂଘ ସଭାପତି ଚତୁର୍ଭୁଜ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା ଉତ୍ସବ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଜଣାଇଥିଲେ। ବରିଷ୍ଠ ଉପଦେଷ୍ଟା ହରିହର ଦାସ, ବିଦେଶୀ ଚରଣ ଜେନା, ଉପଦେଷ୍ଟା ଚିତ୍ତରଞ୍ଜନ ଜେନା, ଅଭିମନ୍ୟୁ ଜେନା, ଉପସଭାପତି ପ୍ରାଣନାଥ ଜେନା ଏବଂ ଶ୍ରୀକାନ୍ତ ଜେନା, ସହସାଧାରଣ ସମ୍ପାଦକ ସୁରେଶ ଜେନା, କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ଜେନା, କାର୍ଯ୍ୟକର୍ତ୍ତା ଗଣେଶ ପ୍ରସାଦ ଜେନା, ନରେନ୍ଦ୍ର ମଲ୍ଲିକ ବକ୍ତବ୍ୟ ରଖିଥିଲେ। ସେବାସଂଘ ତରଫରୁ ସନ୍ୟାସୀ ଚରଣ ଜେନା, ପଦ୍ମନାଭ ଜେନା, କୋଇଲି ଜେନାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସ୍ୱର୍ଗତ ସୁରେନ୍ଦ୍ରନାଥ ଜେନାଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଛି। ସାଂସ୍କୃତିକ ସମ୍ପାଦକ କଳାକାର ଜେନା ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ସାଂଗଠନିକ ସହସମ୍ପାଦକ ପ୍ରମୋଦ ଜେନା ଧନ୍ୟବାଦ ଦେଇଥିଲେ। ସୌଭାଗ୍ୟ କୁମାର ଜେନା, କିଶୋର ପେରେଇ, ଗୋକୁଳ ଜେନା, ମନୋଜ ଜେନା, ରଞ୍ଜନ ଜେନା, ଅର୍ଜୁନ ଜେନା, ରାଜେଶ ଜେନା, ଶଶିକାନ୍ତ ଜେନା, ରଶ୍ମିରଞ୍ଜନ ଜେନା, ସତ୍ୟବ୍ରତ ଜେନା ସହଯୋଗ କରିଥିଲେ। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଲତାମଣି ଜେନା, ପୁଷ୍ପଲତା ଜେନା, ମିତା ଜେନା, ଫୁଲମଣୀ ଜେନା, ଈଶା ଜେନା, ଟୁଟୁ ଜେନା, ଶିଶିର ଜେନା, ପ୍ରଭାତ ଜେନାଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ।

## କଳାପାହାଡ଼ ଦୁର୍ଘଟଣା

# ମୃତଦେହକୁ କାନ୍ଧରେ ବୋହିଲେ ପୂର୍ବତନ ଥାନାଧିକାରୀ ସୁଶାନ୍ତ ପ୍ରଧାନ

ଯୋଡ଼ା, ୬।୧୨ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଥାନା ଅନ୍ତର୍ଗତ କଳାପାହାଡ଼ ନିକଟରେ ଗତ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଯାଇଥିଲା। ଏକ ମୋଟରସାଇକଲ୍ ଓ ଟ୍ରେଲର ଧକ୍କାରେ ଘଟଣାସ୍ଥଳର ହୃଦୟବିଦାରକ ଥିଲା। ଖବର ପାଇ ଯୋଡ଼ା ପୁଲିସ ଦଳ ତୁରନ୍ତ ପହଞ୍ଚିଥିଲେ। ଏହାମଧ୍ୟରେ ଯୋଡ଼ା ଥାନାର ପୂର୍ବତନ ଥାନାଧିକାରୀ ସୁଶାନ୍ତ ପ୍ରଧାନ, ଏଏସଆଇ ଅମିତାଭ ସାହୁ ଏବଂ କନେଷ୍ଟବଳ କିଶୋର କୁମାର ଗିରୀଙ୍କ ମାନବିକତାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଭିଡ଼ ଥିବା ସତ୍ତ୍ୱେ କୌଣସି ସହଯୋଗ ନ ମିଳିବାରୁ, ଅଧିକାରୀମାନେ ମୃତଦେହକୁ କାନ୍ଧରେ ବୋହି ଆମ୍ବୁଲାନ୍ସକୁ ପଠାଇଥିବା ଘଟଣା ଲୋକମାନଙ୍କ ମନକୁ ଗଭୀର ଭାବରେ ଛୁଇଁଯାଇଛି। ଘଟଣାସ୍ଥଳରେ ପହଞ୍ଚିଥିବା ମୃତକଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅନେକ ଲୋକ ପୁଲିସକର୍ମୀଙ୍କ ଏପରି ସେବାକୁ ଦେଖି କୃତଜ୍ଞତା ପ୍ରକାଶ କରିଛନ୍ତି।

**ଘଟଣାସ୍ଥଳରୁ ଲୋକଙ୍କ ମତ..**

'ଆମ ସମାଜରେ ଯେଉଁଠି ମୃତଦେହକୁ ଛୁଇଁବାକୁ ମଧ୍ୟ ଲୋକ ପଛଘୁଞ୍ଚା ଦିଅନ୍ତି, ସେଠାରେ ପୁଲିସ ଅଧିକାରୀ ନିଜ କର୍ତ୍ତବ୍ୟରୁ ଉପରକୁ ଯାଇ ଲୋକଙ୍କ ଆଖିକୁ ଝଲସାଇଦେଇଛନ୍ତି। ପୂର୍ବରୁ ଯୋଡ଼ା ଡିଏଭି ସ୍କୁଲ ନିକଟରେ ଦୁଇ ମୋଟରସାଇକଲ୍ ଧକ୍କାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ସମୟରେ ତତ୍କାଳୀନ ଥାନାଧିକାରୀ ସୁଶାନ୍ତ ପ୍ରଧାନ ସ୍ୱୟଂ ଘଟଣାସ୍ଥଳକୁ ଦୌଡ଼ି, କାନ୍ଧରେ ମୃତଦେହ ବୋହି ମେଡିକାଲକୁ ପଠାଇଥିଲେ। ସେତେବେଳେ ତାଙ୍କ ଏପରି ପଦକ୍ଷେପରେ ୨ ଜଣଙ୍କ ଜୀବନ ବଞ୍ଚିଯାଇଥିଲା'।

'ପୁଲିସ ପୋଷାକ କେବଳ ଶୃଙ୍ଖଳା ଓ ଆଇନର ଚିହ୍ନ ନୁହେଁ, ଯେତେବେଳେ ମାନବିକତାର ପ୍ରୟୋଜନ ହୋଇଥାଏ, ସେହି ପୋଷାକ ମାନବଧର୍ମର ଭାର ବୋହିବାକୁ ମଧ୍ୟ ଆଗଭର ହୋଇଥାଏ। ଯଦି ପ୍ରତ୍ୟେକ ଅଧିକାରୀ ଏଭଳି ମାନବତାର ଆଦର୍ଶ ଅନୁସରଣ କରନ୍ତି, ତେବେ ସମାଜରେ ପୁଲିସ-ଜନତା ସମ୍ପର୍କ ଅଧିକ ଦୃଢ଼ ହୋଇଯିବ'।

**ମୟୂରଭଞ୍ଜରେ ପରିବେଶ ମଞ୍ଜୁରୀ ଆଇନର ଖୋଲା ଉଲ୍ଲଂଘନ**

# ଜଙ୍ଗଲ ଜମି ମାଡ଼ି ବସିଛି ସରକାରୀ ଅନୁଷ୍ଠାନ

**କେନ୍ଦ୍ର ସରକାରଙ୍କ ଆଞ୍ଚଳିକ ସହକାରୀ କମିଶନରଙ୍କ ସମୀକ୍ଷା**

ବାରିପଦା,୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପରିବେଶ ମଞ୍ଜୁରୀ ଆଇନର ଖୋଲା ଉଲ୍ଲଙ୍ଘନ କରାଯାଇଛି। ସାଟେଲାଇଟ୍ ସର୍ଭେ ରିପୋର୍ଟର ତଥ୍ୟକୁ ଆଧାର କରି ନୂଆଦିଲ୍ଲୀସ୍ଥିତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସହକାରୀ କମିଶନର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ପରିବେଶ ମଞ୍ଜୁରୀ ଆଇନର ଉଲ୍ଲଂଘନ ସ୍ଥାନ ପରିଦର୍ଶନ ପୂର୍ବକ ସମୀକ୍ଷା କରି ଫେରିଛନ୍ତି। ବିଭାଗର ନିର୍ଦ୍ଦେଶ କ୍ରମେ ପୂର୍ବ ଭାରତର କୋଲକାତାସ୍ଥିତ ରିଜିଓନାଲ ଅଫିସରୁ ଆସିଷ୍ଟାଣ୍ଟ କମିଶନର ସୁଜୟ ଦତ୍ତ ମୟୂରଭଞ୍ଜରେ ଦୁଇ ଦିନ ରହି ଜିଲ୍ଲାର ଏକାଧିକ ଅଞ୍ଚଳ ପରିଦର୍ଶନ କରିଛନ୍ତି। କିଶମ ପରିବର୍ତ୍ତନ ନ କରି ଜଙ୍ଗଲ ଜମିରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ସମେତ ଦେଉଳି ଓ ବେତନଟୀ ରେଞ୍ଜରେ ସୁବର୍ଣ୍ଣରେଖା କେନାଲର ସମୀକ୍ଷା କରିଛନ୍ତି।

ଏହାସହ ଏକ ଘରୋଇ ମହାବିଦ୍ୟାଳୟର ସ୍ଥାପନା ନେଇ ମଧ୍ୟ ସେ ସମୀକ୍ଷା କରିଛନ୍ତି। ଏଥିରେ ରାଜସ୍ୱ ବିଭାଗ, ବନ ବିଭାଗ ଓ ସୁବର୍ଣ୍ଣରେଖା ପ୍ରକଳ୍ପର ଏକାଧିକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

**● ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ**

# ୯ ୯୦୦ କେଜି ମହୁଲ ପୋଚ ଓ ୮ ୮ ୫ ଲିଟର ମଦ ଜବତ



ବେତନଟୀ,୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପେରିଣ୍ଟେଣ୍ଡେଣ୍ଟ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ବିଭାଗ, ବାରିପଦା ମୋବାଇଲ୍ ଟିମ୍, ଖୁଣ୍ଟା ଓ ଉଦଳା ଅବକାରୀ ଟିମ୍ ପକ୍ଷରୁ ମିଳିତ ଭାବେ ବଡ଼ସାହି ନିକଟସ୍ଥ ଗାଁରେ ଜଙ୍ଗଲ ମଧ୍ୟରେ ଦୁଇଟି ପୃଥକ୍ ସ୍ଥାନରେ ବେଆଇନ ଭାବେ ଚାଲିଥିବା ଦେଶୀ ମଦଭାଟି ଉପରେ ଚଢ଼ଉ କରାଯାଇଛି। ବଡ଼ସାହି ଅସ୍ତଝରଣ, କମଳାଶୋଳ ଅଞ୍ଚଳରୁ ୯ ୯୦୦ କିଲୋ ମହୁଲ ପୋଚ, ୮୮୫ ଲିଟର ଦେଶୀ ମଦ ଜବତ କରାଯିବା ସହ ମଦ ତିଆରି ସାମଗ୍ରୀଗୁଡ଼ିକୁ ନଷ୍ଟ କରାଯାଇଛି। ଚଢ଼ଉବେଳେ କୌଣସି ଅଭିଯୁକ୍ତ ଉପସ୍ଥିତ ନ ଥିବା ସୂଚନା ମିଳିଛି। ଏହି ଚଢ଼ଉ ସମୟରେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ ବେହେରା, ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ତି, ଉଦଳା ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଓଆଇସି କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅନ୍‌ଲାଇନ୍ ଠକେଇ

ରାଇରଙ୍ଗପୁର,୬।୧୨(ସମିସ): ଅନ୍‌ଲାଇନ୍ ଟ୍ରେଡିଂ ପ୍ରଲୋଭନ ଦେଖାଇ ୯ ଲକ୍ଷରୁ ଊର୍ଦ୍ଧ୍ୱର ଅଦୃଶ୍ୟ ସାଇବର ଠକମାନେ ଠକେଇ କରି ନେଇଛନ୍ତି। ଏନେଇ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପୁରୁଣାଘାଟି ଅଞ୍ଚଳର ସୁରେଶ ସାହୁ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ହ୍ୱାଟ୍ସଆପ୍ କଲ୍ ଆସିଥିଲା। ଏହାପରେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ିଥିଲେ। ଅନ୍‌ଲାଇନ୍ ଟ୍ରେଡିଂ ଜରିଆରେ ଅଧିକ ଉପାର୍ଜନ କରିବାର ପ୍ରଲୋଭନ ଦେଖାଇଥିଲେ। ଏହାକୁ ନେଇ ପ୍ରଥମେ ୧୦ ହଜାର ଟଙ୍କା ଲଗାଇଥିଲେ। ଏହାପରେ ତାଙ୍କୁ କମିଶନ ମିଳିଛି ବୋଲି ପ୍ରଲୋଭିତ କରିଥିଲେ। ଯାହାକୁ ନେଇ ପର୍ଯ୍ୟାୟକ୍ରମେ ସମୁଦାୟ ୯ ଲକ୍ଷ ୪୧ ହଜାର ୯୪୫ଟଙ୍କା ଲଗାଇଥିଲେ। ତେବେ ସେ ଟଙ୍କା ଫେରସ୍ତ କରିବା ପାଇଁ କହିବାରୁ ସମୟ ଗଡ଼ାଇ ଚାଲିଥିଲେ କିନ୍ତୁ ଟଙ୍କା ଫେରସ୍ତ ଦେଇ ନ ଥିଲେ। ଏନେଇ ସନ୍ଦେହ ହେବରୁ ନ୍ୟାୟ ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଘଟଗାଁ ପ୍ରକଳ୍ପ ଶିଳାନ୍ୟାସ ଆଜି; ବିଜେପିର ସଜବାଜ




ଘଟଗାଁ, ୬।୧୨(ସମିସ): ଆସନ୍ତାକାଲି ରବିବାର ଘଟଗାଁ ମା'ତାରିଣୀ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ଶନିବାର ଅପରାହ୍ନରେ ଘଟଗାଁ ଡାକ ବଙ୍ଗଳାଠାରେ ବିଜେପି ପକ୍ଷରୁ ଏହାର ପ୍ରସ୍ତୁତି ଅବଲୋକନ କରାଯାଇଛି। ସାଂସଦଙ୍କ ପ୍ରତିନିଧି ତଥା ଘସିପୁରା ନିର୍ବାଚନମଣ୍ଡଳୀର ସଂଯୋଜକ ଅଖିଳ ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବିଜେପି ପ୍ରବକ୍ତା ଆଡଭୋକେଟ ବିରଜା ମିଶ୍ର, ଘସିପୁରା ବରିଷ୍ଠ ନେତା ଡ ଶମ୍ଭୁନାଥ ରାଉତ, ପୂର୍ବତନ ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ, ମଣ୍ଡଳ ସଭାପତି ରବିନାରାୟଣ ଦେହୁରୀ ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀରେ ବହୁ ପ୍ରତୀକ୍ଷିତ ମା'ତାରିଣୀ ମନ୍ଦିର ସମନ୍ୱିତ ବିକାଶ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିପାଇଁ ଶାସକ ବିଜେପି ଦଳର ନେତା-କର୍ମୀ ଚଳଚଞ୍ଚଳ ରହିଛନ୍ତି। ଓଡ଼ିଶାର ପୁରପଲ୍ଲୀ ସହ ବାହାର ରାଜ୍ୟ ପର୍ଯ୍ୟଟକ ଏବେ ମା' ତାରିଣୀଙ୍କ ପ୍ରତି ଆସ୍ଥା ରଖି ଘଟଗାଁ ଆସୁଛନ୍ତି। ଏହି ଦୃଷ୍ଟିରୁ ଅଞ୍ଚଳ ତଥା ପୀଠରେ ଶୃଙ୍ଖଳିତ ଦର୍ଶନ ଓ ସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ୩୫୦ କୋଟି ଟଙ୍କାର ବିକାଶ ପ୍ରକଳ୍ପକୁ ସ୍ୱାଗତ କରାଯାଇଛି। କେନ୍ଦୁଝର ଜିଲ୍ଲା ପାଇଁ ଏକ ବଡ଼ ଉପହାର। ଘଟଗାଁ ମଣ୍ଡଳ ସଭାପତି ଶ୍ରୀ ଦେହୁରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦୀପ ସା, ଆନନ୍ଦଚନ୍ଦ୍ର ସିଂହ, ପ୍ରଫୁଲ ରାଉତ, ସଞ୍ଜୟ ମିଶ୍ର, ପ୍ରଫୁଲ ସାହୁ, ଭୀମସେନ ବଳ, ଛବିନ୍ଦ୍ର ଜେନା, ଭବାନୀ ଶଙ୍କର ମହାନ୍ତ, ଅଭିମନ୍ୟୁ ରାଉତ, କୁଳମଣି ନାଏକ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଏକେ. ଶୁଭ୍ରାଂଶୁ ଶେଖର, ତ୍ରିଲୋଚନ ପାତ୍ର, ମାନସ ପେରେଇ, ବିଶ୍ୱନାଥ ପାତ୍ର, ମହେନ୍ଦ୍ର ପାତ୍ର, ଦେବାଶିଷ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

## ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା ଧମକ

ରାଇରଙ୍ଗପୁର,୬।୧୨(ସମିସ): ଆଜିର ଆଧୁନିକ ସମାଜରେ ଲୋକଙ୍କ ମଧ୍ୟରୁ ଡାହାଣୀ ପରି କୁତ୍ସିତ ପ୍ରଥା ସମାପ୍ତ ହେଉନାହିଁ। ଜଣେ ମହିଳାଙ୍କୁ ଡାହାଣୀ ବୋଲି ସଜାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଯାହାକୁ ନେଇ ବିଜାତଳା ଅଞ୍ଚଳର ବାଗଡେଗା ଗ୍ରାମର ଲେଡି ନାଏକ ଜୀବନକୁ ବିପଦ ଦର୍ଶାଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ଉକ୍ତ ଗ୍ରାମରେ ଅନେକ ଦିନ ହେବ ବସବାସ କରି ଆସୁଛନ୍ତି। ତେବେ ଗ୍ରାମର ସୁମନ୍ତ ନାଏକ ନାମକ ବ୍ୟକ୍ତି ତାଙ୍କୁ ଗ୍ରାମବାସୀଙ୍କ ସମ୍ମୁଖରେ ଡାହାଣୀ ସଜାଇ ଗାଳିଗୁଲଜ କରୁଛନ୍ତି। ତାଙ୍କୁ ଗୁଳିମାରି ହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଯାହାକୁ ନେଇ ସେ ଭୟଭୀତ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## କୁସଲେଶ୍ୱର ମହାବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ



ଆନନ୍ଦପୁର,୬।୧୨(ସମିସ): ଓଡ଼ିଶା ଷ୍ଟେଟ ସିଲେକ୍ସନ୍ ବୋର୍ଡ ଲେକଚରର୍ସ ଆସୋସିଏସନ୍ ପକ୍ଷରୁ ସରକାରୀ ଅବହେଳାର ପ୍ରତିବାଦ ଆରମ୍ଭ ହୋଇଛି। ଘଷିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ମହାବିଦ୍ୟାଳୟର ଓସ୍ଲା ସଂଘ ସଦସ୍ୟଗଣ ଭୁବନେଶ୍ୱର ଯାଇ ପ୍ରତିବାଦ କରିଥିବା ବେଳେ ଏଠାରେ ଅଧ୍ୟାପକମାନେ ମହାବିଦ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାରୀ ମାନ୍ୟତା, ସମ୍ପୂର୍ଣ୍ଣ ଦରମା, ୟୁଜିସି ନିୟମ ଭଳି ଅନେକ ଦାବି ନିମନ୍ତେ ଏହି ପ୍ରତିବାଦ କରିଥିବା ଜଣାପଡ଼ିଛି।

## ବାର୍ଷିକ ଉତ୍ସବ ପାଇଁ ପ୍ରେସ୍ କ୍ଲବ୍‌ର ପ୍ରସ୍ତୁତି ବୈଠକ

କୁଆମରା,୬।୧୨(ସମିସ): ଗୋପବନ୍ଧୁନଗର ପ୍ରେସ୍ କ୍ଲବ୍‌ର ଆସନ୍ତା ଜାନୁଆରୀ ପ୍ରଥମ ସପ୍ତାହରେ ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଶନିବାର ବଡ଼ସାହି ବ୍ଲକ୍‌ସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ପ୍ରେସ୍ କ୍ଲବ୍‌ର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତତ୍‌ସହିତ ନୂତନ ବର୍ଷ ନିମନ୍ତେ ବିଭିନ୍ନ ଯୋଜନା ଓ ସାମ୍ବାଦିକମାନଙ୍କର ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ବାର୍ଷିକ ଉତ୍ସବରେ ଉଦଳା, କପ୍ତିପଦା, ବେତନଟୀ ଓ ବଡ଼ସାହି ବ୍ଲକ୍‌ରୁ ୮ ଜଣ ସାମ୍ବାଦିକଙ୍କୁ ସମ୍ମାନିତ କରାଯିବାର ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପସଭାପତି ଚିତ୍ତରଞ୍ଜନ ଦଳେଇ, ସମ୍ପାଦକ ଡ. କୁମାର ବାବୁଲି, ସହସମ୍ପାଦକ ଶାନ୍ତନୁ କୁମାର ମଡୁଆଳ, କୋଷାଧ୍ୟକ୍ଷ ଯୋଗେଶ୍ୱର ସାହୁ, ସମ୍ବିତ୍ ରାଉତ, ବିଶ୍ୱଜିତ୍ ଦାଶ, ରଞ୍ଜନ କୁମାର ମଡୁଆଳ, ଦୀପକ କୁମାର ଚୌଧୁରୀ, ମାଣିକ ହେମ୍ବ୍ରମ, ସୂର୍ଯ୍ୟକାନ୍ତି ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଗୃହରକ୍ଷୀ ଉତ୍ଥାନ ଦିବସ

ବାରିପଦା,୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଗୃହରକ୍ଷୀ ବାହିନୀର ୬୩ତମ ଉତ୍ଥାନ ଦିବସ ପାଳିତ ହୋଇଯାଇଛି। ବାରିପଦାସ୍ଥିତ ରିଜର୍ଭ ପୁଲିସ ପଡ଼ିଆଠାରେ ଏକ ସମ୍ମିଳିତ



ପରେଡ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୁଲିସ ବିଭାଗରେ ଗୃହରକ୍ଷୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ବିଭିନ୍ନ ସମୟରେ ପ୍ରାକୃତିକ ଦୁର୍ବିପାକ ହେଉ ଅଥବା ଆଇନଶୃଙ୍ଖଳା ପରିସ୍ଥିତି ହେଉ ଗୃହରକ୍ଷୀ ବାହିନୀର କର୍ମଚାରୀମାନେ ପୁଲିସ ବିଭାଗ ସହ କାନ୍ଧରେ କାନ୍ଧ ମିଶାଇ ସମସ୍ତ କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରି ନିଜର କର୍ତ୍ତବ୍ୟ ପରାୟଣତା ପ୍ରଦର୍ଶିତ କରିଛନ୍ତି। ଆଗାମୀ ଦିନରେ ମଧ୍ୟ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇ ନିଷ୍ଠାର ସହ କାମ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଥାନାରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଗୃହରକ୍ଷୀମାନଙ୍କୁ ଆରକ୍ଷୀ ଅଧୀକ୍ଷକ ସମ୍ବର୍ଦ୍ଧିତ କରିଥିଲେ।

## ବଡ଼ଦା'ଙ୍କ ଶୁଭାଗମରେ ଖିଚିଂ ପୀଠ ଉତ୍ସବମୁଖର

ଖିଚିଂ,୬।୧୨(ସମିସ): ମହିମାମଣ୍ଡିତ ମୟୂରଭଞ୍ଜ ଜିଲ୍ଲାସ୍ଥ ଖିଚିଂର ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ବିଭବ, ମହନୀୟ ସଂସ୍କୃତି, ସମନ୍ୱୟବାଦୀ ଧାର୍ମିକ ଚେତନା, କାଳକାଳରୁ ଆକୃଷ୍ଟ କରିଛି ଅଗଣିତ ସାଧୁସନ୍ଥ, କବି, ଭାବୁକ, ଦାର୍ଶନିକ, ଗବେଷକ, ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀ। ସମଗ୍ର ଭାରତ ବର୍ଷରେ ଏହି ଆଧ୍ୟାତ୍ମିକ କ୍ଷେତ୍ରର ସ୍ୱତନ୍ତ୍ର ପରିଚୟ ରହିଥିବାରୁ ରରୁଆଁ-ଶୁକ୍ଳି ସତ୍‌ସଙ୍ଗ ଆନୁକୂଲ୍ୟରେ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶୁଭ ୧୩୮ ତମ ଜନ୍ମ ମହୋତ୍ସବ ଏବଂ ଶ୍ରୀଶ୍ରୀ ବଡ଼ଦା'ଙ୍କ ଖିଚିଂ ମା' କିଚକେଶ୍ୱରୀଙ୍କ ଶୁଭ ପଦାର୍ପଣର ୪୯ ବର୍ଷ ପୂର୍ତ୍ତି ସ୍ମୃତି ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରରୁଆଁ-ଶୁକ୍ଳି ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକ ସମ୍ମେଳନ ଆୟୋଜନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଥିବା ବେଳେ ଏହି ମହାପୁରୁଷଙ୍କ ଦର୍ଶନାର୍ଥେ ଖିଚିଂ ମାଟି ଉତ୍ସବମୁଖର ହୋଇପଡ଼ିଛି।

## ସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ

ବାରିପଦା,୬।୧୨(ସମିସ): ବାରିପଦାର ପ୍ରତିଷ୍ଠିତ ସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ ଯଥା ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସାଇ ଡିଗ୍ରୀ କଲେଜ ଓ ସାଇ ବିଦ୍ୟାନିକେତନର ବାର୍ଷିକ ଉତ୍ସବ ଓ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଜ୍ୟୋତି ଶଙ୍କର ମିଶ୍ରଙ୍କର ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟବକ୍ତା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଉତ୍ତର ଓଡ଼ିଶା ଶାଖା)ର ଉପସଚିବ ରାଜେଶ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସାଇ ବିଦ୍ୟାନିକେତନର ପ୍ରଧାନଶିକ୍ଷକ ଭାରତୀ ଭୂଷଣ ନାୟକ ତାଙ୍କ ଉଦ୍‌ବୋଧନରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଲାଭ ସହିତ ଦେଶ ପ୍ରତି ସେମାନଙ୍କର କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିବାବେଳେ ସାଇ ଡିଗ୍ରୀ କଲେଜର ଅଧ୍ୟକ୍ଷ ଅମୀୟ ରଞ୍ଜନ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ସେଠୀ ପିଲାମାନଙ୍କୁ ବୃକ୍ଷରୋପଣର ଆବଶ୍ୟକତା ଓ ସେମାନଙ୍କ ଜୀବନରେ ପିତାମାତାଙ୍କ ମହାନ ଅବଦାନ ବିଷୟରେ ଆଲୋକପାତ କରିଥିବାବେଳେ ସମ୍ମାନିତ ଅତିଥି ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଲାଭ ସହିତ ସମାଜ ମଙ୍ଗଳ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ଶ୍ରୀ ସାହୁ ଉତ୍ତର ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ସାଇ ଗ୍ରୁପ୍‌ର ଅବଦାନ ଓ ଅକଳ୍ପନୀୟ ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ଛାତ୍ରଛାତ୍ରୀମାନଙ୍କୁ ନୂତନ ଶିକ୍ଷା ପଦ୍ଧତି ବିଷୟରେ ଅବଗତ କରାଇବା ସହ ଉଚ୍ଚଶିକ୍ଷା ସହିତ ନୂତନ ଗବେଷଣା କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବରେ ସାଇ ଡିଗ୍ରୀ କଲେଜ ତୃତୀୟ ବର୍ଷ ଉଦ୍ଭିଦ ବିଜ୍ଞାନ ଛାତ୍ରୀ ସୁନନ୍ଦା ବାରିକ, ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ବିଜ୍ଞାନ



ଛାତ୍ରୀ ରଶ୍ମିରେଖା ଦାଶ ଏବଂ ସାଇ ବିଦ୍ୟା ନିକେତନର ନବମ ଶ୍ରେଣୀ ଛାତ୍ର ଦୀପକ କୁମାର ମହାନ୍ତ ପୁରସ୍କୃତ ହୋଇଥିଲେ। ବର୍ଷର ଶ୍ରେଷ୍ଠ କର୍ମଚାରୀ ଭାବରେ ଜନେନ୍ଦ୍ର ମହାକୁଡ଼ ଏବଂ ଶ୍ରେଷ୍ଠ ଅଧ୍ୟାପକ ଭାବରେ ରସାୟନ ବିଭାଗର ସତ୍ୟଜିତ୍ ପଣ୍ଡା ପୁରସ୍କୃତ ହୋଇଥିଲେ। ଶେଷରେ ଅଧ୍ୟାପକ ତାପସ ନନ୍ଦଲାଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରସିଦ୍ଧ କଣ୍ଠଶିଳ୍ପୀ ବିଶ୍ୱଜିତ୍ ଥାଟୋଇ ଓ ଜସ୍ମିନ ଗିରି ସଂଗୀତ ପରିବେଷଣ କରିଥିଲେ।

## ଗାଁକୁ ଫେରିଲେ ଚାରି ଯବାନ





କେନ୍ଦୁଝର, ୬।୧୨(ସମିସ): ବିଭିନ୍ନ ସ୍ଥାନରେ ନିଯୁକ୍ତ କେନ୍ଦୁଝର ସଦର ବ୍ଲକ୍ ନରସିଂହପୁର, ବନାଯୋଡି, ସିଲିସୁଆଁ ଗ୍ରାମର ତିନି ଯବାନ ଶନିବାର ପ୍ରଥମ ଥର ଗାଁକୁ ଫେରିଛନ୍ତି। ଏନେଇ ତିନି ଜଣଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମର ୨୧ପାରା ଆସାମରେ ନିଯୁକ୍ତ ଅନ୍ତର୍ଯ୍ୟାମୀ ହେମ୍ବ୍ରମ(୨୪) ଓ ଦିଲ୍ଲୀରେ ଅବସ୍ଥାପିତ ବନାଯୋଡ଼ି ଗ୍ରାମର ହରିଶ୍ଚନ୍ଦ୍ର ବେହେରା (୨୨), କେରଳ ନିଯୁକ୍ତ ସିଲିସୁଆଁ ଗ୍ରାମର ନୀତେଶ କୁମାର ଖଟୁଆ (୨୩) ଯୋଡା-ବଡବିଲ ଟ୍ରେନରେ ଗୋହାଲଡିହି ଷ୍ଟେସନରେ ପହଞ୍ଚିଥିଲେ। ବନ୍ଧାପଣା କରି ନରସିଂହପୁର ଗାଁ ଛକରୁ ନାଚଗୀତ ବାଜାବାଣ ଫୁଟାଇ ତିନି ଯବାନଙ୍କୁ ଘରକୁ ପାଛୋଟି ଆଣାଯାଇଛି। ତିନି ଯବାନ ଦେଶ ସେବାରେ ନିୟୋଜିତ ହୋଇଥିବାରୁ ସେମାନଙ୍କର ସାଙ୍ଗସାଥୀ, ବନ୍ଧୁବାନ୍ଧବ ଗାଁ ଲୋକେ ଉତ୍ସାହିତ ହେବା ସହିତ ଗର୍ବିତ ହୋଇଛନ୍ତି।

ସେହିପରି ଶଙ୍କରପୁର ଗ୍ରାମର ଜଣେ ଗରିବ କୃଷକ ଶଶିଭୂଷଣ ବାରିକଙ୍କ ସୁପୁତ୍ର ସୁରଞ୍ଜନ (୨୦ବର୍ଷ) ଭାରତୀୟ ସୈନ୍ୟବାହିନୀ ଅଗ୍ନିବୀର ଟ୍ରେନିଂ ପାଇଁ ବାଙ୍ଗାଲୋର୍ ଯାଇଥିଲେ। ସେଠାରୁ ଟ୍ରେନିଂ ସାରି ଗତକାଲି ନିଜ ଘର ଶଙ୍କରପୁରକୁ ଆସୁଥିଲେ। ତାଙ୍କ ଗ୍ରାମର ସଦାନନ୍ଦ ବାରିକ୍, ସନାତନ ବାରିକ, ମାର୍କଣ୍ଡ ବାରିକ, ଅଶୋକ ବାରିକ, ଅଭୟ ବାରିକ, ସୁଶୀଲ ବାରିକ, ବିଶ୍ୱଜିତ ବେହେରା, ଜଗନ୍ନାଥ ମାରିତିଆ, ସଭ୍ୟ ରଂଜନ ବାରିକ, ଭରସା ପରିବାର ଟ୍ରଷ୍ଟର ରକ୍ତଦାତା ସଂଯୋଜକ ଶେକ୍ ତହିଦ୍, ବଣିଆପାଟ ଶିଶୁ ମନ୍ଦିରର ଗୁରୁଜୀ ବିଦ୍ୟାଧର ମହାନ୍ତ ପାଛୋଟି ନେଇଥିଲେ। ତାଙ୍କ ଗ୍ରାମରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ଗ୍ରାମବାସୀ ବାଜା ରୋଶଣି ବଜାଇ ବାଣଫୁଟାଇ ଡିଜେ ଗୀତର ତାଳେ ତାଳେ ତାଙ୍କ ଘରକୁ ନେଇଯାଇଥିଲେ। ଭୋଜିଭାତର ଆୟୋଜନ କରାଯାଇଥିଲା।

**ମୟୂରଭଞ୍ଜ ମହୋତ୍ସବର ୬ଷ୍ଠ ସନ୍ଧ୍ୟା**

## ମୁଣ୍ଡାରୀ ଓ ହୋ' ନୃତ୍ୟ ଗୀତରେ ଦୁଲକିଲା ମଞ୍ଚ

ବାରିପଦା,୬।୧୨(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଅସିତ୍ ପତି, ଉପସଭାପତି ସଞ୍ଜୀବ ଦ୍ୱିବେଦୀ, ସାଧାରଣ ସମ୍ପାଦକ କଳିଙ୍ଗ ଜେନା, କୋଷାଧ୍ୟକ୍ଷ ଉମେଶ ପଟ୍ଟନାୟକ ଓ ସାଂଗଠନିକ ସମ୍ପାଦିକା ସବିତା ହାଁସଦା ତଥା ଅନ୍ୟ ସଦସ୍ୟ ଉପସ୍ଥିତ ରହି ମହୋତ୍ସବଟି ଜିଲ୍ଲାର ସମସ୍ତ ଜନସାଧାରଣଙ୍କର ବୋଲି କହିବା ସହ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଏହା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାରମ୍ଭରେ ଜିଲ୍ଲା ନୃତ୍ୟ ପ୍ରତିଷ୍ଠାନ କଳାକାରଗଣ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଆକର୍ଷଣ ରଞ୍ଜିତା ସିଂ, ରାମ ମୁଣ୍ଡା, ପୁଟା କେରାଇ,





ରିନା ସିଂ, ପୃଥ୍ୱୀରାଜ ସିଂ ଟିମ୍‌ଙ୍କ ହୋ, ମୁଣ୍ଡାରୀ ନୃତ୍ୟ ଓ ସଙ୍ଗୀତରେ ମଞ୍ଚ ଦୁଲୁକିବା ସହିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଉପସ୍ଥାପିକା ସ୍ନେହାଶ୍ରୀ, ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ୭ମ ସନ୍ଧ୍ୟାରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଇରା ମହାନ୍ତି, କୁମାର ବାପି, ଚଳଚ୍ଚିତ୍ର ଅଭିନେତା ପପୁ ପମ୍‌ପମ୍ ଓ ସ୍ୱରାଜ ବାରିକଙ୍କ କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

# ନିୟମ ଉଲ୍ଲଘଂନ ବାଲି ଖନନକୁ ବିରୋଧ କରି ଦାବିପତ୍ର

କେନ୍ଦୁଝର, ୬।୧୨ (ସମିସ): ଚମ୍ପୁଆ ତହସିଲ ଅନ୍ତର୍ଗତ ମାକମିଲାନପୁର ଗ୍ରାମ ନିକଟ ବୈତରଣୀ ନଦୀରୁ ନିୟମ ଉଲ୍ଲଙ୍ଘନ କରି ବେଆଇନ ବାଲି ପରିବହନକୁ ସ୍ଥାନୀୟ ଲୋକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। କେନ୍ଦୁଝର ଖଣିମଣ୍ଡଳର ବାଲି ପରିବହନ ଅବ୍ୟବସ୍ଥାକୁ ନେଇ ଲଘୁ ଖଣିଜ ଖଣି ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ସେ ଏହାର ସଠିକ୍ ବିଚାର ନ କରି ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଜଣାଇବା ପାଇଁ ପରାମର୍ଶ ଦେଇଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ବାଲି ପରିବହନ ହେଲେ ଗ୍ରାମ୍ୟ ରାସ୍ତା ଭାଙ୍ଗିବା ସହ ପ୍ରଦୂଷଣ ଓ ଦୁର୍ଘଟଣା ଆଶଙ୍କା କରି ଅନ୍ୟ ରାସ୍ତାରେ ବାଲି ପରିବହନ କରିବାକୁ ଦାବି ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୨୦୨୧ ଡିସେମ୍ବର ୯ ତାରିଖରେ ତତ୍କାଳୀନ ବିଡିଓ ଏବଂ ଚନ୍ଦ୍ରଶେଖରପୁର ପଞ୍ଚାୟତ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗ୍ରାମସଭାରେ ଆଲୋଚନା ହୋଇଥିଲା। ଉକ୍ତ ଆଲୋଚନାବେଳେ ଗ୍ରାମ୍ୟ ରାସ୍ତା ଛାଡ଼ି ବିକଳ୍ପ ରାସ୍ତା ବାହାର କରାଗଲେ ବାଲି ଘାଟ ନିଲାମ କରିବା ନେଇ ଗ୍ରାମବାସୀ ମତ ରଖିଥିଲେ। ତେବେ ବିକଳ୍ପ ରାସ୍ତା ନ କରି ଗ୍ରାମ୍ୟ ସାହି ଅଣଓସାରିଆ ରାସ୍ତାରେ ବାଲି



ପରିବହନ କରିବା ନେଇ ପ୍ରସ୍ତୁତି ଚାଲିଛି। ସାହି ରାସ୍ତାରେ ବାଲି ଗାଡ଼ି ପରିବହନ ହେଲେ ରାସ୍ତା ନଷ୍ଟ ହେବା ସହ ଧୂଳିଧୂଆ ଉଡି ବାୟୁ ପ୍ରଦୂଷଣ ସୃଷ୍ଟି କରିବ। ଏନେଇ ଗ୍ରାମବାସୀ ପ୍ରତିବାଦ କରିବାରୁ ସେମାନଙ୍କୁ ଧମକଚମକ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ହୋଇଥିବା ଗ୍ରାମ ସଭାରେ ବାଲି ପରିବହନ ସଂକ୍ରାନ୍ତରେ ସଠିକ୍ ମତାମତ ନିଆ ନଯାଇ ଏକତରଫା ଭାବେ ଲିଜ୍ ସୁପାରିସ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସିଟିଓ ବା ଅନୁମତି ଆଦେଶରେ ଦର୍ଶାଇଛନ୍ତି ଯେ ଗ୍ରାମ ବା ସାହି ରାସ୍ତାରେ କୌଣସି ଖଣିଜ ପଦାର୍ଥ ପରିବହନ ହୋଇ ପାରିବ ନାହିଁ। ଏହାସତ୍ତ୍ୱେ କିପରି ବିକଳ୍ପ ରାସ୍ତା ନ କରି ଲଘୁ ଖଣିଜ ବିଭାଗ ଲିଜ୍ ଅନୁମୋଦନ କଲେ ସେନେଇ ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବାଲି ଖାଦାନ ଚମ୍ପୁଆ ଉପଖଣ୍ଡ ଲଘୁ ଖଣିଜ ଅଧିକାରୀଙ୍କ ପକ୍ଷରୁ ସୁପ୍ରଭା ନାଏକଙ୍କ ନାମରେ ଲିଜ୍ ପ୍ରଦାନ କରାଯାଇଛି। ଉକ୍ତ ବାଲି ଖାଦାନ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଅବଧି ରହିଥିବା ଏଥିରୁ ବିଭିନ୍ନ ସରକାରୀ କାମ ପାଇଁ ବାଲି ଯୋଗାଇବା ପାଇଁ ସର୍ତ୍ତ ରହିଛି। ଖଣି ବିଭାଗ ହାତରେ ଏହି ବାଲି ଖାଦାନ ଲିଜ୍ ରହିଥିବାବେଳେ କିପରି ସରକାରୀ ନୀତିନିୟମ ଖିଲାପ ହୋଇ ନଦୀ ଗର୍ଭରେ ବଡ ବଡ ମେସିନରେ ବାଲି ଖନନ ହେଉଛି ତାହା ତଦନ୍ତ ଦାବି ହେଉଛି। ଲୋଚନ ମହାନ୍ତ, ପ୍ରଦୀପ ମୁଣ୍ଡା, ଗଙ୍ଗାଧର ମହାନ୍ତ, ଗୁରୁପ୍ରସାଦ ମହାନ୍ତ, ଲୀଳାବତୀ ମହାନ୍ତଙ୍କ ସମେତ ବହୁ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।



# ଆଇଏଫ୍ଏଫ୍ଆଇ ଫ୍ୟାଶନ୍ ଶୋ'ରେ ଦୀପ୍ତିରେଖା

ଗୋଆରେ ଆୟୋଜିତ ୫୬ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ)ରେ ପ୍ରଖ୍ୟାତ ଓଡ଼ିଆ କଣ୍ଠଶିଳ୍ପୀ ଏବଂ ଅଭିନେତ୍ରୀ ଦୀପ୍ତିରେଖା ପାଢ଼ୀ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସ୍ୱତନ୍ତ୍ର ଅତିଥି ଭାବରେ ନିମନ୍ତ୍ରିତ ହୋଇ ସେ ଆଇଏଫ୍ଏଫ୍ଆଇର ପ୍ରଥମ ରେଡ୍ କାର୍ପେଟ୍ ଫ୍ୟାଶନ୍ ଶୋ 'ହ୍ୟାଣ୍ଡଲୁମ୍ ଶାଢ଼ି ଇନ୍ ମୋସନ୍: ୭୦ଏମ୍ଏମ୍ ଅନ ରନ୍ୱେ' ପାଇଁ ଶୋ' ଷ୍ଟପର୍ ଭାବରେ ଦର୍ଶକଙ୍କୁ ଚମକାଇ ଥିଲେ। ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟର ହସ୍ତତନ୍ତ ବିକାଶ କମିଶନରଙ୍କ ଦ୍ୱାରା ଉପସ୍ଥାପିତ ଏବଂ ଶିଖା କାରିଗରୀ ଦ୍ୱାରା ସଂଯୋଜିତ ଏହି ପ୍ରଦର୍ଶନୀ ଏକ ପ୍ରତୀକାତ୍ମକ ପଦାର୍ପଣରେ ଭାରତର ହସ୍ତତନ୍ତ ଐତିହ୍ୟକୁ ପାଳନ କରିଥିଲା। ଦୀପ୍ତିରେଖା ଓଡ଼ିଶାର ବାଲିଯାତ୍ରା ମହୋତ୍ସବ ଦ୍ୱାରା ଅନୁପ୍ରାଣିତ ଏକ ଚମତ୍କାର ହସ୍ତତନ୍ତ ଶାଢ଼ି ପିନ୍ଧି ରନୱେରେ ଚାଲିଥିଲେ, ଯେଉଁଥିରେ ବୋଇତ ବନ୍ଦାଣ, ପ୍ରାଚୀନ ସାମୁଦ୍ରିକ ଐତିହ୍ୟ ଏବଂ ବାଣିଜ୍ୟ ଯାତ୍ରାର ଆତ୍ମାକୁ ଚିତ୍ରଣ କରାଯାଇଥିଲା। ଦୀପ୍ତିରେଖାଙ୍କ ଏହି ଉପସ୍ଥିତି କେବଳ ସୌନ୍ଦର୍ଯ୍ୟ ଏବଂ ଗାରିମା ପ୍ରତିଷ୍ଠା କରିନଥିଲା, ବରଂ ୮୧ଟି ଦେଶର ବିଶ୍ୱ ପ୍ରତିନିଧି, ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଏବଂ ଏନ୍ଏଫ୍ଡିସି ଏମ୍ଡି ପ୍ରକାଶ ମାଗଦୁମଙ୍କ ସମେତ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସମ୍ମୁଖରେ ଓଡ଼ିଶାର ସାଂସ୍କୃତିକ ଗୌରବକୁ ନେଇ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଶୋ'କୁ ଆନ୍ତର୍ଜାତୀୟ ଫ୍ୟାଶନ୍ ନିର୍ଦ୍ଦେଶକ ଆଲେସିଆ ରାଉତ ନିର୍ଦ୍ଦେଶନା କରିଥିଲେ।



# ଚର୍ଚ୍ଚାରେ ରଶ୍ମିକା-ବିଜୟଙ୍କ ବାହାଘର

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ବିଶେଷକରି ବିଜୟ ଦେବରକୋଣ୍ଡାଙ୍କ ସହିତ ତାଙ୍କ ବାହାଘର ଉପରେ ସମସ୍ତଙ୍କ ନଜର ରହିଛି। ଏହାରି ଭିତରେ ଦୁହିଁଙ୍କ ବାହାଘର ୨୦୨୬ ମସିହା ଫେବୃଆରୀରେ ହେବା ଅନୁମାନ କରାଯାଉଛି। ହେଲେ ଏବେ ଏହାକୁ ନେଇ ମୁହଁ ଖୋଲିଛନ୍ତି ରଶ୍ମିକା। ବିଜୟଙ୍କ ସହିତ ତାଙ୍କ ବାହାଘର ଉପରେ କ'ଣ କହିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରାଯାଇଥିଲା। ତେବେ ସେ ବିବାହ କରିବା କିମ୍ବା ଏହାକୁ ଖଣ୍ଡନ କରିବା ଉପରେ କିଛି କହିଲେ ନାହିଁ। ଏହି କଥା ଉପରେ ଆଲୋଚନା କରିବାର ସମୟ ଆସିଲେ, କହିବେ ବୋଲି ରଶ୍ମିକା କହିଛନ୍ତି। ଏହାବାଦ୍ ସେ ତାଙ୍କ ପ୍ରଶଂସକଙ୍କ ଓ ମିଡିଆ ସାମ୍ନାରେ କିଛି ବି କହିବା ପୂର୍ବରୁ ସମୟ ନେବା ଚାହିଁଛନ୍ତି। ତାଙ୍କର ଏହି ପ୍ରତିକ୍ରିୟା ପରେ ଦୁହିଁଙ୍କ ବିବାହକୁ ନେଇ ଆହୁରି ଅଧିକ ଚର୍ଚ୍ଚା ହେଉଛି। ସେହିପରି ଦାବି କରାଯାଉଛି ଯେ, ଦୁହେଁ ଫେବୃଆରୀ ମାସରେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ସେମାନଙ୍କ ବାହାଘର ଉଦୟପୁରରେ ହେବ। ଅନ୍ୟପଟେ ଅକ୍ଟୋବରରେ ଦୁହିଁଙ୍କ ନିର୍ବନ୍ଧ ମଧ୍ୟ ଚର୍ଚ୍ଚାରେ ଥିଲା। ଅବଶ୍ୟ ଦୁହିଁଙ୍କ ମଧ୍ୟରୁ କେହି ଜଣେ ବି ଏହି କଥାକୁ ସ୍ୱୀକାର କିମ୍ବା ଖଣ୍ଡନ କରି ନାହାନ୍ତି।



# ଅଭିନୟ ଓ ନିର୍ଦ୍ଦେଶନାର ନୂଆ ଚେହେରା ଶିବାଂଶ

ଓଡ଼ିଆ ସିନେମା ଜଗତରେ ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ଏକ ନୂଆ ଚେହେରା ଶିବାଂଶ। ଗୁରୁ ଅଜିତ ଦାସଙ୍କ ନାଟ୍ୟାନୁଷ୍ଠାନରୁ ସେ ନାଟକରେ ଅଭିନୟ କରିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଶିବାଂଶ 'ଟୁପୁର୍ ଟାପୁର୍', 'ନେଇଯାରେ ମେଘ ମୋତେ', 'ଜୀବନ ସାଥି' ଆଦି ଧାରାବାହିକରେ ଚମତ୍କାର ଅଭିନୟ କରିଛନ୍ତି। ୨୦ ରୁ ଅଧିକ ମ୍ୟୁଜିକ୍ ଭିଡିଓ ଏବଂ 'ମୁଖାଗ୍ନି' ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଛନ୍ତି। ବର୍ତ୍ତମାନ ସେ ପାଦ ଦେଇଛନ୍ତି ନିର୍ଦ୍ଦେଶନା କ୍ଷେତ୍ରରେ। ସେ ମୁମ୍ବାଇରୁ ସହ ନିର୍ଦ୍ଦେଶନାରେ କ୍ୟାରିୟର ଆରମ୍ଭ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା 'ସାମର୍ଥ୍ୟ'ରେ 'ରିତୁପ୍ରିୟା ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ଏଆଇ ଟେକ୍ନୋଲୋଜି ଆଧାରିତ ସିନେମା 'ଆରଭ' ଶ୍ରେଷ୍ଠ କାହାଣୀର ସ୍ଥାନ ଅଧିକାର କରିଥିଲା। ସେହିପରି ଜାତୀୟସ୍ତରର କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାରେ ମଧ୍ୟ ତାଙ୍କ ଅଭିନୀତ, କାହାଣୀ ଓ ନିର୍ଦ୍ଦେଶନାରେ ନିର୍ମିତ 'ଓଟୁ କଲାପ୍ସ' ପ୍ରଶଂସିତ ହୋଇ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲା। ଆଗାମୀ ଦିନରେ ସେ ଏକ ଭିନ୍ନ ଧରଣର ସିନେମାରେ ନିର୍ଦ୍ଦେଶନା ଦେବା ସହିତ ଅଭିନୟ କରିବାକୁ ଯାଉଛନ୍ତି। ଏହା ଦର୍ଶକଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■




# 'ଛକିଶୂନ' ସିନେମାରେ କ୍ରିଷ୍ଟା

ଖୁବ୍ ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଛକିଶୂନ'। ମାନସ ପଢ଼ିଆରୀଙ୍କ ନିର୍ଦ୍ଦେଶିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅନୁଭବ ମହାନ୍ତି ନଜର ଆସିବେ। ଆମର ମ୍ୟୁଜିକ୍ ଏବଂ ଟୁ ନାଇନ୍ ଫିଲ୍ମସ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ନବୀନ ଭଣ୍ଡାରୀ ଏବଂ ଜାଗୃତି ଏ.ମହାନ୍ତି। ତେବେ ଏବେ ଏହି ସିନେମାରେ ଏକ ବିଶେଷ ଭୂମିକାରେ କମେଡ଼ି କୁଇନ୍ କ୍ରିଷ୍ଟା ପ୍ରିୟଦର୍ଶିନୀ ରାଉତଙ୍କୁ ଦେଖିବାକୁ ମିଳିବ। ଏହି କଥା ମାନସ ତାଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜଣାଇଛନ୍ତି। ନିଜ ସହ ସେ କ୍ରିଷ୍ଟାଙ୍କ ଫଟୋ ସେୟାର୍ କରିଥିବା ଦେଖିବାକୁ ମିଳିଛି। ତେବେ ବିଭିନ୍ନ ପ୍ରକାର କମେଡି ମାଧ୍ୟମରେ ଲୋକଙ୍କୁ ହସେଇ ହସେଇ ବେଦମ କରୁଥିବା କ୍ରିଷ୍ଟା ଏହି ସିନେମାରେ କିଭଳି ନଜର ଆସିବେ, ତାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ■

ପରଦା ପଛର କାହାଣୀ

# ବାଘ ସହ ଅମିତାଭଙ୍କ ଲଢ଼େଇ

ବଲିଉଡ୍ ମହାନାୟକ ଅମିତାଭ୍ ବଚ୍ଚନ ଭାରତୀୟ ସିନେମା ଜଗତରେ ବ୍ଲାକ୍ ଆଣ୍ଡ ହ୍ୱାଇଟ୍‌ରୁ ନେଇ ଭିଏଫ୍ଏକ୍ସ, ସିଜିଆଇ ସମୟ ଦେଖିଛନ୍ତି। ଫିଲ୍ମ ଦୁନିଆରେ ଏବେ ଏଆଇର ପ୍ରବେଶକୁ ମଧ୍ୟ ଦେଖୁଛନ୍ତି। ଏକଦା ସମୟ ଥିଲା, ଯେଉଁଠି ସବୁ ଜିନିଷକୁ ବିନା ଏଡିଟିଂରେ ସତସତିକା କରିବାକୁ ପଡୁଥିଲା। ଷ୍ଟଣ୍ଟ ହେଉ ଅବା ଫାଇଟ୍ ସିନ୍ ଅନେକ ଦୃଶ୍ୟ ଅମିତାଭ ବଚ୍ଚନ ବାସ୍ତବରେ ସୁଟ୍ କରିଛନ୍ତି। ଏହାରି ମଧ୍ୟରେ ଶରୀରରେ କେବେ ଗଭୀର ଆଘାତ ଲାଗିଛି ତ ପୁଣି କେତେବେଳେ ମରଣ ମୁହଁରୁ ବଞ୍ଚିଛନ୍ତି। ଏମିତି ଏକ ଦୃଶ୍ୟ ଅମିତାଭ ବଚ୍ଚନଙ୍କ ଫିଲ୍ମ 'ଖୁନ୍ ପସିନା'ରେ ଥିଲା। ଏହି ଫିଲ୍ମରେ ବାଘ ସହିତ ଅମିତାଭ ଲଢ଼େଇ କରୁଥିବାର ଏକ ଦୃଶ୍ୟ ଥିଲା। ଅମିତାଭ ବଚ୍ଚନ ଏକ ସାକ୍ଷାତକାରରେ ନିଜେ ଏକଥା କହିଛନ୍ତି। ତାଙ୍କୁ ଏଥିପାଇଁ ସେଟ୍‌ରେ ଏକ ସ୍ୱତନ୍ତ୍ର ଜ୍ୟାକେଟ୍ ପ୍ରଦାନ କରାଯାଇଥିଲା। କିନ୍ତୁ ସେ ଜାଣି ନ ଥିଲେ, ଫିଲ୍ମମେକର୍ ସତସତିକା ବାଘ ସହ ଲଢ଼େଇ ପାଇଁ କହିବେ। କଥାଟି ଟିକିଏ ଅଡୁଆ ଲାଗୁଥିଲେ ମଧ୍ୟ ଘଟଣାଟି ସତ। ତେବେ ସେ ବିନା ଷ୍ଟଣ୍ଟମ୍ୟାନ୍, ବିନା ଭିଏଫ୍ଏକ୍ସରେ ବାଘ ସହିତ ଫାଇଟ୍ କରିଥିଲେ। ଏହା ତାଙ୍କ ପାଇଁ ଖୁବ୍ ଆହ୍ୱାନପୂର୍ଣ୍ଣ ଅନୁଭୂତି ଥିଲା, ଯାହାକୁ ସେ କେବେହେଲେ ଭୁଲି ନାହାନ୍ତି। ଏହି ଫିଲ୍ମ ବ୍ୟତୀତ ତାଙ୍କର ଆଉ ଏକ ଫିଲ୍ମ ରହିଛି, ଯେଉଁଥିରେ ସେ ସତସତିକା ବାଘ ସହ ଲଢ଼ିଥିଲେ। ଏହି ଫିଲ୍ମଟି ଥିଲା 'ମିଷ୍ଟର ନଟବରଲାଲ୍'। ଅମିତାଭ ବଚ୍ଚନ ନିଜ ଫିଲ୍ମ କ୍ୟାରିୟରରେ ଜୀବନକୁ ବାଜି ଲଗାଇ ଅନେକ ଦୁଃସାହସିକ କାର୍ଯ୍ୟ କରିଛନ୍ତି। ■



# 'ଭାଗ୍ୟରେଖା'ରେ ନୂଆ ମୋଡ଼



ଜୀ ସାର୍ଥକରେ ପ୍ରସାରିତ ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା' ଏବେ ୫୦୦ ଅଧ୍ୟାୟ ଅତିକ୍ରମ କରି ସାରିଛି। ଆଗକୁ ଏହି ଧାରାବାହିକର କାହାଣୀରେ ଆସିବ ରୋମାଞ୍ଚକର ମୋଡ଼। ସୌଭାଗ୍ୟ ଓ କାଜଲଙ୍କ ନିର୍ବନ୍ଧ ଦିନ ସୌଭାଗ୍ୟ ସ୍ମୃତିକୁ ଭୁଲ ବୁଝି ବହୁତ କିଛି କହି ଦେଇଛନ୍ତି, ଯାହାର ଫଳ ସ୍ୱରୂପ ସ୍ମୃତି ଘର ଛାଡ଼ି ଚାଲି ଯିବାର ନିଷ୍ପତ୍ତି ନେଇଛନ୍ତି। ସ୍ମୃତି ଘରୁ ବାହାରକୁ ଯିବା ପରେ, ଅମିତ ତାଙ୍କୁ ଅପହରଣ କରି ଏକ ମନ୍ଦିରରେ ବିବାହ କରିବାକୁ ବାଧ କରେ। ହେଲେ ଠିକ୍ ସମୟରେ ସୌଭାଗ୍ୟ ପହଞ୍ଚି ସ୍ମୃତିଙ୍କୁ ଉଦ୍ଧାର କରନ୍ତି ଓ ସେହି ସ୍ଥାନରୁ ଖସିଯିବା ସମୟରେ, ଦୁହେଁ ରାତିସାରା ଅନ୍ୟ ଏକ ମନ୍ଦିରରେ ଲୁଚି ରହନ୍ତି। ଭୋର ସମୟରେ ଗାଁ ଲୋକମାନେ ସେମାନଙ୍କୁ ପାଇଥାନ୍ତି ଏବଂ ସେମାନେ ଘରୁ ଲୁଚି ପଳାଇଯାଇଥିବା ଭାବି ମନ୍ଦିରର ସମ୍ମାନ ଓ ପବିତ୍ରତା ରକ୍ଷା ପାଇଁ ସେମାନଙ୍କୁ ସେହି ମନ୍ଦିରରେ ବିବାହ କରିବାକୁ ବାଧ କରନ୍ତି। ଗାଁ ଲୋକ ଧମକ ଦିଅନ୍ତି କି ଯଦି ସେମାନେ ଏବେ ବାହା ନ ହୁଅନ୍ତି, ତେବେ ସେମାନଙ୍କୁ ହତ୍ୟା କରାଯିବ। କୌଣସି ବିକଳ୍ପ ନ ପାଇ, ସେମାନେ ବାଧ ହୋଇ ବିବାହ କରନ୍ତି। ହେଲେ ସୁପରଷ୍ଟାର ସୌଭାଗ୍ୟ ଏବଂ ସରଳ ଗ୍ରାମୀଣ ଝିଅ ସ୍ମୃତି ଘରକୁ ଫେରିବେ ତ? ସୌଭାଗ୍ୟ କ'ଣ ସ୍ମୃତିକୁ ସ୍ତ୍ରୀ ରୂପେ ଗ୍ରହଣ କରିବେ? ସେମାନଙ୍କ ପରିବାର ସମାଜର ସାମ୍ନା କରିପାରିବେ ତ? ଏମିତି ଅନେକ ପ୍ରଶ୍ନର ଉତ୍ତର ଧାରାବାହିକର ଆଗାମୀ ଅଧ୍ୟାୟରେ ଜଣାପଡ଼ିବ। ■

ସାକ୍ଷାତକାର

# "ଧୈର୍ଯ୍ୟ ରଖି କାମ କଲେ ଜଣେ ଭଲ କଳାକାର ହୋଇପାରିବ"

ବର୍ଷା ପାତ୍ର, ଅଭିନେତ୍ରୀ



କଥାରେ ଅଛି 'କପାଳ ଲିଖନ କେ କରିବ ଆନ'। ଭାଗ୍ୟରେ ଯାହା ଲେଖାଥାଏ, ତାହାକୁ କେହି ବଦଳାଇ ପାରନ୍ତିନି। ଠିକ୍ ସେହିପରି ପୁରୀ ଜିଲ୍ଲା, ଚାରିଛକ ଜୁଣୁପୁରର ବର୍ଷା ପାତ୍ରଙ୍କୁ ଭାଗ୍ୟ ଅଭିନେତ୍ରୀ ସଜାଇ ଦେଇଛି। ଏକ ରିଆଲିଟି ଶୋ'ରେ ଶ୍ରୀକାନ୍ତ ଗୌତମଙ୍କ ସହ ଭେଟ ହେବା ପରେ ସେ ତାଙ୍କୁ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ଦେଇଥିଲେ। ସେବେଠୁ ବର୍ଷା ପଛକୁ ଫେରି ଚାହିଁ ନାହାନ୍ତି। ଅନେକ ଧାରାବାହିକ, ୱେବ୍ ସିରିଜ୍ ଏବଂ ଓଡ଼ିଆ ସିନେମାରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଛନ୍ତି। ଏବେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ସେ ମାଧବୀ ଚରିତ୍ରରେ ଅଭିନୟ କରୁଛନ୍ତି। ଖଳନାୟିକା ଚରିତ୍ର କରିବାକୁ ସେ କେତେ ସଂଘର୍ଷ କରୁଛନ୍ତି ଜାଣିବା ତାଙ୍କ ମୁହଁରୁ।

**ଅଭିନୟଯାତ୍ରା କେବେଠୁ ଆରମ୍ଭ ହେଲା ?**

● ଅଭିନେତ୍ରୀ ହେବି କି ଏ ଲାଇନ୍‌କୁ ଆସିବି ବୋଲି ଚିନ୍ତା କରିନଥିଲି। ଏକ ରିଆଲିଟି ଶୋ'କୁ ଯାଇଥାଏ। ସେଠାରେ ପ୍ରଶ୍ନର ଉତ୍ତର ଦେଲେ ଉପହାର ମିଳୁଥିଲା। ସେଠି ମୋତେ ଶ୍ରୀକାନ୍ତ ଗୌତମ ଦେଖିଥିଲେ। ତାଙ୍କ ପ୍ରଡକ୍ସନ୍ ହାଉସ୍‌ରେ ମ୍ୟୁଜିକ୍ ଭିଡିଓ କରିବାକୁ ପ୍ରସ୍ତାବ ଦେଲେ। 'ପ୍ରଧାନ ଘରର ବୋହୂ', 'ତୁମେ ଯଦି ମୋର ପାଖେ ଥିବ' ଆଦି ମ୍ୟୁଜିକ୍ ଭିଡିଓ କରିଛି। କଲର୍ସ ଓଡ଼ିଆର 'ଟୁପୁରୁ ଟାପୁରୁ' ମୋର ପ୍ରଥମ ଧାରାବାହିକ। ଏଯାବତ୍ ୮ ଟି ଧାରାବାହିକରେ କାମ କରିଲିଣି। 'ଏସିପି ନିକିତା', 'ସିଷ୍ଟର ଶ୍ରୀଦେବୀ', 'ଗଡ଼ବଡ଼', 'ସାବିତ୍ରୀ', 'ତାରିଣୀ ଆଖିର ତାରା', 'ସର୍ବଜିତା ଅନୁ' ଆଉ ଏବେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଖଳନାୟିକା ମାଧବୀ ଭୂମିକାରେ ଅଭିନୟ କରୁଛି। ଗଡ଼ବଡ଼ର 'ଚାରୁଲତା' ଚରିତ୍ର ମୋତେ ମାଇଲେଜ୍ ଦେଇଛି।

**ପ୍ରଥମେ କାମ ଆରମ୍ଭ ସମୟରେ କେତେ ନର୍ଭସ ଥିଲେ ?**

● ନୂଆ ନୂଆ କାମ କରିବା ସମୟରେ ଟିକେ ନର୍ଭସ ଥିଲି। ମୋର ପ୍ରଥମ ନିର୍ଦ୍ଦେଶକ ଥିଲେ ଅଜୟ ସିଂହ। ନୂଆ ପିଲାଙ୍କୁ ଯେମିତି ହାତ ଧରାଇ ବୁଝାନ୍ତି, ସେ ଠିକ୍ ସେମିତି ମୋତେ କାମ ଶିଖାଇଥିଲେ। କେବେ ମୋ ଉପରେ ବିରକ୍ତ ହୋଇ ନ ଥିଲେ। ତା'ଛଡ଼ା ମୁଁ ସିନିୟର୍ କଳାକାରଙ୍କୁ ସ୍କ୍ରିପ୍ଟ ଦେଖାଏ। କେମିତି ଅଭିନୟ କରିବି ବୁଝି କାମ କରେ। ସେହି ଶିଖିବା ମନୋବୃତ୍ତି ମୋତେ ଏ ଲାଇନ୍‌ରେ ତିଷ୍ଠି ରଖାଇ ପାରିଛି।

**ଖଳନାୟିକା ଭୂମିକାରେ ଅଭିନୟ କରିବାକୁ କାହିଁକି ଭାବିଲେ ?**

● ଆରମ୍ଭରୁ କମିକ୍ ଏବଂ ସକାରାତ୍ମକ ଚରିତ୍ରରେ ଅଭିନୟ କରୁଥିଲି। ତାହା ଏତେ ଦର୍ଶନୀୟ ହୋଇ ପାରିଲାନି। 'ଚାରୁଲତା' ଚରିତ୍ରରେ ଅଭିନୟ କରିବା ପରେ ମୋତେ ଖଳନାୟିକା ଚରିତ୍ର ମିଳିଥିଲା। ହୁଏତ ମୋ ଲୁକ୍ ଖଳନାୟିକା ପାଇଁ ଫିଟ୍। ଏହି ଚରିତ୍ର କରିବାକୁ ସ୍କ୍ରିପ୍ଟକୁ ପଢ଼ି ବୁଝିବାକୁ ହୁଏ। ଖଳନାୟିକାର ପ୍ରତିକ୍ରିୟା ଦେଇ ସଂଳାପ କହିବାକୁ ପଡ଼େ। ଖଳନାୟିକା ଚରିତ୍ରକୁ ଦମ୍‌ଦାର କରିବାକୁ ବିଭିନ୍ନ ଭାଷାର ଧାରାବାହିକର ଖଳନାୟିକାଙ୍କ ଅଭିନୟକୁ ଅନୁସରଣ କରେ। ମୋର ଚରିତ୍ରକୁ ବି ପ୍ରଶଂସକ ଭଲପାଇବା ଦେଉଛନ୍ତି।

**ଧାରାବାହିକରୁ ୱେବ ସିରିଜ୍ ଏବଂ ସିନେମାରେ କାମ କରିଛନ୍ତି?**

● ଧାରାବାହିକରେ କାମ କରିବା ପରେ କିଛିଟା ୱେବ ସିରିଜ୍ (ଏତେ ଭଲ ପାଏ ତତେ)ରେ କାମ କରିଛି। 'ତୁ ମୋ କମ୍‌ଜୋରି', ଫିଲ୍ମରେ କାମ କରିବାକୁ ମୋତେ ସୁଯୋଗ ମିଳିଛି। ଏହି ଫିଲ୍ମଟି ପୂରା ଫ୍ୟାମିଲି ଡ୍ରାମା। ଏଥିରେ ମୁଁ ଖଳନାୟିକା ଚରିତ୍ର କରିଥିଲି। ଚରିତ୍ରଟିକୁ ମୁଁ ଭରପୂର ଏନ୍‌ଜଏ କରିଛି।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

● ସାଜସଜ୍ଜା କରିବାକୁ ଭଲ ଲାଗେ। ସୁଟିଂରୁ ସମୟ ମିଳିଲେ ମୁଁ ମୋ ପରିବାରକୁ ସମୟ ଦିଏ।

**ଡ୍ରିମ୍ ରୋଲ୍ କ'ଣ?**

● ସକାରାତ୍ମକ, ନକାରାତ୍ମକ, କମିକ୍ ଆଦି ଚରିତ୍ରରେ କାମ କରିଛି। ମୁଁ ଚାହେଁ, ଯେଉଁ ଚରିତ୍ର ମିଳୁଛି ତାହାକୁ ମୁଁ ଭଲ କରିପାରିବି।

**କଳା ଦୁନିଆକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଏହି ଲାଇନ୍‌କୁ ନୂଆ କରି ଆସୁଥିଲେ ଗୋଟିଏ କଥା କହିବି, ପ୍ରଥମେ କାମ ଶିଖିବାକୁ ଚାହାଁନ୍ତୁ। ଘରୁ ଭାବିକି ଆସନ୍ତୁ ଏଠାକୁ କାହିଁକି ଆସୁଛନ୍ତି। ଶିଖିବାର ମନୋବୃତ୍ତି ରଖନ୍ତୁ। ଧୈର୍ଯ୍ୟ ରଖି କାମ କରିବା ଦ୍ୱାରା ଜଣେ ଭଲ କଳାକାର ହୋଇପାରିବ। ■

## ତୃତୀୟ ଦିନିକିଆ: ଜୟସ୍ୱାଲଙ୍କ ଆଗରେ ଫିକା ପଡ଼ିଲେ ଡି କକ୍

# ଟେଷ୍ଟ ପରାଜୟର ପ୍ରତିଶୋଧ ନେଲା ଭାରତ



| ଯଶସ୍ୱୀ ଜୟସ୍ୱାଲ | |
|---|---|
| ରନ | ୧୧୬ |
| ବଲ | ୧୨୧ |
| ଚୌକା | ୧୨ |
| ଛକା | ୨ |

ବିଶାଖାପାଟଣା, ୬ ।୧୨ (ଏଜେନ୍ସି):

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶନିବାର ଏଠାରେ ଅନୁଷ୍ଠିତ ଦିନିକିଆ ସିରିଜର ନିର୍ଣ୍ଣାୟକ ୩ୟ ମୁକାବିଲାରେ ଭାରତ ୯ ୱିକେଟ୍‌ରେ ସହଜରେ ବିଜୟୀ ହୋଇଛି । ପୂର୍ବରୁ ପ୍ରଥମ ମ୍ୟାଚକୁ ଭାରତ ୧୭ ରନରେ ଜିତିଥିଲା । କିନ୍ତୁ ଦ୍ୱିତୀୟ ଦିନିକିଆକୁ ଦକ୍ଷିଣ ଆଫ୍ରିକା ୪ ୱିକେଟ୍‌ରେ ବିଜୟୀ ହୋଇ ସିରିଜ ବରାବର୍ କରିଥିଲା । ଶନିବାର ବିଶାଖାପାଟଣାରେ ବିଜୟୀ ହୋଇ ଭାରତ ୨-୧ରେ ସିରିଜ ହାତେଇନେଇଛି । ଫଳରେ ଟେଷ୍ଟ ସିରିଜକୁ ୨-୦ରେ ଲଜ୍ଜାଜନକ ଭାବେ ହାରିଥିବା ଭାରତ ଏବେ ଦିନିକିଆ ସିରିଜ ଜିତି କିଛି ମାତ୍ରାରେ ଆଶ୍ୱସ୍ତି ହୋଇଛି । ଦୁଇ ଦେଶ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଏହାପରେ ଖେଳାଯିବ । କଟକର ବାରବାଟୀ ଷ୍ଟାଡିୟମରେ ସିରିଜର ପ୍ରଥମ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହେବ । ତେଣୁ ଏବେ ବାରବାଟୀ ଉପରେ ସମସ୍ତଙ୍କ ନଜର ରହିଛି ।

୨୭୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୩୯.୫ ଓଭରରେ ରୋହିତ ଶର୍ମା ( ୭୩ ବଲରେ ୭୫ ରନ) ଙ୍କ ୱିକେଟ୍ ହରାଇ ଅତି ସହଜରେ ବିଜୟୀ ହୋଇଥିଲା । ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ଦମ୍‌ଦାର ଶତକ ଏବଂ ଦୁଇ ଭେଟେରାନ ଖେଳାଳି ରୋହିତ ଓ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ଭାରତୀୟ ଇନିଂସର ମୁଖ୍ୟ ଆକର୍ଷଣ ରହିଥିଲା । ଦିନିକିଆରେ ପ୍ରଥମ ଶତକ ହାସଲ କରି ଜୟସ୍ୱାଲ ୧୧୬ ରନ କରି ଅପରାଜିତ ରହିଥିଲେ । ୧୨୧ ବଲର ଏହି ପାଳିରେ ସେ ୧୨ଟି ଚୌକା ଓ ୨ଟି ଛକା ମାରିଥିଲେ । ପ୍ରଥମ ଦୁଇଟି ମ୍ୟାଚରେ ଶତକ ହାସଲ କରିଥିବା କୋହଲି ଆଜି ମଧ୍ୟ ୬ ଚୌକା ଓ ୩ ଛକା ବଳରେ ୪୫ ବଲରେ ୬୫ ରନ କରି ଅପରାଜିତ ରହିଥିଲେ । ପ୍ରଥମ ୱିକେଟ୍‌ରେ ରୋହିତ୍ ଓ ଜୟସ୍ୱାଲ ୧୫୫ ରନ ସଂଗ୍ରହ କରି ବିଜୟ ପଥ ପରିଷ୍କାର କରିଥିଲେ । ଦିନିକିଆ କ୍ରିକେଟ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୧୦ମଥର ଲାଗି ଓପନିଂ ୱିକେଟ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ିଛି ।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା: ୨୭୦/୧୦, ୪୭.୫ ଓଭର** (ଡି କକ୍- ୧୦୬, ବଭୁମା- ୪୮, ବ୍ରେଭିସ- ୨୯, ବ୍ରିଜକେ- ୨୪, ମାର୍କରାମ- ୧, କୁଲଦୀପ୍- ୪/୪୧, ପ୍ରସିଦ୍ଧ- ୪/୬୬) ।

**ଭାରତ: ୨୭୧/୧, ୩୯.୫ ଓଭର** (ଜୟସ୍ୱାଲ- ଅପରାଜିତ ୧୧୬, ରୋହିତ ଶର୍ମା- ୭୫, ବିରାଟ କୋହଲି- ଅପରାଜିତ ୬୫, କେଶବ- ୧/୪୪) ।

### ୱିକେଟକିପର ଭାବେ ମିଳିତ ସର୍ବାଧିକ ଶତକ

ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଆଫ୍ରିକା ଦଳ ପ୍ରଥମ ଓଭରରେ ର୍‍ୟାନ ରିକେଲଟନ (୦)ଙ୍କ ୱିକେଟ୍ ହରାଇଥିଲା । ୱିକେଟକିପର ରାହୁଲଙ୍କ ହାତରେ କ୍ୟାଚ୍ କରାଇ ଅର୍ଶଦୀପ୍ ସିଂହ ଭାରତକୁ ଏହି ପ୍ରାରମ୍ଭିକ ସଫଳତା ଦେଇଥିଲେ । ଏହାପରେ ଅଧିନାୟକ ଟେମ୍ବା ବଭୁମା ଅନ୍ୟତମ ଓପନର୍ କ୍ୱିଣ୍ଟନ ଡି କକ୍‌ଙ୍କ ସହ ମିଶି ୧୧୩ ରନର ଶତକୀୟ ଭାଗୀଦାରି ଗଢ଼ିବା ସହ ସ୍ଥିତି ସମ୍ଭାଳିଥିଲେ । ତେବେ ୪୮ ରନ କରିଥିବାବେଳେ ବଭୁମାଙ୍କୁ ଆଉଟ୍ କରି ରବୀନ୍ଦ୍ର ଜାଡେଜା ଏହି ଯୋଡ଼ି ଭାଙ୍ଗିଥିଲେ । ପରବର୍ତ୍ତୀ ବ୍ୟାଟର୍‌ମାନେ ବିଫଳ ହୋଇଥିଲେ ମଧ୍ୟ ଗୋଟିଏ ପାଖରେ ଡି କକ୍ ଦୃଢ଼ତାର ସହ ବ୍ୟାଟିଂ କରି ଶତକ ହାସଲ କରିଥିଲେ । ସେ ଏଠାରେ ୨୩ତମ ଦିନିକିଆ ଶତକ ହାସଲ କରି ୧୦୬ ରନରେ ଆଉଟ୍ ହୋଇଥିଲେ । ୮୯ଟି ବଲ୍ ଖେଳିଥିବା ଡି କକ୍ ୮ଟି ଚୌକା ଓ ୬ଟି ଛକା ମାରିଥିଲେ । ଦିନିକିଆରେ ୱିକେଟ୍‌କିପର ଭାବେ ସର୍ବାଧିକ ଶତକ ମାରିବାରେ ସେ ଶ୍ରୀଲଙ୍କାର କୁମାର ସାଙ୍ଗାକରା (୨୩ଟି)ଙ୍କ ସହ ଯୁଗ୍ମ ଭାବେ ଶୀର୍ଷରେ ରହିଛନ୍ତି । ଡି କକ୍ ଆଉଟ୍ ପରେ ପରବର୍ତ୍ତୀ ବ୍ୟାଟର୍ ଆଖିଦୃଶିଆ ପ୍ରଦର୍ଶନ କରି ନ ପାରିବାରୁ ଦକ୍ଷିଣ ଆଫ୍ରିକା ୪୭.୫ ଓଭରରରେ ୨୭୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡେୱାଲ୍ଡ ବ୍ରେଭିସ ୨୯, ମାଥ୍ୟୁ ବ୍ରିଜକେ ୨୪, କେଶବ ଅପରାଜିତ ୨୦ ଓ ମାର୍କୋ ଜାନସେନ ୧୭ ରନ କରିଥିଲେ । ବୋଲିଂରେ ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବ ୪ଟି ଲେଖାଏ ୱିକେଟ୍ ପାଇଥିଲେ ।

## ୨୦ଟି ମ୍ୟାଚ୍ ପରେ ଟସ୍ ଜିତିଲା ଭାରତ

ବିଶାଖାପାଟଣା, ୬।୧୨ (ଏଜେନ୍ସି): କ୍ରମାଗତ ୨୦ଟି ମ୍ୟାଚ୍‌ରେ ଟସ୍ ହାରିବା ପରେ ଭାରତ ଦିନିକିଆ କ୍ରିକେଟ ଫର୍ମାଟରେ ଏଠାରେ ଆଜି ଟସ୍ ଜିତିବାରେ ସମର୍ଥ ହୋଇଛି । ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଶେଷ ଦିନିକିଆରେ ଭାରତୀୟ ଅଧିନାୟକ ଲୋକେଶ ରାହୁଲ ଏହି ଟସ୍ ଜିତିଥିଲେ । ୨୦୨୩ ବିଶ୍ୱକପ୍ ଫାଇନାଲ ପରେ ଭାରତୀୟ ଦଳର ୩ ଜଣ ନେତୃତ୍ୱ ନେଇଥିଲେ ମଧ୍ୟ କେହି ଟସ୍ ଜିତିପାରି ନ ଥିଲେ । ଅନ୍ୟ ଦୁଇ ଦୁର୍ଭାଗ୍ୟଶାଳୀ ଅଧିନାୟକ ହେଲେ ରୋହିତ ଶର୍ମା ଓ ଶୁବମନ ଗିଲ୍ । ଏଠାରେ ରାହୁଲ ବାମ ହାତରେ କଏନ୍ ପକାଇଥିଲେ ।

## କୁମ୍ବଲେଙ୍କୁ ଟପିଲେ କୁଲଦୀପ୍

ଏହି ମ୍ୟାଚ୍‌ରେ ଭାରତର କୁଲଦୀପ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି । ଏହା ଫଳରେ ଦିନିକିଆ କ୍ରିକେଟରେ ସେ ସର୍ବାଧିକ ୧୧ଥର ଲାଗି ଦିନିକିଆ କ୍ରିକେଟରେ ୪ ୱିକେଟ ସଫଳତା ପାଇଛନ୍ତି । ତାଙ୍କ ପୂର୍ବରୁ ଅନିଲ କୁମ୍ବଲେ ଓ ଜାଭାଗଲ ଶ୍ରୀନାଥ ୧୦ଥର ଲେଖାଏଁ ଏହି ସଫଳତା ପାଇଥିଲେ ।

### ଭାରତ ବିପକ୍ଷରେ ସପ୍ତମ ଶତକ

ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓପନର କ୍ୱିଣ୍ଟନ ଡି କକ୍ ୮୦ ବଲ୍‌ରେ ୮ ଚୌକା ଓ ୬ ଛକା ସହ ଦିନିକିଆରେ ୨୩ତମ ଶତକ ହାସଲ କରିଛନ୍ତି । ଭାରତ ବିପକ୍ଷରେ ଏହା ତାଙ୍କର ୨୩ତମ ଇନିଂସରେ ୭ମ ଶତକ । ପୂର୍ବରୁ ୮୫ଟି ଇନିଂସରେ କୁମାର ସାଙ୍ଗାକାରା ୭ଟି ଶତକ ପୂରଣ କରିଥିଲେ । ଦେଶ ବାହାରେ ଗୋଟିଏ ଦେଶରେ ୭ଟି ଶତକ ହାସଲ କରିବାରେ ସେ ୫ମ ଖେଳାଳି । ୟୁଏଇରେ ସଚିନ ତେନ୍ଦୁଲକର ଓ ସଇଦ୍ ଅନ୍‌ୱାର, ଭାରତରେ ଏବି ଡିଭିଲର୍ସ ଓ ଡି କକ୍, ଇଂଲଣ୍ଡରେ ରୋହିତ ଶର୍ମା ଏହି ସଫଳତା ପାଇଛନ୍ତି । ଦକ୍ଷିଣ ଆଫ୍ରିକାର ଅଧିନାୟକ ଟେମ୍ବା ବଭୁମା ବିଶ୍ୱର ବୟସ୍କ ଖେଳାଳି ଭାବେ ୨,୦୦୦ ରନ୍ ପୂରଣ କରିଛନ୍ତି ।

## ଗିଲ୍ ଫିଟ୍, ଖେଳିବେ ଟି-୨୦

ବେଙ୍ଗାଲୁରୁ, ୬।୧୨ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଫିଟ ଘୋଷିତ କରାଯାଇଛି । ଏହା ଫଳରେ ସେ କଟକରେ ମଙ୍ଗଳବାର ବା ଡିସେମ୍ବର ୯ରୁ ଆରମ୍ଭ ହେବାକୁ ଥିବା ଟି-୨୦ ସିରିଜ୍‌ରେ ଖେଳିବେ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି । ଏହି ଦଳର ନେତୃତ୍ୱ ସୂର୍ଯ୍ୟକୁମାର ଯାଦବ ନେଉଥିଲାବେଳେ ଗିଲ୍ ଉପଅଧିନାୟକ ରହିଛନ୍ତି । କୋଲକାତାରେ ଦକ୍ଷିଣ ଆଫ୍ରିକା ସହ ପ୍ରଥମ ଟେଷ୍ଟ ଖେଳୁଥିଲାବେଳେ ଗିଲଙ୍କ ବେକରେ ଆଘାତ ଲାଗିଥିଲା । ଫଳରେ ସେ ଟେଷ୍ଟରେ ୪ଟି ବଲ୍ ଖେଳିଥିଲେ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ । ଏବେ ସେ କଟକରେ ଦଳ ସହ ଯୋଗଦେବେ ।




### ସୟଦ ମୁସ୍ତାକ ଅଲି ଟ୍ରଫି

# ହ୍ୟାଟ୍ରିକ: ପରାଜୟ ପରେ ଏବେ ବିଜୟ

ଭୁବନେଶ୍ୱର, ୬ ।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟ୍ରଫିରେ ଓଡ଼ିଶା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି । ପ୍ରଥମ ୩ଟି ମ୍ୟାଚରେ ହାରି ସମାଲୋଚନାର ଶିକାର ହୋଇଥିବା ବିପ୍ଳବ ସାମନ୍ତରାୟଙ୍କ ଦଳ ଏବେ ହ୍ୟାଟ୍ରିକ ବିଜୟୀ ହୋଇଛି । ଶନିବାର ଲକ୍ଷ୍ନୌରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୭୩ ରନରେ ଆସାମକୁ ପରାସ୍ତ ହରାଇଦେଇଛି । ବିପ୍ଳବଙ୍କ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ ଓ ଆଶୀର୍ବାଦ ସ୍ୱାଇଁଙ୍କ ଦ୍ରୁତ ଅର୍ଦ୍ଧଶତକ ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା ।

### ଓଡ଼ିଶାର ଦମ୍‌ଦାର ପ୍ରତ୍ୟାବର୍ତ୍ତନ

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୪ ୱିକେଟ ହରାଇ ୧୭୧ ରନ କରିଥିଲା ।


ଆଶୀର୍ବାଦ ସ୍ୱାଇଁ

ଫର୍ମରେ ଥିବା ଅଧିନାୟକ ବିପ୍ଳବ ୩ ଚୌକା ଓ ୨ ଛକା ବଳରେ ୩୨ ବଲରୁ ୪୩ ରନ କରି ଅପରାଜିତ ରହିଥିଲେ । ସେହିଭଳି ୱିକେଟ୍‌କିପର ଆଶୀର୍ବାଦ ୨୮ଟି ବଲ୍‌ରେ ଅପରାଜିତ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଯେଉଁଥିରେ ୩ଟି ଲେଖାଏ ଚୌକା ଓ ଛକା ସାମିଲ ରହିଥିଲା । ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରାଂଶୁଙ୍କ ସ୍ଥାନରେ ପଦାର୍ପଣ କରିଥିବା ଅନିଲ ପରିଡ଼ା ୧୯ ବଲରେ ୧୫, ଆଦିତ୍ୟ ରାଉତ ୨୧, ଗୌରବ ଚୌଧୁରୀ ୧୨ ଓ ସୌମ୍ୟରଞ୍ଜନ ଲେଙ୍କା ୧୬ ରନ କରିଥିଲେ । ଜବାବରେ ରିୟାନ ପରାଗଙ୍କ ନେତୃତ୍ୱାଧୀନ ଆସାମ ୧୬ ଓଭରରେ ୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ସୁମିତ ଘଡ଼ିଗାଁଓକାର (୪୩ ରନ) ଓ ଅଧିନାୟକ ରିୟାନ (୧୪)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ । ଓଡ଼ିଶା ପକ୍ଷରୁ ବିପ୍ଳବ ୩ଟି ଓ ବାଦଲ ବିଶ୍ୱାଳ ୨ଟି ୱିକେଟ୍ ନେଇଥିଲେ । ଆଶୀର୍ବାଦ ଶ୍ରେଷ୍ଠ ଖେଳାଳି ହୋଇଥିଲେ । ୬ଟି ମ୍ୟାଚରୁ ୧୨ ପଏଣ୍ଟ ପାଇ ଓଡ଼ିଶା ଏବେ ୪ର୍ଥ ସ୍ଥାନକୁ ଉଠିଛି । ଓଡ଼ିଶା ଏହାର ଶେଷ ମ୍ୟାଚରେ ସୋମବାର ମୁମ୍ବଇକୁ ଭେଟିବ ।

### ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

# ଓଡ଼ିଶାର ତନ୍‌ଭୀ ପତ୍ରୀଙ୍କୁ ଡବଲ ଟାଇଟଲ




ଭୁବନେଶ୍ୱର, ୬।୧୨ (ସମିସ): ଓଡ଼ିଶାର ନଂ-୧ ଖେଳାଳି ତନ୍‌ଭୀ ପତ୍ରୀ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଉଭୟ ବାଳିକା ବିଭାଗ ଏକକ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି । ଆଜି ଅନୁଷ୍ଠିତ ୧୫ ବର୍ଷରୁ କମ୍ ଫାଇନାଲରେ ସେ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦଙ୍କୁ ୨୧-୯-୨୧-୧୩ରେ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଥିଲେ । ଏହା ପରେ ଖେଳାଯାଇଥିବା ୧୭ ବର୍ଷରୁ କମ୍ ବିଭାଗ ଫାଇନାଲରେ ସେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କୁ ୨୦-୨୨, ୨୧-୧୭, ୨୨-୨୦ରେ ହରାଇ ଦ୍ୱିତୀୟ ଏକକ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି । କିନ୍ତୁ ୧୫ ବର୍ଷରୁ କମ୍ ବାଳିକା ଯୁଗଳରେ ଓଡ଼ିଶାର ସ୍ୱାତୀ-ନିମିଶାଙ୍କୁ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଫାଇନାଲରେ ଏମାନେ ମହାରାଷ୍ଟ୍ରର ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କଠାରୁ ହାରିଯାଇଥିଲେ । ଅନ୍ୟ କାଟାଗୋରୀ ମଧ୍ୟରୁ ୧୫ ବର୍ଷରୁ କମ୍ ବାଳକ ଏକକରେ କର୍ଣ୍ଣାଟକର ପୁଷ୍କର, ୧୭ ବର୍ଷରୁ କମ୍ ବାଳକ ଏକକରେ ଟପ୍ ସିଡ ଜଗସେର ସିଂହ ଟାଇଟଲ ବିଜୟୀ ହୋଇଛନ୍ତି ।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ଓ ଯୁବସେବା ପ୍ରମୁଖ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଆୟୋଜକ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଲୀନ କୁମାର, ଶିଳ୍ପ ନିର୍ଦ୍ଦେଶକ ଆବୋଲି ସୁନିଲ ନର୍ବାଣେ, ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ଖେଖର ବିଶ୍ୱାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ମୋଟ ୪୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ରାଜ୍ୟ ସଂଘ ପକ୍ଷରୁ ଚାମ୍ପିଅନ ତନ୍‌ଭୀ ପତ୍ରୀଙ୍କୁ ୫ ଲକ୍ଷ ଓ ଯୁଗଳ ରନର୍ସ ଅପ୍ ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କୁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

## ଫିଫା ବିଶ୍ୱକପ୍ ୨୦୨୬: ଗ୍ରୁପ୍-ଜେ'ରେ ଆର୍ଜେଣ୍ଟିନା

ୱାଶିଂଟନ ଡିସି, ୬।୧୨ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆସନ୍ତାବର୍ଷ ଜୁନ ୧୧ରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଆମେରିକା, କାନାଡା ଓ ମେକ୍ସିକୋରେ ମିଳିତ ଭାବେ ଆୟୋଜିତ ହେବ । ଏଥିଲାଗି ଡ୍ର ଉଠାଣ କାର୍ଯ୍ୟକ୍ରମ ସ୍ଥାନୀୟ କେନେଡି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୮ଟି ଟିମ୍‌କୁ ୧୨ଟି ଗ୍ରୁପ୍‌ରେ ରଖାଯାଇଛି । ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି । ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଗ୍ରୁପ୍-ଜେ'ରେ ରହିଛି । ଏହି ଗ୍ରୁପ୍‌ରେ ଆର୍ଜେଣ୍ଟିନା ସହ ଆଲ୍‌ଜେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନ ସ୍ଥାନ ପାଇଛି । ସେହିଭଳି ଗତ ସଂସ୍କରଣ ରନର୍ସଅପ୍ ଫ୍ରାନ୍ସ ଗ୍ରୁପ୍-ଆଇ'ରେ ସେନେଗାଲ୍, ନରୱେ ଓ ପ୍ଲେ ଅଫ୍-୨'ର ବିଜେତା ସହ ରହିଛି । ସର୍ବାଧିକ ୫ଥରର ବିଜେତା ବ୍ରାଜିଲ, ମରକ୍କୋ, ହାଇତି ଓ ସ୍କଟଲାଣ୍ଡ ଗ୍ରୁପ୍-ସି'ରେ ସ୍ଥାନ ପାଇଛନ୍ତି । ୧.୫୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କାରବୀୟାନ ଦୀପରାଷ୍ଟ୍ର କୁରାକାଓ ଗ୍ରୁପ୍-ଇ'ରେ ଜର୍ମାନୀ, ଆଇଭରି କୋଷ୍ଟ ଓ ଇକ୍ୱେଡର ସହ ରହିଛି । ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ୪୮ଟି ଦଳ ଅଂଶଗ୍ରହଣ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ୪୨ଟି ଟିମ୍ ଯୋଗ୍ୟତା ଲାଭ କରିଛନ୍ତି ।

# ସତ୍ୟବ୍ରତ ସ୍ମାରକୀ ଫୁଟବଲ ୧୧ରୁ

### ଚାମ୍ପିଅନଙ୍କୁ ୨ଲକ୍ଷ, ରନର୍ସଅପ୍‌ଙ୍କୁ ୧ ଲକ୍ଷ ଟଙ୍କା ଓ ଟ୍ରଫି




ଭୁବନେଶ୍ୱର, ୬।୧୨ (ସମିସ):

ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭୁବନେଶ୍ୱରର କ୍ଲବ୍-୭୩ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୧ରୁ ୧୪ ତାରିଖଯାଏ ଅନୁଷ୍ଠିତ ହେବ । ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ୮ଟି ଦଳକୁ ନେଇ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨ ଲକ୍ଷ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆୟୋଜକ କ୍ଲବ୍‌ର ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର । ଏହା ବ୍ୟତୀତ ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ୨୫,୦୦୦ ଲେଖାଏଁ, କ୍ୱାର୍ଟର ଫାଇନାଲରେ ପରାଜିତ ଦଳକୁ ୧୦,୦୦୦ ଲେଖାଏଁ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ । ପ୍ରଥମଥର ଲାଗି ଚାମ୍ପିଅନ ଦଳର କୋଚ୍‌ଙ୍କୁ ୧୦,୦୦୦ ଟଙ୍କା ଦିଆଯିବାର କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟେକ ଦିନର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ । ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟଙ୍କୁ ୨୦,୦୦୦ ଓ ମ୍ୟାନ୍ ଅଫ୍ ଦି ଫାଇନାଲଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ । ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ୟୁନିଟ-୬ ଆଥଲେଟିକ ଆସୋସିଏସନ, ରନର୍ସ ଅପ୍ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍, କଟକର ସନ୍‌ରାଇଜ୍ କ୍ଲବ୍, ଫାଓ ଏକାଦଶ ଓ ମଙ୍ଗଳା କ୍ଲବ୍, ଭୁବନେଶ୍ୱରର କିଶୋର କ୍ଲବ୍, ଝାରସୁଗୁଡା ଏକାଦଶ, ସମ୍ବଲପୁର ଫୁଟବଲ ଏକାଡେମୀ ଅଂଶଗ୍ରହଣ କରିବେ । ଏହି ଟୁର୍ଣ୍ଣାମେଣ୍ଟଟି ଦିବାରାତ୍ରରେ ଖେଳାଯିବ । ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରାୟୋଜକ ୟୁନିଲାଇଟ୍‌ର ଭାଇସ ପ୍ରେସିଡେଣ୍ଟ ସତ୍ୟନାରାୟଣ ନନ୍ଦ, ସମ୍ପାଦକ ସୁବ୍ରତ ପଟ୍ଟନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ ଯୁଗ୍ମ ସମ୍ପାଦକ ଦେବବ୍ରତ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS